ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 14/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 260 | ମୂଲ୍ୟ ₹୭/-



### ସୁମିତ୍ ସଙ୍ଗୱାନ ୟୁପି ଯୋଦ୍ଧାସ୍ ଅଧିନାୟକ

ପ୍ରୋ-କବାଡ଼ି ଲିଗ୍‌ର ଆଗାମୀ ସଂସ୍କରଣ ପାଇଁ ୟୁପି ଯୋଦ୍ଧାସ୍ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ସୁମିତ୍ ସଙ୍ଗୱାନ। ୧୪

୦୨

### ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି'ର ରେକର୍ଡ

ଅଭିନେତା ରଜନୀକାନ୍ତଙ୍କ 'କୁଲି' ଫିଲ୍ମ ରିଲିଜ୍ ପୂର୍ବରୁ କେବଳ ଆଡ୍‌ଭାନ୍ସଡ୍ ବୁକିଂରେ ବିଶ୍ୱବ୍ୟାପୀ ୮୮ କୋଟି ଟଙ୍କାର ବ୍ୟବସାୟ କରି ରେକର୍ଡ କରିଛି।





ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଇଁ ବୁଧବାର ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍। (ଫଟୋ- ବିକାଶ ନାୟକ)

# ସୁଦୃଢ଼ ହେବ ନର୍ସିଂ ଶିକ୍ଷା

## ରାଜ୍ୟ କ୍ୟାବିନେଟ୍‌ରେ ୭ ପ୍ରସ୍ତାବକୁ ଅନୁମୋଦନ

**ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବୁଧବାର ରାଜ୍ୟ କ୍ୟାବିନେଟ ୬ଟି ବିଭାଗର ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ତଦନୁଯାୟୀ ଓଡ଼ିଶାରେ ନର୍ସିଂ ଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନର୍ସିଂ ଏଜୁକେଶନ, ସର୍ଭିସ୍ ରୁଲ୍ସ-୨୦୨୫ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହ ରାଜ୍ୟର ୭ ମେଡିକାଲ କଲେଜ ଓ ହସ୍ପିଟାଲରେ ୭ ନୂଆ ନର୍ସିଂ କଲେଜ ଖୋଲାଯିବ। ସେହିପରି ସମ୍ବଲପୁରକୁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା, ଭୁବନେଶ୍ୱରରେ ପୂର୍ବ ଭାରତର ପ୍ରଥମ ବିଶ୍ୱସ୍ତରୀୟ ବିମାନ ରକ୍ଷଣାବେକ୍ଷଣ, ମରାମତି ଓ ନବୀକରଣ (ଏମ୍‌ଆର୍‌ଓ) ସୁବିଧା ସ୍ଥାପନ, କୃଷକଙ୍କୁ ଉତ୍ପାଦର ଉଚିତ ମୂଲ୍ୟ ଓ ଉତ୍ତମ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୮ଟି ମଣ୍ଡିକୁ ମଡେଲ ମଣ୍ଡି ଭାବରେ ବିକଶିତ କରାଯିବା, ସହରରେ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍‌ର ସୁବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି।**

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ବୁଧବାର ଲୋକସେବା ଭବନରେ ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ନର୍ସିଂ ଶିକ୍ଷା, ସେବା ନିୟମ-୨୦୨୫ ପ୍ରସ୍ତୁତି ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏହାଦ୍ୱାରା ରାଜ୍ୟରେ ନର୍ସିଂ ସେବା ତ୍ୱରାନ୍ୱିତ ହୋଇପାରିବ।

### ଖୋଲିବ ୭ ନୂଆ ସରକାରୀ ନର୍ସିଂ କଲେଜ

ବର୍ତ୍ତମାନ ରାଜ୍ୟରେ ୮ଟି ସରକାରୀ ନର୍ସିଂ କଲେଜ ଓ ୨୧ଟି ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ର ଚାଲୁଛି। ରାଜ୍ୟରେ ଥିବା ୭ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କେନ୍ଦ୍ରୀୟ ପ୍ରାୟୋଜିତ ୭ଟି ନୂତନ ନର୍ସିଂ କଲେଜ ଖୋଲିବା ପ୍ରକ୍ରିୟା ଜାରି ରହିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସେ ପୁଣି କହିଛନ୍ତି,୨୦୨୫ ଓଡ଼ିଶା ନର୍ସିଂ ଶିକ୍ଷା ସେବା କ୍ୟାଡର ଗଠନ ହେବା ଦ୍ୱାରା ଖାଲିପଡ଼ିଥିବା ମୂଳ ଟ୍ୟୁଟର ପଦବୀଗୁଡ଼ିକୁ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକମାନଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ।

## ସମ୍ବଲପୁର ସହରାଞ୍ଚଳକୁ ଯୋଗାଯିବ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ

ରାଜ୍ୟର ୧୧୦ଟି ସହରାଞ୍ଚଳରେ ଲାଗିଥିବା ସାର୍ବଜନୀନ ଷ୍ଟ୍ରିଟ୍ ଲାଇଟ୍ (ଏଲ୍‌ଇଡି) ପ୍ରକଳ୍ପକୁ କାର୍ଯ୍ୟାନ୍ୱୟନ କରିବା ସହିତ ସମ୍ବଲପୁର ସହରାଞ୍ଚଳବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବର୍ଦ୍ଧିତ ପାନୀୟଜଳ ଚାହିଦା ପୂରଣ କରିବା ପାଇଁ ଜଳ ବିଶୋଧନ କେନ୍ଦ୍ରର କ୍ଷମତାକୁ ଉନ୍ନତ କରିବା ଆବଶ୍ୟକ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ର ବର୍ତ୍ତମାନ ଜନସଂଖ୍ୟା ପ୍ରାୟ ୪.୭୫ ଲକ୍ଷ ଥିବା ବେଳେ ଆକଳନ ଅନୁଯାୟୀ ୨୦୪୩ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୭ ଲକ୍ଷ ହେବ ବୋଲି ଲକ୍ଷ୍ୟ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ୱାଟର କର୍ପୋରେଶନ ☞ପୃଷ୍ଠା-୪

## ନିର୍ମାଣ ହେବ ୩୮ ମଡେଲ ମଣ୍ଡି

ଚାଷୀଙ୍କ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ଏବଂ ସ୍ୱଚ୍ଛ ଉପାୟରେ ଧାନ ସଂଗ୍ରହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ରାଜ୍ୟ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଗୋଟିଏ ଛାତ ତଳେ ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗୀଦାରିଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ନିମନ୍ତେ ରାଜ୍ୟ ସରକାର 'ମଡେଲ ମଣ୍ଡି' ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ। ଏଥିପାଇଁ ୩୦୦ କୋଟି ଟଙ୍କା ବ୍ୟୟ ହେବ। ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି)ଗୁଡ଼ିକ ନିଜସ୍ୱ ଅର୍ଥରୁ ୧୫୦ କୋଟି ଭରଣା କରିବାକୁ ରହିଥିବାବେଳେ ରାଜ୍ୟ ସରକାର ଅବଶିଷ୍ଟ ୧୫୦ କୋଟି ଟଙ୍କା ଯୋଗାଇଦେବେ। ଏଥିପାଇଁ ରାଜ୍ୟ ସରକାର ଚଳିତବର୍ଷ ବଜେଟରେ ୫୦ କୋଟି ☞ପୃଷ୍ଠା-୪

## ଭୁବନେଶ୍ୱରରେ ହେବ ବିଶ୍ୱସ୍ତରୀୟ ବିମାନ ମରାମତି କେନ୍ଦ୍ର

**ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)**

ପୂର୍ବ ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ସ୍ୱତନ୍ତ୍ର ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ବିମାନ ସେବା ପାଇଁ ଓଡ଼ିଶାକୁ ଏକ ଆଞ୍ଚଳିକ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ରାଜ୍ୟ କ୍ୟାବିନେଟ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ(ଏମ୍‌ଆରଓ) କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହା ପୂର୍ବ ଭାରତର ପ୍ରଥମ ବଡ଼ ଏମ୍‌ଆରଓ କେନ୍ଦ୍ର ହେବ। ଏହି ପ୍ରକଳ୍ପ ସରକାରଙ୍କ ବି-ମାନ(ବିଲ୍‌ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ☞ପୃଷ୍ଠା-୪

## ଶ୍ରୀମନ୍ଦିର ଉଡ଼ାଇଦେବାକୁ ଧମକପୂର୍ଣ୍ଣ ଲେଖା

**ପୁରୀ, ୧୩।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗର ବୁଢ଼ୀ ମା' ମନ୍ଦିର କାନ୍ଥରେ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ହାତରେ ଲେଖାଯିବା ସହିତ ଫୋନ୍ ନମ୍ବର ମଧ ଦିଆଯାଇଛି। ଏପରି କି ମନ୍ଦିରକୁ ଉଡ଼ାଇଦେବାକୁ ମଧ ଧମକ ଦିଆଯାଇଥିବା ଉକ୍ତ ଲେଖାରେ ଦେଖିବାକୁ ମିଳିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ଧମକ ଦିଆଯାଇଛି। ବୁଧବାର ସକାଳେ ଏହା ଜଣାପଡ଼ିବା ପରେ ପୁରୀରେ ଚାଞ୍ଚଲ୍ୟ ସୃଷ୍ଟି ହେବାସହ ପୋଲିସ ବିଭାଗର ନିଦ ହଜିଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।



ଅଟକ ଥିବା ବ୍ୟକ୍ତି ଜଣକ ଗଡ଼ିଶାଗଦା ଥାନା ଅଞ୍ଚଳର ରଘୁନାଥ ସାହୁ(୫୫) ବୋଲି ଜଣାପଡ଼ିଛି। ସେ ସାମାନ୍ୟ ମାନସିକ ଭିନ୍ନକ୍ଷମ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବୁଧବାର ସକାଳେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ବାଲିସାହି ରାସ୍ତାରେ ଥିବା ମା' ବୁଢ଼ୀ ମା' ମନ୍ଦିର କାନ୍ଥର ଦୁଇଟି ସ୍ଥାନରେ କିଛି ଲେଖାଯାଇଥିବା ☞ପୃଷ୍ଠା-୪

## ୟୁରାନିୟମ୍ ଖନନରେ ଘରୋଇ କମ୍ପାନୀକୁ ଅନୁମତି ଦେଇପାରେ କେନ୍ଦ୍ର

**ନୂଆଦିଲ୍ଲୀ, ୧୩।୮**

ସରକାରୀ ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ୭୬,୦୦୦ ଟନ୍ ୟୁରାନିୟମ୍ ରହିଛି, ଯାହାକି ୩୦ ବର୍ଷ ପାଇଁ ୧୦,୦୦୦ ମେଗାୱାଟ୍‌ର ଆଣବିକ ଶକ୍ତିକୁ ଇନ୍ଧନ ଦେବା ପାଇଁ ପର୍ଯ୍ୟାପ୍ତ। ୨୦୪୭ ମସିହା ସୁଦ୍ଧା ଆଣବିକ ଶକ୍ତି ଉତ୍ପାଦନ କ୍ଷମତାରେ ୧୨ ଗୁଣା ବୃଦ୍ଧି ଘଟାଇ ଏହାକୁ ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଦେଶରେ ୟୁରାନିୟମ୍ ଖନନ, ଆମଦାନୀ ଓ ପ୍ରକ୍ରିୟାକରଣରେ ଘରୋଇ କମ୍ପାନୀଗୁଡ଼ିକୁ ସାମିଲକରିବା ପାଇଁ କେନ୍ଦ୍ର ସରକାର ଏକ ନୂଆ ନିୟାମକ ଢାଞ୍ଚା ଆଣିବାକୁ ଯାଉଛନ୍ତି। ପ୍ରସ୍ତାବିତ ଆଇନ କାର୍ଯ୍ୟକାରୀ ହେଲେ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅନେକ ବିଲିୟନ୍ ଡଲାର ବିଦେଶୀ ପୁଞ୍ଜିନିବେଶ ହୋଇପାରିବ। ଏଥିସହ ଆଣବିକ କ୍ଷେତ୍ରରେ ଅନେକ ଦଶନ୍ଧି ଧରି ସରକାରଙ୍କ ରହିଆସିଥିବା ଏକଚାଟିଆ ଦଖଲ ଶେଷ ହେବ। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ନୀତି ଚଳିତ ଆର୍ଥିକବର୍ଷରେ ଘୋଷଣା କରାଯିବ। ଏହା ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବସ୍ଥା ଉପକରଣ ଯୋଗାଣରେ ଘରୋଇ

### ୨୦୪୭ ସୁଦ୍ଧା ୧୨ ଗୁଣା ଆଣବିକ ଶକ୍ତି ବୃଦ୍ଧି ଲକ୍ଷ୍ୟ

ସଂସ୍ଥାଗୁଡ଼ିକୁସହାୟକହେବବୋଲିମନେକରାଯାଉଛି। ଅନ୍ୟପକ୍ଷେ ବିଦେଶୀ ପକ୍ଷଗୁଡ଼ିକୁ ଏଥିରେ ସହଭାଗିତା ସୁଯୋଗ ମିଳିଲେ ଆଣବିକ ସେକ୍ଟରରେ ଦେଶର ନିରାପତ୍ତା, ଉତ୍ତରଦାୟିତ୍ୱ ଓ ରଣନୈତିକ ନିୟନ୍ତ୍ରଣ ପ୍ରତି ବିପଦ ସୃଷ୍ଟିହେବା ଆଶଙ୍କା କରାଯାଉଛି।

କେନ୍ଦ୍ର ସରକାର ୟୁରାନିୟମ୍ ଖନନ, ଆମଦାନୀରେ ଘରୋଇ ସଂସ୍ଥାଗୁଡ଼ିକୁ ଅନୁମତି ଦେବାକୁ ଯାଉଛନ୍ତି। ତେବେ କେବଳ ଆଣବିକ ଆବର୍ଜନା ପ୍ରକ୍ରିୟାକରଣରେ ସରକାରୀ ନିୟନ୍ତ୍ରଣ ବଳବତ୍ତର ରହିବ। ଏହା କାର୍ଯ୍ୟକାରୀ ହେଲେ ଆଣବିକ ଶିଳ୍ପରେ ବିପୁଳ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟି ହେବା ସହ ଏହି କ୍ଷେତ୍ରରେ ଅନେକ ଦଶନ୍ଧି ଧରି ରହିଆସିଥିବା ସରକାରଙ୍କ ଏକଚାଟିଆ ଅଧିକାର ଶେଷ ହୋଇଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୨୪ ସୁଦ୍ଧା ଦେଶର ଆଣବିକ ଶକ୍ତି ଉତ୍ପାଦନ କ୍ଷମତାକୁ ୧୨ ଗୁଣ ପର୍ଯ୍ୟନ୍ତ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏପରି କି ପାୱାର ☞ପୃଷ୍ଠା-୪

## ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)**

୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପଞ୍ଚାୟତିରାଜ ଆଇନ ଭିତରେ ପଞ୍ଚାୟତକୁ ସୁଦୃଢ଼ କରିବା ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପାଟି ପ୍ରସ୍ତାବ ଦେଇଛନ୍ତି। ରାଜ୍ୟପାଳ ଏ ବିଷୟରେ ମଙ୍ଗଳବାର ପୁଙ୍ଖାନୁପୁଙ୍ଖଭାବେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆମେ ପଞ୍ଚାୟତ ଓ ବ୍ଲକ୍ ପୁନର୍ଗଠନ କରିପାରିବା। ଏହାଦ୍ୱାରା ଲୋକଙ୍କ ପାଖରେ ସୁବିଧାରେ ଯୋଜନା ପହଞ୍ଚିପାରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ପଞ୍ଚାୟତର ପୁନର୍ଗଠନ ପାଇଁ ନିର୍ଣ୍ଣୟ ନିଆଯାଇଛି। ରାଜ୍ୟପାଳ ଏନେଇ ପ୍ରସ୍ତାବ ଦେଇଛନ୍ତି। ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ☞ପୃଷ୍ଠା-୪

## ହାଡ଼ଭଙ୍ଗା ଚିକିତ୍ସା: ବୋନ୍ ପ୍ରୋଟିନ୍ ପ୍ରଣାଳୀ ବିକଶିତ

**ରାଉରକେଲା, ୧୩।୮ (ସଙ୍ଗୀତା ଜେନା)**

### ଏନ୍‌ଆଇଟି ରାଉରକେଲାର କୃତିତ୍ୱ

ବୋନ୍ (ହାଡ଼) ପୁନରୁଦ୍ଧାରରେ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରାଯାଇପାରିବ। ଶର୍କରା ଅଣୁ ଓ ହାଡ଼ ପ୍ରୋଟିନ୍ ଯୌଗିକକୁ ଏଥିପାଇଁ ଡିକୋଡ୍ କରାଯାଇଛି। ଏହି ଗବେଷଣାରେ ହାଡ଼ଭଙ୍ଗା, ଆଘାତ ଏବଂ ଅବକ୍ଷୟ ହାଡ଼ ରୋଗର ଚିକିତ୍ସା ପାଇଁ ଜୈବ ସାମଗ୍ରୀ ଓ ଔଷଧ ବିତରଣ ପ୍ରଣାଳୀ ବିକଶିତ କରିବାରେ ସାହାଯ୍ୟ କରିବ। ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ଏପରି ଏକ ପ୍ରଣାଳୀ ବିକଶିତ କରାଯାଇଛି। ଗବେଷକମାନେ ମାନବ ଶରୀରରେ ଥିବା ପ୍ରାକୃତିକ ଶର୍କରା ପରି ଅଣୁଗୁଡ଼ିକ ହାଡ଼ ଗଠନ ଓ ମରାମତି ପାଇଁ ଦାୟୀ ଏକ ପ୍ରୋଟିନ୍ ବୋନ୍ ମର୍ଫୋଜେନେଟିକ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଭାରତରେ ଆର୍ଯ୍ୟ



## ସଂକ୍ଷେପରେ

### ଟ୍ରକ୍-ଭ୍ୟାନ୍ ଧକ୍କା: ୭ ଶିଶୁ ସମେତ ୧୧ ମୃତ

ଜୟପୁର, ୧୩।୮ (ପି.ଟି.)

ରାଜସ୍ଥାନର ଦୌସା ଜିଲାର ମନୋହରପୁର ରାଜପଥରେ ବୁଧବାର ସକାଳେ ଏକ ଟ୍ରକ୍ ଏବଂ ପିକ୍ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ଘଟି ଉତ୍ତରପ୍ରଦେଶର ୧୧ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଶିଶୁ ରହିଛନ୍ତି। ସେହିପରି ୧୦ ଜଣ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ସୂଚନା ଦେଇଛି। ଆହତଙ୍କ ମଧ୍ୟରେ ୩ ଜଣ ଶିଶୁ ରହିଛନ୍ତି। ସମସ୍ତ ମୃତକ ଉତ୍ତରପ୍ରଦେଶର ଏଟା ସହରରୁ ହୋଇଥିବା ଜଣାପଡ଼ିଛି। ଏଟାର କେତେଜଣ ବ୍ୟକ୍ତି ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିର ଏବଂ ଶଲଶର ବାଲାଜୀ ମନ୍ଦିରରେ ଦର୍ଶନକରି ପିକ୍ଅପ୍ ଭ୍ୟାନ ଯୋଗେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ପିକ୍ଅପ୍ ଭ୍ୟାନଟି ୨୦ ଜଣଙ୍କୁ ଧରି ଯାଉଥିଲା ବୋଲି ଦୌସା ଏସ୍‌ପି ସାଗର ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଶୋକ ବ୍ୟକ୍ତ କରିଛନ୍ତି।

### ୧୮ରେ ଭାରତ ଆସିବେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଆସନ୍ତା ୧୮ରେ ଭାରତ ଗସ୍ତରେ ଆସୁଛନ୍ତି। ଏହି ଗସ୍ତବେଳେ ୱାଙ୍ଗ୍ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କ ସହ ସୀମା ଉପରେ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ରେ ଯୋଗଦେବା ପାଇଁ ଚାଇନାର ତିଆଞ୍ଜିନ୍ ଗସ୍ତ କରିବା ଯୋଜନା ରହିଥିବାବେଳେ ଏହା ପୂର୍ବରୁ ୱାଙ୍ଗ୍ ଆସୁଛନ୍ତି। ଏହା ପୂର୍ବରୁ ସ୍ୱତନ୍ତ୍ର ପ୍ରତିନିଧି ଡୋଭାଲ ଗତ ଡିସେମ୍ବରରେ ଚାଇନା ଗସ୍ତ କରିଥିଲେ।

## ଆଜିର ଦିଲ୍ଲୀ



ଜାତୀୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବୁଧବାର ନୂଆଦିଲ୍ଲୀର ଲାଲ୍‌କିଲ୍ଲାରେ ପରେଡ୍ ଅଭ୍ୟାସ। (ଫଟୋ- ଚମନ ଗୌତମ)

# ଏସ୍‌ସିଏସ୍: ଚାଇନା-ଆମେରିକା ମୁହାଁମୁହିଁ

ୱାଶିଂଟନ୍, ୧୩।୮

ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)ରେ ଆଧିପତ୍ୟ ବିସ୍ତାର କରିଆସିଥିବା ଚାଇନା ପୁଣିଥରେ ଏହି ସାମୁଦ୍ରିକ ଜଳରାଶି ଉପରେ ଆମେରିକୀୟ ନୌସେନା ସହ ମୁହାଁମୁହିଁ ହୋଇଛି। ଚାଇନା ନୌସେନା ପକ୍ଷରୁ ବୁଧବାର କୁହାଯାଇଛି ଯେ, ଆମେରିକା ନୌସେନାର ଏକ ଯୁଦ୍ଧଜାହାଜ ଏସ୍‌ସିଏସ୍‌ରେ ଥିବା ଚାଇନାର ଜଳକ୍ଷେତ୍ରକୁ ଚାଲିଆସିଥିଲା। ଏହାକୁ ଚାଇନା ନୌସେନା ଘଉଡ଼ିଦେଇଛି। ଅନ୍ୟପକ୍ଷେ ଆମେରିକା ନିଜ ଅପରେଶନ୍‌କୁ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବୈଧ ବୋଲି ଦର୍ଶାଇଛି।

ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ସର୍ଦ୍ଦର୍ନ ଥିଏଟର କମାଣ୍ଡ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏସ୍‌ସିଏସ୍‌ର ରଣନୈତିକ କ୍ଷେତ୍ର ସ୍କାରବୋରୋ ଶୋଲ୍‌କୁ ଆମେରିକାର ଏକ ଯୁଦ୍ଧଜାହାଜ ବିନା ଅନୁମତିରେ ବେଆଇନ ଭାବେ ଅନୁପ୍ରବେଶ କରି



ଆସିଥିଲା। ଚାଇନା ନେଭି ଆମେରିକା ନୌସେନାର ଡେଷ୍ଟ୍ରୟର ୟୁଏସ୍ଏସ୍ ହିଗିନ୍ସର ଗତିବିଧି ଟ୍ରାକ୍ କରିବା ସହ ଏହାକୁ ଘଉଡ଼ିଦେଇଛି। ଆମେରିକା ସେନାର କାର୍ଯ୍ୟ ଚାଇନାର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ଗମ୍ଭୀର ହସ୍ତକ୍ଷେପ, ଯାହାକି ଦକ୍ଷିଣ ଚାଇନା ସାଗରରେ ଶାନ୍ତି ଓ ସ୍ଥିରତାକୁ ନ୍ୟୂନ କରିଦେଉଛି ବୋଲି ଏଥିରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷେ ଚାଇନାର ଏଭଳି ଅଭିଯୋଗକୁ ଆମେରିକା ନୌସେନା ଖଣ୍ଡନ କରିଛି। ଏହି ଅପରେଶନ୍ ଏକ ଆଇନଗତ ଅଧିକାର। ଉକ୍ତ ମିଶନ୍‌ର ଲକ୍ଷ୍ୟ ହେଉଛି ବିସ୍ତାରବାଦୀ ଚାଇନା ତାଇୱାନ୍ ଉଦ୍ଦେଶ୍ୟରେ ଲଗାଉଥିବା କଟକଣାଗୁଡ଼ିକୁ ହଟାଇବା। ହିଗିନ୍ସ ଏବେ ମଧ୍ୟ ନିଜ ଅପରେଶନ୍‌ରେ ନିୟୋଜିତ ରହିଛି। ଏହି ମିଶନ୍ ସମ୍ପର୍କରେ ଚାଇନାର ଦାବି ସମ୍ପୂର୍ଣ୍ଣ ମିଛ ବୋଲି ୟୁଏସ୍ ସେଭେନ୍ଥ ଫ୍ଲିଟ୍ ମୁଖପାତ୍ର ଲ୍ୟୁଟେନାଣ୍ଟ ସାରାହ ମେରିଲ୍ଲ ବ୍ଲୁମ୍‌ବର୍ଗଙ୍କୁ ଏକ ଇ-ମେଲ୍ ଯୋଗେ ଜଣାଇଛନ୍ତି। ଚାଇନା ଯାହା କହିଲେ ବି ଆମକୁ ଫରକ୍ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ଟାରିଫ୍‌କୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଏହି ଘଟଣା ବିଶ୍ୱର ଦୁଇ ବୃହତ୍ ଅର୍ଥନୀତିର ସମ୍ପର୍କରେ ଆହୁରି ତିକ୍ତତା ଭରିଦେଇଛି।

ଉଲ୍ଲେଖଯୋଗ୍ୟ, ଦକ୍ଷିଣ ଚାଇନା ସାଗର ଦୀର୍ଘବର୍ଷ ଧରି ଚାଇନା ଓ ଆମେରିକା ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ହୋଇଆସିଛି। ୨୦୧୬ରେ ନେଦରଲାଣ୍ଡସ୍ଥିତ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ୍ ଅଦାଲତ ଦେଇଥିବା ରାୟକୁ ଚାଇନା ଅମାନ୍ୟ କରି ଏସ୍‌ସିଏସ୍ ଉପରେ ନିଜ ଆଧିପତ୍ୟ ଜାହିର କରିଥାଏ। ଏହାର ବିସ୍ତୃତ ଜଳରାଶି ଉପରେ ଚାଇନାର କ୍ଷେତ୍ରିୟ ଦାବି ସହ ପଡ଼ୋଶୀ ଦେଶ ଜାହାଜଗୁଡ଼ିକର ଗତିବିଧି ଅନେକ ସମୟରେ ଚର୍ଚ୍ଚାର ବିଷୟ ହୋଇଥାଏ। ସ୍କାରବୋରୋ ଶୋଲ୍‌ରେ ମଙ୍ଗଳବାର ଦୁଇଟି ଚାଇନା ଜାହାଜ ମଧ୍ୟରୁ ଗୋଟିଏ ସହ ଫିଲିପାଇନ୍ସ କୋଷ୍ଟ ଗାର୍ଡର ଏକ ଜାହାଜ ଧକ୍କା ହୋଇଥିଲା। ଏଥିପାଇଁ ବେଜିଂ ମାନିଲାକୁ ଦୋଷ ଦେଇଥିଲା।

### ୟୁପିରେ ମୂକ-ବଧିର ଯୁବତୀଙ୍କୁ ଗଣବଳାତ୍କାର

ବଳରାମପୁର, ୧୩।୮ (ପି.ଟି.)

ଉତ୍ତରପ୍ରଦେଶର ବଳରାମପୁର ଜିଲା କୋତ୍ୱାଲୀ ଅଞ୍ଚଳରେ ଜଣେ ମାନସିକ ବିକୃତ ମୂକ-ବଧିର ଯୁବତୀଙ୍କୁ ଅପହରଣ କରି ଗଣବଳାତ୍କାର କରାଯାଇଥିବାର ଏକ ମାମଲା ସାମ୍ନାକୁ ଆସିଛି। ସୋମବାର ସନ୍ଧ୍ୟାରେ ଯୁବତୀ ଜଣକ ନିଜ ମାମୁଙ୍କ ଘରୁ ଚାଲିଚାଲି ନିଜ ଘରକୁ ଫେରୁଥିବା ସମୟରେ ଏକ ନିର୍ଜନ ରାସ୍ତାରେ ବାଇକ୍‌ରେ ୨ ଜଣ ଯୁବକ ଆସି ତାଙ୍କୁ ଅପହରଣକରି ନେଇଥିଲେ। ସେମାନେ ଯୁବତୀଙ୍କୁ ସ୍ଥାନୀୟ ବାହାଦୁରପୁର ଥାନା ପଛପଟ ବୁଦାକୁ ନେଇ ସେଠାରେ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପରିବାରର ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କୁ ଜୋର ଜବରଦସ୍ତ ଅପହରଣ କରାଯିବାର ଭିଡିଓ ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା, ଯାହାକୁ ଆଧାରକରି ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସମ୍ପ୍ରତି ପୀଡ଼ିତା ଜଣକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୋଲିସ କହିଛି।

### ୩୫ ବର୍ଷ ପରେ ଫାଇଲ ଖୋଲିଲା

**କଶ୍ମୀରୀ ପଣ୍ଡିତ ମହିଳା ହତ୍ୟା ମାମଲା**

ଶ୍ରୀନଗର, ୧୩।୮

୧୯୯୦ରେ କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଆତଙ୍କବାଦୀ ହତ୍ୟା କରିଥିଲେ। ଜମ୍ମୁ-କଶ୍ମୀର ପୋଲିସର ରାଜ୍ୟ ତଦନ୍ତକାରୀ ସଂସ୍ଥା (ଏସ୍ଆଇଏ) ସୋମବାର ୩୫ ବର୍ଷ ପରେ ଏହି ମାମଲାର ଫାଇଲ୍ ଖୋଲିଛି। ଏସ୍ଆଇଏ ଅଧିକାରୀମାନେ ଜେଲରେ ଥିବା ଜେକେଏଲ୍ଏଫ୍ ଅଧ୍ୟକ୍ଷ ମହମ୍ମଦ ୟାଶିନ୍ ମଲିକଙ୍କ ବାସଭବନ ସମେତ ଶ୍ରୀନଗରର ୮ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ପୋଲିସ ରେକର୍ଡ ଅନୁଯାୟୀ ଅନନ୍ତନାଗର ନର୍ସ ସରଳା ଭଟ୍ଟ(୨୭)ଙ୍କୁ ୧୯୯୦ ଏପ୍ରିଲରେ ଅପହରଣ କରିନିଆଯାଇଥିଲା। ପରଦିନ ସକାଳେ ସୌରାର ମାମଲାବାଘ ଅଞ୍ଚଳରୁ ତାଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା।

# କେବିସିରେ ସୋଫିଆ, ବ୍ୟୋମିକା



ନୂଆଦିଲ୍ଲୀ, ୧୩।୮

ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ହୋଷ୍ଟ କରୁଥିବା ଲୋକପ୍ରିୟ ଟିଭି ରିଆଲିଟି ଶୋ' 'କୋନ୍ ବନେଗା କରୋଡ଼ପତି'ର ୧୭ତମ ସିଜନ୍ ସମ୍ପ୍ରତି ଜାରି ରହିଛି। ଶୁକ୍ରବାର ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଏପିସୋଡ୍ ପାଇଁ ଭାରତର ଆତଙ୍କବାଦ ବିରୋଧୀ ଅପରେଶନ ସିନ୍ଦୂର ସମ୍ପର୍କରେ ଦେଶବାସୀଙ୍କୁ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିବା ସେନାର ୨ ମହିଳା ଅଧିକାରୀ କଲୋନେଲ୍ ସୋଫିଆ କୁରେଶୀ ଓ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂଙ୍କୁ ଏହି ରିୟଲିଟି ଶୋ'କୁ ନିମନ୍ତ୍ରଣ କରାଯାଇଛି। ଶୁକ୍ରବାର ରାତି ୯ଟାରେ ସୋନି ଟିଭିରେ ଏହି ସ୍ୱତନ୍ତ୍ର ଏପିସୋଡ୍‌କୁ ଟେଲିକାଷ୍ଟ କରାଯିବ। ଏହାପୂର୍ବରୁ ସୋନି ଟିଭି ପକ୍ଷରୁ ସୋସିଆଲ ମିଡିଆରେ ଏହି ଏପିସୋଡ୍‌ର ଏକ ପ୍ରୋମୋକୁ ଜାରି କରାଯାଇଛି, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏକ ପ୍ରାଇଭେଟ କମ୍ପାନୀର ରିଆଲିଟି ଶୋ'ରେ ଭାରତୀୟ ସେନାର ୨ ବରିଷ୍ଠ ମହିଳା ଅଧିକାରୀ ଯୋଗଦେବାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ପ୍ରଶ୍ନ ଉଠାଇଛନ୍ତି। ଏହା କେନ୍ଦ୍ର ସରକାରଙ୍କ ଏକ ପିଆର୍ ଷ୍ଟଣ୍ଟ ଏବଂ ରାଜନୈତିକ ଲାଭ ପାଇଁ ୨ ସେନା ଅଧିକାରୀଙ୍କୁ ବ୍ୟବହାର କରାଯାଉଛି ବୋଲି ଅନେକ ୟୁଜର୍ସ କହିଛନ୍ତି। ଏପରି ଏପିସୋଡ୍ କରି ପ୍ରାଇଭେଟ୍ ଚ୍ୟାନେଲଗୁଡ଼ିକ ଦେଶପ୍ରେମକୁ ପ୍ରୋତ୍ସାହିତ କରୁଥିବାବେଳେ, ସେମାନେ ଭାରତ-ପାକିସ୍ତାନ ମ୍ୟାଚ୍‌ର ପ୍ରସାରଣ କରି ଲାଭବାନ ହେଉଛନ୍ତି ବୋଲି ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି।

**ପ୍ରଶ୍ନ ଉଠାଇଲେ ବିରୋଧୀ**

# ଭାରତରେ ପ୍ରତି ହଜାରେ ପ୍ରସବରେ ୬ ପିଲାଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

୨୦୨୦ରେ ଭାରତରେ ପ୍ରତି ହଜାର ପ୍ରସବରେ ୬ ନବଜାତକଙ୍କର ମୃତ୍ୟୁ ଘଟିଥିବା ନେଇ ନ୍ୟାଶନାଲ ସର୍ଭେଜ୍ ଏବଂ ସିଭିଲ ରେଜିଷ୍ଟ୍ରେଶନ ସିଷ୍ଟମ ପକ୍ଷରୁ ପ୍ରକାଶ ପାଇଥିବା ଏକ ତଥ୍ୟ ବିଶ୍ଳେଷଣ ରିପୋର୍ଟରୁ ଜଣାପଡ଼ିଛି। ପ୍ରସବ ସମୟରେ ଗ୍ରାମାଞ୍ଚଳର ମା'ଙ୍କ ତୁଳନାରେ ସହରାଞ୍ଚଳର ମା'ଙ୍କଠାରେ ନବଜାତକଙ୍କ ମୃତ୍ୟୁହାର ଅଧିକ ରହିଛି। ମୁଖ୍ୟତଃ ଉତ୍ତର ଏବଂ କେନ୍ଦ୍ରୀୟ ଭାରତରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁ ହାର ସର୍ବାଧିକ ଥିବା ନେଇ ଏହି ରିପୋର୍ଟରେ ଏମ୍ସ ଗୋରଖପୁର ଏବଂ ନୂଆଦିଲ୍ଲୀସ୍ଥିତ ଆଇସିଏମ୍ଆର୍‌ର ଗବେଷକମାନେ ପ୍ରକାଶ କରିଛନ୍ତି। 'ଦି ଲାନସେଣ୍ଟ'ର ରିଜିଓନାଲ ହେଲଥ୍ ସାଉଥ୍ ଇଷ୍ଟ ଏସିଆ ଜର୍ନାଲରେ ଉକ୍ତ ରିପୋର୍ଟ



ପ୍ରକାଶ ପାଇଛି। ଉତ୍ତର ଭାରତର ଚଣ୍ଡିଗଡ଼, ଜମ୍ମୁ-କଶ୍ମୀର ଏବଂ ରାଜସ୍ଥାନରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁହାର ସର୍ବାଧିକ ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ସିଭିଲ ରେଜିଷ୍ଟ୍ରେଶନ ସିଷ୍ଟମର ୨୦୨୦ ରିପୋର୍ଟ ଏବଂ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍ଏଫ୍ଏଚ୍ଏସ୍)ର ୫ମ ପର୍ଯ୍ୟାୟରୁ ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରି ଗବେଷକମାନେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରତି ହଜାର ପ୍ରସବରେ ନବଜାତକଙ୍କ ମୃତ୍ୟୁହାର ୬.୫୪୮ ରହୁଛି। କନ୍ୟା ନବଜାତକଙ୍କ କ୍ଷେତ୍ରରେ ଏହି ହାର ୬.୫୪ ଏବଂ ନବଜାତକ ଶିଶୁପୁତ୍ରଙ୍କ କ୍ଷେତ୍ରରେ ଏହା ୬.୬୩ ରହୁଛି। ଯେଉଁ ଜିଲାରେ ଅଧିକ ଗର୍ଭବତୀ ମହିଳା ରକ୍ତହୀନତା(ଆଇରନ୍ ଅଭାବ ଏବଂ କମ୍ ଓଜନ)ର ଶିକାର ହୋଇଛନ୍ତି, ସେଠାରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁହାର ଅଧିକ ରହିଛି। ସ୍ୱାସ୍ଥ୍ୟକର ରକ୍ତସ୍ରାବ ଅଭ୍ୟାସ ଏବଂ ସିଜେରିଆନ ପ୍ରସବରେ ନବଜାତକଙ୍କ ମୃତ୍ୟୁହାର କମ୍ ରହିଥିବା ଏହି ରିପୋର୍ଟ କହିଛି। ତେଲଙ୍ଗାନା, ତାମିଲନାଡୁ, କର୍ନାଟକ ପରି ରାଜ୍ୟରେ ପ୍ରସବ ବେଳେ ନବଜାତକଙ୍କ ମୃତ୍ୟୁହାର କମ୍ ରହିଛି।

**ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଅଧିକ**

## ଫୁରସତ୍

# ଜେଲରେ କଏଦୀଙ୍କ ପାଇଁ ଲାଇବ୍ରେରି

**ରହିଛି ୧୫ ହଜାର ବହି**

ଗାଜିଆବାଦ

ଉତ୍ତରପ୍ରଦେଶର ଗାଜିଆବାଦ ଜିଲା ଦାସ୍‌ନାଠାରେ ଥିବା ଜିଲା କାରାଗାର ପରିସର ମଧ୍ୟରେ ଏକ ଲାଇବ୍ରେରି ପ୍ରତିଷ୍ଠା କରାଯାଇଛି। ଜେଲରେ ଥିବା କଏଦୀମାନଙ୍କୁ ଶିକ୍ଷା ପ୍ରତି ପ୍ରେରିତ କରିବା ଉଦ୍ଦେଶ୍ୟରେ ଏହି ଆଧୁନିକ ଲାଇବ୍ରେରିକୁ କଏଦୀମାନଙ୍କ ପାଇଁ ଖୋଲାଯାଇଛି। ନିକଟରେ ଏହାର ଉଦ୍‌ଘାଟନ କରାଯାଇଥିଲା। ପ୍ରାରମ୍ଭିକ ଦିନଗୁଡ଼ିକରେ କଏଦୀମାନ ଏହି ପାଠାଗାରକୁ କେବଳ ପଢ଼ିବା ପାଇଁ ଆସୁନାହାନ୍ତି ବରଂ କାରାଗାରର ବାରାକ୍ ମଧ୍ୟରେ ବହି ପଢ଼ିବା ପାଇଁ ପାଠାଗାରରୁ ଅନେକ ପୁସ୍ତକ ଇସ୍ୟୁ କରୁଥିବା ନେଇ



ଜଣେ ଜେଲ କର୍ମଚାରୀ କହିଛନ୍ତି। ଏହି ପାଠାଗାରରେ ୧୫ ହଜାରରୁ ଅଧିକ ପୁସ୍ତକ ରହିଛି, ଯେଉଁଥିରେ ବିଭିନ୍ନ ଧାର୍ମିକ ଗ୍ରନ୍ଥ, ହିନ୍ଦୀ ଏବଂ ଇଂରାଜୀ ସାହିତ୍ୟ, ଆଇନ ସମ୍ବନ୍ଧୀୟ ପୁସ୍ତକ, ଆତ୍ମଜୀବନୀ ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ପାଇଁ ସାମାଜିକ ବିଜ୍ଞାନ ପୁସ୍ତକ ଆଦି ଅନ୍ତର୍ଭୁକ୍ତ।

ଗାଜିଆବାଦ ଜିଲା କାରାଗାରର ଜେଲ ଅଧୀକ୍ଷକ ସୀତାରାମ ଶର୍ମା କହିଛନ୍ତି, କଏଦୀମାନଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସେମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜେଲ ପରିସର ମଧ୍ୟରେ ନିର୍ମିତ ନୂତନ ପାଠାଗାରର ପ୍ରାରମ୍ଭିକ ଧାରା ବହୁତ ସକାରାତ୍ମକ ରହିଛି। ଏହି ପାଠାଗାର ଦ୍ୱାରା କଏଦୀମାନେ ସେମାନଙ୍କର ସମୟକୁ ଠିକ୍ ଭାବରେ ବ୍ୟବହାର କରୁଛନ୍ତି। ପୁସ୍ତକ ପଢ଼ିବା ଦ୍ୱାରା କଏଦୀମାନଙ୍କର ମାନସିକ ଚାପ ହ୍ରାସ ପାଇବ ଏବଂ ସେମାନଙ୍କ ଚିନ୍ତାଧାରାରେ ସକାରାତ୍ମକତା ବୃଦ୍ଧି ପାଇବ। ସେହିପରି କଏଦୀମାନଙ୍କର ଆତ୍ମବିଶ୍ୱାସ ମଧ୍ୟ ବଢ଼ିବ। ସାମଗ୍ରିକ ଭାବରେ ଏହି ପାଠାଗାର କଏଦୀମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ପ୍ରଭାବଶାଳୀ ପ୍ରମାଣିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ଲାଇବ୍ରେରିକୁ ଆସି ପୁସ୍ତକ ପଢ଼ିବା ପାଇଁ ଜେଲ ପ୍ରଶାସନ ପକ୍ଷରୁ କଏଦୀମାନଙ୍କୁ ଉତ୍ସାହିତ କରାଯାଉଛି। ଲାଇବ୍ରେରିରେ ୧୫,୦୦୦ରୁ ଅଧିକ ବିଭିନ୍ନ ପ୍ରକାରର ପୁସ୍ତକ ଉପଲବ୍ଧ ଥିବାରୁ କଏଦୀମାନେ ସେମାନଙ୍କ ଆଗ୍ରହ ଅନୁଯାୟୀ ପୁସ୍ତକ ଇସ୍ୟୁ କରିପାରିବେ ବୋଲି ଜେଲ ଅଧୀକ୍ଷକ କହିଛନ୍ତି। ଆଗାମୀ ଦିନଗୁଡ଼ିକରେ ଗାଜିଆବାଦ ଜିଲା କାରାଗାରରେ କାହାଣୀ କହିବା, ପଠନ ଏବଂ ସୃଜନଶୀଳ ଲେଖା ସହ ଜଡ଼ିତ ବିଭିନ୍ନ ପ୍ରକାରର ପ୍ରତିଯୋଗିତାକୁ ମଧ୍ୟ ଆୟୋଜନ କରାଯିବ। ଏହାଦ୍ୱାରା ଅଧିକରୁ ଅଧିକ କଏଦୀ ଶିକ୍ଷା ପ୍ରତି ପ୍ରେରିତ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହେବେ ବୋଲି ଜେଲ ଅଧୀକ୍ଷକ କହିଛନ୍ତି।

# ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି'ର ରେକର୍ଡ

ମୁମ୍ବାଇ

ଚଳିତବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'କୁଲି' ଗୁରୁବାର ରିଲିଜ୍ ହେବାକୁ ଯାଉଛି। ତେବେ ରିଲିଜ୍ ପୂର୍ବରୁ ଲୋକେଶ କନ୍‌ଗରାଜଙ୍କ ନିର୍ଦ୍ଦେଶିତ ଏବଂ ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଅଭିନୀତ ଏହି ଫିଲ୍ମ ଆଡ୍‌ଭାନ୍ସଡ୍ ବୁକିଂରେ ରେକର୍ଡ କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ରିଲିଜ୍ ପୂର୍ବରୁ କେବଳ ଆଡ୍‌ଭାନ୍ସଡ୍ ବୁକିଂରେ 'କୁଲି' ଫିଲ୍ମ ବିଶ୍ୱବ୍ୟାପୀ ୮୮ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ କେବଳ ତାମିଲନାଡୁରେ ଏହା ୨୭ କୋଟିର ବ୍ୟବସାୟ କରିଛି। ସେହିପରି ଆଡ୍‌ଭାନ୍ସଡ୍ ବୁକିଂରୁ ଦେଶବ୍ୟାପୀ ଏହି ଫିଲ୍ମ ୫୩ କୋଟି ଟଙ୍କାର ବ୍ୟବସାୟ କରିଛି। ଆଡ୍‌ଭାନ୍ସଡ୍ ବୁକିଂକୁ ଦୃଷ୍ଟିରେ ରଖି ରିଲିଜ୍ ହେବାର ପ୍ରଥମ ଦିନ 'କୁଲି' ଫିଲ୍ମର ବ୍ୟବସାୟ ୧୫୦ କୋଟି ଟଙ୍କା ପାର୍ କରିବ ବୋଲି କେତେଜଣ ସିନେ ସମୀକ୍ଷକ ଆକଳନ କରିଛନ୍ତି। ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ଅଭିନେତା ନାଗାର୍ଜୁନ, ସତ୍ୟରାଜ, ଆମୀର ଖାନ୍ ଓ ଅଭିନେତ୍ରୀ ଶ୍ରୁତି ହାସନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ମୂଳତଃ ତାମିଲ ଭାଷୀ ଏହି ଫିଲ୍ମକୁ ଏକକାଳୀନ ଭାବେ ହିନ୍ଦୀ, କନ୍ନଡ ଏବଂ ତେଲୁଗୁ ଭାଷାର ଡବଡ୍ ଭର୍ଜନରେ ମଧ୍ୟ ରିଲିଜ୍ କରାଯିବ। ବକ୍ସ ଅଫିସରେ 'କୁଲି'ର ମୁକାବିଲା ଅଭିନେତା ହ୍ରିତିକ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ 'ୱାର୍ ୨' ଫିଲ୍ମ ସହ ହେବ।



ରଜନୀକାନ୍ତ




## ସାନଭଉଣୀର ଗଳିତ ମୃତଦେହ ଜବତ

**ରାଖୀ ପୂର୍ଣ୍ଣିମାରେ ୨ ଭଉଣୀ ଭାସିଯିବା ଘଟଣା**

ଜଳେଶ୍ୱର(ନବୀନ ସାହୁ)/ ଭୋଗରାଇ(ପ୍ରଦୀପ ଦାସ), ୧୩।୮

ରାଖୀପୂର୍ଣ୍ଣିମା ୯ ତାରିଖରେ ଜଳେଶ୍ୱର ବ୍ଲକ ଶିଖରପୁର ପଞ୍ଚାୟତ ଶିଖରପୁର ଘାଟରେ ଜଳଲାଗି ପାଇଁ ଯାଇଥିବା ଦୁଇ ଭଉଣୀ ସୁବର୍ଣ୍ଣରେଖା ନଦୀ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ନିଖୋଜ ହେବାର ୪ଦିନ ପରେ ଭୋଗରାଇ ବ୍ଲକ ଭୁଷଣ୍ଡେଶ୍ୱର ଅଞ୍ଚଳର କୁମ୍ଭୀରଗଡ଼ିଠାରେ ବୁଧବାର ସକାଳେ ମୃତଦେହ ଭାସୁଥିବା ଅବସ୍ଥାରେ ଅଞ୍ଚଳବାସୀ ଦେଖିଥିଲେ। ଏନେଇ ଭୋଗରାଇ ପୋଲିସ ଏବଂ ଭୋଗରାଇ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ମୃତଦେହକୁ ଉଦ୍ଧାର କରି କୂଳକୁ ଆଣିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ପିନ୍ଧିଥିବା ପୋଷାକ ଦେଖି ଏହା ସାନ ଭଉଣୀ ନନ୍ଦିତା ଦାସଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ।

# ଭିମ୍‌ସାର ଛାତରୁ ଡେଇଁଲେ ରୋଗୀ

ସମ୍ବଲପୁର, ୧୩।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରକୁ ନିଜ ଗଳା କାଟି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀ ବୁଧବାର ପ୍ରଥମ ମହଲାରୁ ତଳକୁ ଡେଇଁ ପଡିଥିଲେ। ରୋଗୀ ଜଣକ ହେଲେ ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଁର ସୁବିର ସରିଦାର(୨୮)। ସୁରକ୍ଷାକର୍ମୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭିମ୍‌ସାର ଇଏନ୍‌ଟି ୱାର୍ଡରେ ରଖାଯାଇଛି। ତେବେ ସେ କାହିଁକି ଛାତରୁ ଡେଇଁପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ତଥାପି ସେ ଜଣେ ମାନସିକ ରୋଗୀ ବୋଲି ସୁବିରଙ୍କ ପରିବାର ଲୋକେ କହିଛନ୍ତି। ସେ ନିଜେ କାଟିଥିବା ଗଳାର ଷ୍ଟିଚ୍ କରାଯାଇଥିବା ବେଳେ


ପ୍ରଥମ ମହଲାରୁ ଡେଇଁଥିବା ରୋଗୀ।

ସମ୍ପୂର୍ଣ୍ଣ ସୁସ୍ଥ ଥିବା ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲ୍‌ମୋହନ ନାଏକ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସୁବିର ମଙ୍ଗଳବାର ରାତିରେ କୌଣସି ଏକ ଧାରୁଆ ଅସ୍ତ୍ରରେ ନିଜ ଗଳା କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବୁଧବାର ସକାଳେ ତାଙ୍କୁ ଭିମ୍‌ସାକୁ ସ୍ଥାନାନ୍ତର କରିଥିଲେ। ଭିମ୍‌ସାର ଆଶୁ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କର ଅସ୍ତ୍ରୋପଚାର ପାଇଁ ଭିମ୍‌ସାର ପ୍ରଥମ ମହଲାରେ ଥିବା କର୍ଣ୍ଣ, ନାସା ଓ ଗଳା(ଇଏନ୍‌ଟି) ଅସ୍ତ୍ରୋପଚାର କକ୍ଷକୁ ଏକ ଷ୍ଟ୍ରେଚରରେ ନିଆଯାଇଥିଲା। ତେବେ ପରିବାର ଲୋକ ତାଙ୍କୁ ସାଙ୍ଗରେ ଧରି ଅସ୍ତ୍ରୋପଚାର କକ୍ଷ ସମ୍ମୁଖରେ କିଛି ସମୟ ଅପେକ୍ଷା କରିଥିଲେ। ଏହି ସମୟରେ ହଠାତ୍ ସେ ଷ୍ଟ୍ରେଚରରୁ ଉଠି ପ୍ରଥମ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ।

# ଓଡ଼ିଶାର ୪ ସୀମାନ୍ତ ଗାଁକୁ ଆନ୍ଧ୍ରର ସନ୍ଧି ଚିହ୍ନଟ

## ଗାଁ ମୁଖିଆଙ୍କୁ ଦିଆଯାଇଛି ୧୮୯୮ ମସିହାର ତମ୍ବାପଟ୍ଟା

ପଟ୍ଟାଙ୍ଗି, ୧୩।୮ (ଶରତ କୁମାର ଧଳ)

ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଓଡ଼ିଶାର ଗ୍ରାମଗୁଡ଼ିକୁ ନିଜର ଅଞ୍ଚଳ ଦର୍ଶାଇବାକୁ ଆନ୍ଧ୍ର ସରକାର ଦୀର୍ଘବର୍ଷ ଧରି ଅନେକ ଫନ୍ଦିଫିକର କରି ଆସୁଛନ୍ତି। ଏନେଇ ଅନେକ ବିବାଦ ସୃଷ୍ଟି ହୋଇଥିବାବେଳେ ମାମଲା ମଧ୍ୟ ବିଚାରାଧୀନ ରହିଛି। ଆନ୍ଧ୍ରର ସେହି ଅଭ୍ୟାସ ବନ୍ଦ ହେଉନାହିଁ। ଏବେ ତେଲୁଗୁ ଭାଷାରେ ଲିଖିତ ୧୮୯୮ ମସିହାର ଏକ ତମ୍ବାପଟ୍ଟା ସମ୍ପର୍କରେ ଜଣାପଡ଼ିଛି, ଯେଉଁଥିରେ ଓଡ଼ିଶାର ୪ ଗ୍ରାମକୁ ଆନ୍ଧ୍ର ସୀମାନ୍ତ ସନ୍ଧି ଭାବେ ଚିହ୍ନଟ କରାଯାଇଛି। ଏହା ମାଧ୍ୟମରେ ଆନ୍ଧ୍ର ଉକ୍ତ ୪ ଗ୍ରାମକୁ ନିଜ ଅଞ୍ଚଳ ଦର୍ଶାଇବା ପାଇଁ ଚକ୍ରାନ୍ତ ଚଳାଇଛି। ସେହି ଗ୍ରାମର ଲୋକଙ୍କୁ କେତେକ ସରକାରୀ ସୁବିଧାସୁଯୋଗ ଦେଇ ନିଜ ରାଜ୍ୟର ବାସିନ୍ଦା ଦର୍ଶାଇବାକୁ ଆନ୍ଧ୍ର ଉଦ୍ୟମ କରୁଥିବା ଜଣାପଡ଼ିଛି। ସେହି ୪ ଗ୍ରାମ ହେଲା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ତଥା ଓଡିଶା ଅଧୀନରେ ଥିବା କାରିଡ଼ି, ପିଲକାବିଟ୍ରା, ବଡବିଟ୍ରା ଓ ରାଇପାଡୁ।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ତମ୍ବାପଟ୍ଟା ୪ ଗ୍ରାମର ଜଣେ ଲେଖାଏ ଲୋକଙ୍କୁ ଦିଆଯାଇଥିଲା। ସେଥିରେ ଗ୍ରାମର କେତେଜଣ ମୁରବି ଲୋକଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି। ସେହି ତମ୍ବାପଟ୍ଟାକୁ ଧରି ଉପରୋକ୍ତ ୪ ଗାଁର ଲୋକମାନେ ଆନ୍ଧ୍ର ସରକାର ବା ପ୍ରଶାସନ ଓ ଜନପ୍ରତିନିଧିଙ୍କ ପାଖରେ ପହଞ୍ଚି ସେମାନେ ପୂର୍ବ ପୁରୁଷରୁ ନିଜର ପରିଚୟପତ୍ର ଭାବେ ଉକ୍ତ ତମ୍ବାପଟ୍ଟା ପାଇଥିବା ଦର୍ଶାଉଛନ୍ତି। ଏହା ମାଧ୍ୟମରେ ସେମାନେ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଦାବି କରିବା ସହ ସୁବିଧାସୁଯୋଗ ହାତେଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

ସେହି ତମ୍ବାପଟ୍ଟା ପାଇଥିବା କାରିଡ଼ି ଗ୍ରାମର ଜଣେ ବ୍ୟକ୍ତିଙ୍କ ଉତ୍ତରାଧିକାରୀ କିମିଆ ପାଙ୍ଗି (୫୦) କହିଛନ୍ତି, ବ୍ରିଟିଶ ସରକାର ସମୟରେ ଆନ୍ଧ୍ର ରାଜ୍ୟ ଶ୍ରୀକାକୁଲମ୍ ଜିଲାରେ ଥିଲା। ସେତେବେଳେ ମାକୁଆ ଥାନା ଅଧୀନରେ ଓଡ଼ିଶା ସୀମାନ୍ତରେ ଥିବା


ଆନ୍ଧ୍ରର ତମ୍ବା ପଟ୍ଟା ଦେଖାଉଛନ୍ତି କାରିଡ଼ି ଗ୍ରାମର କିମିଆ ପାଙ୍ଗି।

କାରିଡି, ବିଲକାବିଟ୍ରା, ବଡ଼ବିଟ୍ରା ଓ ରାଇପାଡୁକୁ ସନ୍ଧି ଭାବେ ଚିହ୍ନଟକରି ଉକ୍ତ ପଟ୍ଟା ପ୍ରଦାନ କରାଯାଇଥିଲା। କାରିଡ଼ି ଗାଁ ତରଫରୁ କିମିଆଙ୍କ ଜେଜେବାପା ଉକ୍ତ ତମ୍ବା ପଟ୍ଟା ପାଇଥିବା ସେ କହିଛନ୍ତି। ତାଙ୍କ କହିବାନୁଯାୟୀ ପୂର୍ବପୁରୁଷଙ୍କ ସମୟରେ ପ୍ରତିବର୍ଷ ଦଶହରାରେ ଆନ୍ଧ୍ରର ସାରିକିକୁ ସେତେବେଳର ବିଧାୟକ ଡିପେଲି ସୁରି ଦୋରା ଉପରୋକ୍ତ ଗ୍ରାମର ମୁଖ୍ୟ ବ୍ୟକ୍ତିମାନଙ୍କୁ ଡକାଇ ସୁଖଦୁଃଖ ବୁଝି ଆର୍ଥିକ ସହାୟତା ଦେଉଥିଲେ। ଏହାସହ ଗ୍ରାମକୁ ଫେରିବା ପାଇଁ ସହଯୋଗ କରି ଆସୁଥିଲେ। କିନ୍ତୁ ମାଡ୍ରାସ ପ୍ରେସିଡେନ୍ସି ଆଇନ ବଦଳିବା ପରେ ବିଜୟନଗରମ୍‌କୁ ଜିଲା ଭାବେ ଘୋଷଣା ହେବା ପରେ ଦଶହରା ସମୟରେ ଡକାଇବା ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା। କିନ୍ତୁ ଆନ୍ଧ୍ରର ସରକାରୀ ଅଧିକାରୀ ବା କର୍ମଚାରୀ ଆମମାନଙ୍କ ଯୋଗାଯୋଗରେ ରହିଛନ୍ତି ବୋଲି କିମିଆ କହିଛନ୍ତି।

ଅନ୍ୟପକ୍ଷରେ ୨ ବର୍ଷ ପୂର୍ବେ ଆନ୍ଧ୍ର ସରକାର କେତେକ ନୂତନ ଜିଲା ଘୋଷଣା କରିବା ପରେ ବର୍ତ୍ତମାନ ଓଡ଼ିଶାର ଉପରୋକ୍ତ ସୀମାନ୍ତ ଗ୍ରାମଗୁଡ଼ିକ ମାନ୍ୟମ୍ ଜିଲା ପାର୍ବତୀପୁରମ୍ ଅଧୀନରେ ରଖାଯାଇଛି। କାରିଡି, ଏଟିଗାବଡ଼ର ଓ ରାଇପାଡୁ ଓଡ଼ିଶାର ସୀମାନ୍ତରେ ଥିବାବେଳେ ଆନ୍ଧ୍ରର ଚମ୍ପେଙ୍ଗପାଡୁ ପଞ୍ଚାୟତ ସାଲୁର୍ ବ୍ଲକ ଅଧୀନରେ ରହିଛି, ଯାହାକି କାରିଡ଼ି ଗ୍ରାମରୁ ୪ କି.ମି.ଦୂରରେ ରହିଛି। ଚଲା ବାଟଦେଇ ଚମ୍ପେଙ୍ଗପାଡୁ ପଞ୍ଚାୟତରେ ପହଞ୍ଚିବାକୁ ପଡ଼ିଥାଏ ବୋଲି କିମିଆ କହିଛନ୍ତି। କିମିଆଙ୍କ ଭଳି ବିଲକାବିଟ୍ରାର ତାମାୟା ନାୟକ, ବଡ଼ବିଟ୍ରାର କ୍ରିଷ୍ଣା ମାରି ଓ ରାଇପାଡୁର ହରି ହନ୍ତାଳଙ୍କ ପୂର୍ବ ପୁରୁଷ ଏହି ତମ୍ବାପଟ୍ଟା ପାଇଥିବା ଜଣାପଡ଼ିଛି।



KUBER Group
ସେମାନଙ୍କ ପ୍ରଡକ୍ଟ ପାଇଁ ଜଣେ ଡିଲର / ଡିଷ୍ଟ୍ରିବ୍ୟୁଟର ହେବାର ଏକ ସୁବର୍ଣ୍ଣ ସୁଯୋଗ
ଘରେ ଘରେ ବିଶ୍ୱାସଯୋଗ୍ୟ ଏବଂ ପ୍ରତିଷ୍ଠିତ ବ୍ରାଣ୍ଡ PRODUCTSର
ନିଜ ସହରରେ ଡିଲର୍/ଡିଷ୍ଟ୍ରିବ୍ୟୁଟର ହୁଅନ୍ତୁ
ଯାହାର FMCG ରେ କାମ କରିବାର ଅନୁଭବ ଅଛି ଏବଂ
Security Deposit & Investment କରିପାରୁଥିବେ
ଆମ ସହ ମିଶି ରହିବାର ଅର୍ଥ ହେଲା :
1. ତୀବ୍ର ଭାବରେ ବିକ୍ରି ହୋଇପାରୁଥିବା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଉତ୍ପାଦଗୁଡିକର ବଡ ଲମ୍ବା ଧାଡି
2. ମଜଭୁତ ବ୍ରାଣ୍ଡ ପରିଚୟ - ଦର୍ଶକମାନଙ୍କ ବିଶ୍ୱାସ, ଘରେ ଘରେ ପରିଚିତ
3. ବ୍ୟବସାୟ ମାର୍କେଟିଂ ସହାୟତା- ଆମେ ଆପଣଙ୍କ ସହ ରହିଛୁ ପ୍ରତି ପାଦରେ
4. ନିୟମିତ ଯୋଗାଣ ଏବଂ ଉତ୍ତମ ଲାଭ
5. ସ୍ୱଚ୍ଛ ବ୍ୟବସାୟିକ ସମ୍ବନ୍ଧ-ସ୍ପଷ୍ଟ ନୀତି ଏବଂ ଦୀର୍ଘକାଳୀନ ଅଂଶୀଦାରତା
ସଂପର୍କ କରନ୍ତୁ:
ଫୋନ୍ ନମ୍ବର: 7303229258 Time : 10 AM to 5 PM
ଇମେଲ୍: info.kuber1234@gmail.com
କୁବେର ର ହାତ, ବିଶ୍ୱାସ ଏବଂ ସଫଳତା ସହିତ ଆସନ୍ତୁ ସାଥି ହୋଇ ସଫଳତା ର କାହାଣୀ କୁ ଆଗକୁ ବଢାଇବା
KUB-902 Odia

# ସ୍କୁଲ ଯିବାକୁ ମା' ତାଗିଦା କରିବାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ପଟ୍ଟାମୁଣ୍ଡାଇ, ୧୩।୮ (କଳ୍ପତରୁ ନାୟକ)

ସ୍କୁଲ ଯିବାକୁ ମା' ତାଗିଦା କରିବାରୁ ବୁଧବାର ଜଣେ ନବମ ଶ୍ରେଣୀ ଛାତ୍ରୀ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ମାଟିଆ ଗ୍ରାମର ପ୍ରକାଶ ଗିରିଙ୍କ ଝିଅ ପ୍ରତ୍ୟାଶା ପ୍ରିୟଦର୍ଶନୀ ଗିରି(୧୩) ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ। ବୁଧବାର ସେ ସ୍କୁଲ ଯିବାକୁ ମନା କରିଥିଲେ। ହେଲେ ପ୍ରତ୍ୟାଶାଙ୍କ ମା' ଏଥିରେ


ପ୍ରତ୍ୟାଶା ପ୍ରିୟଦର୍ଶନୀ ଗିରି

ବିରକ୍ତ ହୋଇଥିଲେ। ଏହାକୁ ନେଇ ମା' ଓ ଝିଅଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ମା' କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ପ୍ରତ୍ୟାଶା ନିଜ ଓଢ଼ଣୀକୁ ବେକରେ ବାନ୍ଧି ଘରରେ ଝୁଲିପଡିଥିଲେ। ମା' କାମ ସାରି ଘରକୁ ଫେରି ଝିଅର ଝୁଲନ୍ତା ମୃତଦେହ ଦେଖି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ। ତୁରନ୍ତ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରୁ ଛାତ୍ରୀଙ୍କ ମା' ତାଙ୍କୁ ପଢ଼ିବା ଓ ସ୍କୁଲ ଯିବା ପାଇଁ ତାଗିଦା କରୁଥିଲେ। ଫଳରେ ସେ ମାନସିକ ଚାପରେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

## ଗୋଟିଏ ରାତିରେ ସାପ କାମୁଡ଼ାରେ ୩ ମୃତ

ପାତ୍ରପୁର/ଧରାକୋଟ, ୧୩।୮ (ଉମା ଚରଣ ନେପାକ/ ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମର ପୃଥକ ସ୍ଥାନରେ ମଙ୍ଗଳବାର ରାତିରେ ସାପ କାମୁଡ଼ାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଜିଲାର ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ବିଲୁଗାଁରେ ଜଣେ ଯୁବତୀ ଓ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦମୟନ୍ତୀ ଶବର (୨୬) ଓ ଲିମି କାର୍ଜି (୧୨)। ମଙ୍ଗଳବାର ରାତିରେ ଉଭୟେ ନିଜ ନିଜ ଘରେ ଶୋଇଥିବା ବେଳେ ସାପ କାମୁଡି ଦେଇଥିଲା। ଏହା ଜାଣିବା ପରେ ସେମାନଙ୍କ ପରିବାର ଲୋକେ ପୃଥକ ଭାବେ ଚିକିତ୍ସା ପାଇଁ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ମୃତ୍ୟୁ ଘଟିଥିଲା। ବୁଧବାର ମୃତଦେହକୁ ପାହାଡ଼ ତଳ ବାତରାସାହିକୁ ଆଣିବା ପରେ ବ୍ୟବଚ୍ଛେଦ ନିମନ୍ତେ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା।

ସେହିପରି ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ସୁନ୍ଦରାପଲି ଗ୍ରାମର ବଳରାମ ସାହୁ ଓରଫ ବଳିଆ(୨୫)ଙ୍କ ସାପ କାମୁଡାରେ ଜୀବନ ଯାଇଛି। ବଳରାମ ମଙ୍ଗଳବାର ନିଜ ସମ୍ପର୍କୀୟଙ୍କ ଘରକୁ ମାଣିକପୁର ନିକଟସ୍ଥ ଦୁର୍ଗାମାଧବପୁର ଯାଇଥିଲେ। ସେଠାରେ ରାତିରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ତୁରନ୍ତ ଆସିକା ମେଡିକାଲକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ଦାଦାଙ୍କ ଦଶାହରେ ପୋଖରୀରେ ବୁଡ଼ି ପୁତୁରା ମୃତ


ମୃତ ଆୟୁଷ୍ମାନ୍ ଜେନା।

ଆଳି, ୧୩।୮ (ବନମାଳୀ ସେନାପତି)

ସମ୍ପର୍କୀୟ ଦାଦାଙ୍କୁ ଶୁଦ୍ଧି ହେବାକୁ ଆସିଥିବା ଜଣେ ୧୧ବର୍ଷ ବୟସ୍କ ପୁତୁରାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିବା ଘଟଣା କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସାନମଙ୍ଗ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ଆଳି ଥାନା ଅନ୍ତର୍ଗତ ସାନମଙ୍ଗ ଗ୍ରାମର ରବି ନାରାୟଣ ଜେନାଙ୍କ ପୁଅ ଆୟୁଷ୍ମାନ୍। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ସମ୍ପର୍କୀୟ ଦାଦାଙ୍କ ଦଶାହ କର୍ମରେ ଶୁଦ୍ଧି ହୋଇ ସାରିବା ପରେ ଆୟୁଷ୍ମାନ୍ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ କୌଣସି କାରଣରୁ ଆୟୁଷ୍ମାନ୍‌ଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ଖସିଯାଇଥିଲେ। ଏହାଦେଖି ପୋଖରୀ ନିକଟରେ ଥିବା ପିଲାମାନେ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପୋଖରୀରେ ପଶି ଆୟୁଷ୍ମାନ୍‌ଙ୍କୁ ଉଦ୍ଧାର କରି ଆଳି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ କଥା ଜଣାପଡିବା ପରେ ଗ୍ରାମବାସୀ ଭାଙ୍ଗି ପଡିଥିଲେ। ଆୟୁଷ୍ମାନ୍ ଗଣେଶ ଦୁର୍ଗା ହାଇସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ। ତାଙ୍କ ବାପା ଭୁବନେଶ୍ୱରରେ ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି।

# ଗୁଳୁଗୁଳି, ଆଜି ଅଧିକାଂଶ ଜିଲାରେ ବର୍ଷା

ଭୁବନେଶ୍ୱର, ୧୩।୮ (ଅନୁରାଧା ମହାରଣା)

ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳର ପଶ୍ଚିମକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତାରେ ରହିଛି। ଏହା ପ୍ରଭାବରେ ରାଜ୍ୟରେ ବୁଧବାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। କୋରାପୁଟରେ ସର୍ବାଧିକ ୨୪.୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଅଧିକାଂଶ ଜିଲାରେ ଖରା ଓ ଗୁଳୁଗୁଳି ଅନୁଭୂତ ହୋଇଛି। ତେବେ ଲଘୁଚାପଟି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟ ଲଘୁଚାପର ରୂପ ନେଇ ୪୮ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବାର ସମ୍ଭାବନା ରହିଛି। ତେଣୁ ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦେଇଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। କୋରାପୁଟ ଓ ମାଲକାନଗିରିରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିଭଳି ପ୍ରବଳ ବର୍ଷା ନେଇ ଗଜପତି, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୟାଗଡ଼, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ମୟୂରଭଞ୍ଜ, ଢେଙ୍କାନାଳ, କେନ୍ଦୁଝର ଓ ବୌଦ୍ଧ ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହିଭଳି ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂପୁର, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ସୋନପୁରକୁ ସତର୍କ କରାଯାଇଛି। ୧୮ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

B-TEX SINCE 1942
ବି-ଟେକ୍ସ ଲୋସନ




ଯାଦୁ, କାଛୁ, ଓ କୁଣ୍ଡିଆ ରୋଗରୁ
ବି-ଟେକ୍ସ ଲୋସନ ଆରାମ ଦିଏ।
Now available on Flipkart HEALTHMUG JioMart 1mg shopbtex.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମହାନିଗମ ପକ୍ଷରୁ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସୁନ୍ଦରପଦା ହକ୍, ସମୟ: ସକାଳ ୯ଟା।
- ବନ୍ଦେ ମାତରମ୍ ପକ୍ଷରୁ ଦେଶଭକ୍ତି ପଥପାନ୍ତ ଉତ୍ସବ 'ମେରି ଜାନ୍ ହିନ୍ଦୁସ୍ଥାନ, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।

## କଟକ

- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସନ୍ଧ୍ୟାର ତୃତୀୟ ଦିବସ, ସ୍ଥାନ: ମୋହନ ମଣ୍ଡପ, ମଙ୍ଗଳାବାଗ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନିମାପଡ଼ା ନିର୍ବାଚନମଣ୍ଡଳୀରେ ପ୍ରଶାସନ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସ୍ଥାନ: ହରିପୁର ଛକ, ସମୟ: ସକାଳ ୯ଟା।
- ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ଅଙ୍କୁରାରୋପଣ, ଘଟ ସ୍ଥାପନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ପଞ୍ଚସଖା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସୁଆଁଲୋ ବ୍ରିଜ୍ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗବକୁଣ୍ଡ, ସତ୍ୟବାଦୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ଶାନ୍ତି ଯଜ୍ଞ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ, ରୂପସା, ସମୟ: ସକାଳ ୯ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ସିମୁଳିଆ କଲେଜ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କାର୍ଯ୍ୟାଳୟ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଭାଜନର ବିଭୀଷିକା ଆଲୋଚନାଚକ୍ର ଓ ପ୍ରଦର୍ଶନୀ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଆରଏସ୍ଏସ୍‌ର ବୈଠକ, ସ୍ଥାନ: ସିମୁଳିଆ କଲେଜ ପଡିଆ, ସିମୁଳିଆ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- 'ଶତାବ୍ଦୀ ପୁରୁଷ' ପାଠକାର୍ପଣ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ସାମାଜିକକର୍ମୀ ଶତ୍ରୁଘ୍ନ ଧନୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଭାରତ ଗ୍ୟାସ୍ ଅଫିସ ପାଖ, ବାଳିକା ହାଇସ୍କୁଲ ରୋଡ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୋପାଳପୁର ଚୁଡ଼ାମଣି ରାସ୍ତାର ଶିଳାନ୍ୟାସ, ସ୍ଥାନ: ଚୁଡ଼ାମଣି ଛକ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ପୋଲର ଶିଳାନ୍ୟାସ, ସ୍ଥାନ: ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ୧୧ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡାହାଣୀଗଡିଆ ଛକ, ଭଦ୍ରକ, ସମୟ : ଅପରାହ୍ନ ୪ଟା।

## କେନ୍ଦୁଝର

- ମହିଳା ମହାବିଦ୍ୟାଳୟରୁ ହର ଘର ତ୍ରିରଙ୍ଗା ସଚେତନତା ରାଲୀ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା ୩୦।
- ବିଭାଜନ ବିଭୀଷିକା ଦିବସ ଉପଲକ୍ଷେ କେନ୍ଦୁଝର ରାମମନ୍ଦିରଠାରୁ ନିରବ ଶୋଭାଯାତ୍ରା, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ଟା।
- ମର୍ନିଂ କ୍ଲବ୍ ପକ୍ଷରୁ ଗଣଦୌଡ଼, ସ୍ଥାନ: ଚମ୍ପୁଆ, ସମୟ: ସକାଳ ୬ ଟା ୩୦।
- ଏବିଭିପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଚମ୍ପୁଆ, ସମୟ: ପୂର୍ବାନହ ୧୧ଟା।

## ମୟୂରଭଞ୍ଜ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୭ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ସ୍ୱଚ୍ଛତା ବାର୍ତ୍ତା ନେଇ ବାଇକ ଶୋଭାଯାତ୍ରା, ସ୍ଥାନ: ବିନାୟକ ଆଚାର୍ଯ୍ୟ କଲେଜ ଛକ। ଆରମ୍ଭ, ସମୟ: ସକାଳ ୭ଟା ୩୦।
- ବିଭାଜନ ବିଭିଷିକାର ସ୍ମୃତି ଦିବସ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ଅପରାହ୍ନ ୫ଟା ୩୦।

## କନ୍ଧମାଳ

- ତ୍ରିରଙ୍ଗା ରାଲି, ସ୍ଥାନ: ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା୩୦।
- ରାଜ୍ୟ ଭାଜପା ସଭାପତିଙ୍କ କନ୍ଧମାଳ ଗସ୍ତ, ବିଭାଜନ ବିଭୀଷିକା ଉପରେ ଆଲୋଚନାଚକ୍ର, ସ୍ଥାନ: ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧ଟା।

## ଗଜପତି

- ତ୍ରିରଙ୍ଗା କେମ୍ପେନିଂ ବାଇକ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ, ସମୟ ସକାଳ: ୭ଟା୩୦।
- କଂଗ୍ରେସର ମଶାଲ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ ଠାରୁ ୨ କିଲୋମିଟର, ସମୟ: ସନ୍ଧ୍ୟା ୬ଟା୩୦।

## ଅନୁଗୋଳ

- ସାମୂହିକ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଏନ୍ଏସି କାର୍ଯ୍ୟାଳୟ,ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର

- ହର ଘର ତ୍ରିରଙ୍ଗା, ହର ଘର ସ୍ୱଚ୍ଛତା ଉପରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ,ସମୟ: ସକାଳ ୯ଟା ।
- ପାରାଦୀପ ଯୁବ ବିଜେଡି ପକ୍ଷରୁ ନାରୀ ନିର୍ଯାତନା ଉପରେ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ପାରାଦୀପ କଲେଜ ପାଖ, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ୧୦ ଟା।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠ କାର୍ଯ୍ୟକ୍ରମ,ସ୍ଥାନ ଅଫିସର୍ସ କ୍ଲବ, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପାରାଦୀପ ଯାଦବ ମହାସଂଘ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର ପାଖ, ମଧୁବନ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଶିବାନନ୍ଦ ଆଶ୍ରମ ଗରାପୁର, କେନ୍ଦ୍ରାପଡା, ସମୟ: ସକାଳ ୭ଟା।

## ଯାଜପୁର

- ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ : ସରପଞ୍ଚ ଓ ସମିତି ସଭ୍ୟଙ୍କ ଦସ୍ତଖତ ଯାଞ୍ଚ, ସ୍ଥାନ : ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ଭାଜପା ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୪ର୍ଥ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ ସମୟ:ସନ୍ଧ୍ୟା ୭ଟା୩୦, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା ।
- ନୟାଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ବାଇକ୍ ରାଲି, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଦୁର୍ଗାପ୍ରସାଦ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା।
- ହର୍ ଘର୍ ତ୍ରିରଙ୍ଗା ଓ ହର୍ ଘର୍ ସ୍ୱଚ୍ଛତା ଅଭିଯାନ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା

- ହର ଘର ତ୍ରିରଙ୍ଗା ଯାତ୍ରାରେ ଗଣଦୌଡ,ସ୍ଥାନ: ରିଲାଏନ୍ସ ପେଟ୍ରୋଲ ପମ୍ପଠାରୁ କୋଟଲାଗୁଡା ତାରିଣୀ ମନ୍ଦିର, ରାୟଗଡା, ସମୟ: ସକାଳ ୫ଟା ୩୦ ।
- ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା, ସ୍ଥାନ: ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ସକାଳ ୯ଟା।
- ଯୁକ ବ୍ୟାଙ୍କ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ୍ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମୁନିଗୁଡାରେ ମହାବିଦ୍ୟାଳୟ ପରିସରରୁ କନିକା ପରମେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ସୁରକ୍ଷାକୁ ନେଇ ପୋଲିସର ସଚେତନତା ଶିବିର, ସ୍ଥାନ: ମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର

- ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜୟପୁର ରାଜା ନଗର,ସମୟ: ସକାଳ ୭ଟା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦। ସ୍ଥାନ: ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ନିଶା ନିବାରଣ ନେଇ ଶପଥ ପାଠ କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।
- ସ୍ୱାଧୀନତା ଦିବସ ନେଇ କବିତା ଆସର, ସ୍ଥାନ: କୋରାପୁଟ ସଦଭାବନା ସଭାଗୃହ, ସମୟ : ଅପରାହ୍ନ ୫ ଟା।

## ମାଲକାନଗିରି

- ଜିଲା ପ୍ରଶାସନର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ:ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ, ସମୟ:ସକାଳ ୮ ଟା ।
- ଜିଲା ଶିଶୁ ସୁରକ୍ଷା ୟୁନିଟ, ପୋଲିସ ପକ୍ଷରୁ ଆତ୍ମହତ୍ୟା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୭ ଉଚ୍ଚ ବିଦ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଯାତ୍ରା କିମ୍ବା କଠୋର ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ମିଠାକଥା କହି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଘଟିବ ନାହିଁ ପୂର୍ବପରି ପରିସ୍ଥିତି ଲାଗିରହିବ।

**ବୃଷ** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ଆଶଙ୍କା ରହିଛି।

**ମିଥୁନ** ବନ୍ଧୁଙ୍କ ସାହାଯ୍ୟରେ ଅଟକି ରହିଥିବା କାମ ସୁବିଧାରେ ହୋଇଯିବ। ପୁରାତନ ରୋଗପୀଡା ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କର୍ମମୁଖର ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ, ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢିଚାଲିବ।

**କର୍କଟ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ଶତ୍ରୁକୃତ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନ ବୁଝାମଣାରେ କିଛିଟା ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିବେ।

**ସିଂହ** ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। ଦେହ ଭଲ ରହିବ ମାତ୍ର କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁମାନଙ୍କ ସହ ଆଲୋଚନା ପ୍ରସଙ୍ଗରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ବନ୍ଧୁଙ୍କ ଅନୁରୋଧରେ କୌଣସି ନୂଆ କାମଟିଏ କରିବାକୁ ମନ ବଳାଇବେ। ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବେ। ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ମକଦ୍ଦମା, ତର୍କବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାକୁ ନେଇ ମାନସିକ ସ୍ତରରେ ଖୁସି ରହିବେ। ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଆଜି ଦୀର୍ଘଦିନର ଅଭିଳାଷ ପୂରଣ ହେବାରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି । ବନ୍ଧୁଙ୍କ ଜରିଆରେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଯାନବାହନରେ ଯାତ୍ରା କରିବା ସମୟରେ ଅନ୍ୟମନସ୍କତା ପରିହାର କରିବା ଭଲ ହେବ। ପାରିବାରିକ ସ୍ତରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ପାରିବାରିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାହିତ୍ୟ, ସାମ୍ବାଦିକତା, ରପ୍ତାନି କାରବାର ତଥା ଏଜେନ୍ସିରୁ ଲାଭବାନ ହେବେ।

**କୁମ୍ଭ** ଆପଣଙ୍କୁ ସାହାଯ୍ୟ କରିବାକୁ ଯାଇ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିପାରନ୍ତି। ବିବାଦୀୟ ଘଟଣା କିମ୍ବା କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ପାରିବାରିକ ସ୍ତରରେ ମନ ବୁଝିଲାଭଳି କଥା କହି ପରିସ୍ଥିତିରେ ସାମ୍ୟତା ଆଣିପାରିବେ। ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଅଗଷ୍ଟ ୧୪ ତାରିଖ, ଭାଦ୍ରବ କୃଷ୍ଣ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିରରେ ହରି ଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଜେଉଡ ଭୋଗ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର- ଦିବା ଘ.୦୯.୦୫ ମି. ପର୍ଯ୍ୟନ୍ତ, ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୦ ଗତେ ଘ.୦୭.୧୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୬ ଗତେ ଘ.୦୩.୦୧ ମଧ୍ୟେ ରାହୁ କାଳ ।

**ପ୍ରଥମ ପୃଷ୍ଠାରୁ...**

## ସମ୍ବଲପୁର ସହରାଞ୍ଚଳକୁ ...

ଅଫ୍ ଓଡ଼ିଶା(ୱାଟ୍‌କୋ) ମାଧ୍ୟମରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ପାଞ୍ଚ ବର୍ଷ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ସମ୍ବଲପୁର ସହରକୁ ୨୪x୭ ଘଣ୍ଟା ଜଳଯୋଗାଣ ବ୍ୟବସ୍ଥା ସହ ପାନୀୟଜଳ ଯୋଗାଣର ଉନ୍ନତି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ସମ୍ବଲପୁର, ହୀରାକୁଦ ଏବଂ ବୁର୍ଲା ସହରର ସମସ୍ତ ପରିବାରକୁ ୨୪x୭ ଘଣ୍ଟିଆ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବ। ସମ୍ବଲପୁର ଏବଂ ହୀରାକୁଦ ସହର ପାଇଁ ହୀରାକୁଦ ଡ୍ୟାମ୍‌ସ୍ଥିତ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରି କେନାଲରେ ୧୧୦ ଏମ୍ଏଲ୍‌ଡି କ୍ଷମତାସମ୍ପନ୍ନ ଇନ୍‌ଟେକ୍ ୱେଲ୍ ନିର୍ମାଣ ହେବ। ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ରାଜ୍ୟର ୧୧୦ ସହରାଞ୍ଚଳରେ ଏଲ୍ଇଡି ପ୍ରକଳ୍ପ ୨୦୨୩ରୁ କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଲାଗି ୩୫୦ କୋଟି ଟଙ୍କା ଆବଶ୍ୟକ ରହିଛି। ଏହି ପାଣ୍ଠି ଯୋଗାଣ ନିମନ୍ତେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି ଏବଂ ଅବଶିଷ୍ଟ ୨୦୦ କୋଟି ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିର ନିଜସ୍ୱ ପାଣ୍ଠିରେ (ମୂଳଧନ ଏବଂ ସୁଧର ପୁନରୁଦ୍ଧାର) ଉପଲବ୍ଧ ଥିବା ପାଣ୍ଠିରୁ ବ୍ୟବହାର କରିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ମନ ଯାହାଠି ରସେ,**
**ପୋକଶୁଙ୍ଘା ଫୁଲରେ ଭଅଁର ବସେ ।**

ଯିଏ ଯାହାକୁ ଭଲ ପାଏ, ତାର ସବୁ ଗୁଣ ତା' ଆଖିକୁ ସୁନ୍ଦର ଲାଗିଥାଏ। ପ୍ରେମାସ୍ପଦର କୌଣସି ମନ୍ଦଗୁଣ ପ୍ରେମିକା ବା ପ୍ରେମିକ ଆଖିକୁ ଦେଖାଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯହିଁ ନ ଥିବ ରକତ ମିଶା**
**ତହିଁ ନ ଥିବ ସାଇପଡ଼ିଶା ।**

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜ ଭିତରେ ଚଳିବାକୁ ହେଲେ ତାକୁ ନିଜ ଜ୍ଞାତି କୁଟୁମ୍ବ ତଥା ସାଇପଡ଼ିଶା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ନିଜ ସୁଖ ଦୁଃଖରେ ଏହି ଆତ୍ମୀୟମାନେ ହିଁ ପାଖରେ ଛିଡ଼ା ହୋଇଥାନ୍ତି ଓ ସାହା ଭରସା ଯୋଗାଇଥାନ୍ତି। ତେବେ ଯେଉଁ ଗ୍ରାମରେ ବା ଅଞ୍ଚଳରେ ଆପଣାର କୁଟୁମ୍ବ ନ ଥାନ୍ତି ସେଠାକାର ପଡୋଶୀମାନେ କେବେ ନିଜର ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନିର୍ମାଣ ହେବ ୩୮ ...

ଟଙ୍କାର ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ଗୋଟିଏ ଛାତ ତଳେ ତାଙ୍କ ଉତ୍ପାଦିତ ଫସଲ ବିକ୍ରି ଓ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମଠୁ ଆରମ୍ଭ କରି ଶୀତଳଭଣ୍ଡାର, ଓଜନ ସରଞ୍ଜାମ, ବହୁମୁଖୀ ଗୋଦାମ ସୁବିଧା, ବିଶ୍ରାମଗୃହ, ପରିବହନ ସୁବିଧା, ପାର୍କିଂ ଓ ଉଚ୍ଚମାନର ଯନ୍ତ୍ରପାତି ଆଦି ପ୍ରଦାନର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ 'ମଡେଲ ମଣ୍ଡି' ସ୍ଥାପନ କରାଯିବ। ରାଜ୍ୟର ସମସ୍ତ ଜିଲାରେ ଗୋଟିଏ ଲେଖାଏ ମଣ୍ଡି ସ୍ଥାପନ ନିମନ୍ତେ ଆବଶ୍ୟକ ସର୍ଭେ ଆଦି କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ୩୮ଟି ମଣ୍ଡି ବିକଶିତ କରାଯିବାକୁ ରହିଥିବାବେଳେ ସେଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ରହିଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ(ଓବିସିସି) ମାଧ୍ୟମରେ କରାଯିବ। ଏହି କାର୍ଯ୍ୟର ତଦାରଖ ଲାଗି ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ(ଓସ୍‌ମା ବୋର୍ଡ) ଏକ ସେଲ୍ ଗଠନ କରିବ। ପରବର୍ତ୍ତୀ ସମୟରେ ଆଉ ୬୨ଟି ଏଭଳି ମଣ୍ଡି ଖୋଲିବା ଲାଗି ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଥିଲେ।

## ଭୁବନେଶ୍ୱରରେ ହେବ ...

ଅଫ୍ ଆଭିଏଶନ ଆସେଟ୍ସ ଆଣ୍ଡ ନେଟ୍‌ୱର୍କ) ଯୋଜନାର ଅଂଶ। ଘରୋଇ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଶିଳ୍ପ ନୀତି ସଂକଳ୍ପ (ଆଇପିଆର) ୨୦୨୨ ଅନୁସାରେ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଅଫର କରାଯାଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟପକ୍ଷ ଏମ୍ଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କସ ଇଣ୍ଡିଆ(ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡ୍‌କୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ବିଶ୍ୱ ଏମ୍ଆରଓ ଶିଳ୍ପ ୨୦୩୧ ସୁଦ୍ଧା ୮.୯ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାରରେ ୪.୦ ବିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ଏହାର ତଦାରଖ କରିବ, ଯେତେବେଳେ ବିମାନ ଚଳାଚଳ ଉପରେ ଉଚ୍ଚସ୍ତରୀୟ କମିଟି ପ୍ରକଳ୍ପ ପ୍ରଚଳନ ଓ ତଦାରଖକୁ ସହଜ କରିବ ବୋଲି ମୁଖ୍ୟ ସଚିବ କହିଥିଲେ।

## ୟୁରାନିୟମ୍ ଖନନରେ ...

ପ୍ଲାଣ୍ଟଗୁଡ଼ିକ କ୍ଷେତ୍ରରେ ବିଦେଶୀ ପକ୍ଷମାନଙ୍କୁ ମଧ୍ୟ କିଛି ମାତ୍ରାରେ ଅଂଶୀଦାର କରିବା ଲାଗି ନିୟମକୁ କୋହଳ କରିବାକୁ ସରକାର ବିଚାର କରୁଛନ୍ତି। ଗତ ଏପ୍ରିଲ ୨୫ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ସରକାର ବିଦେଶୀ କମ୍ପାନୀଗୁଡ଼ିକୁ ଆଣବିକ ଖନନ ଓ ଆମଦାନୀ ଉପରେ ୪୯% ପର୍ଯ୍ୟନ୍ତ ସୁଯୋଗ ଦେଇପାରନ୍ତି। ଯୋଜନା ଅନୁସାରେ ଲକ୍ଷ୍ୟ ପୂରଣ ହେଲେ ଆଣବିକ କ୍ଷେତ୍ରରୁ ଭାରତର ମୋଟ ବିଦ୍ୟୁତ୍ ଚାହିଦାର ୫% ପୂରଣ ହୋଇପାରିବ ବୋଲି ସରକାରୀ ସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୟୁରାନିୟମ୍ ଇନ୍ଧନର ଖନନ, ଆମଦାନୀ ଓ ପ୍ରକ୍ରିୟାକରଣ ଉପରେ କେବଳ ସରକାରୀ ନିୟନ୍ତ୍ରଣ ରହିଆସିଛି। ଅଧିକ ଆଣବିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଆଶାରେ ଘରୋଇ ଓ ବିଦେଶୀ ପକ୍ଷଙ୍କୁ ସାମିଲ କରାଗଲେ ଆଣବିକ ସାମଗ୍ରୀର ଦୁରୁପଯୋଗ ସହ ବିକିରଣ ନିରାପତ୍ତା ଓ ରଣନୈତିକ ସୁରକ୍ଷାଗତ ବିପଦ ଉପୁଜିପାରେ। ବୈଶ୍ୱିକ ମାନକ ଅନୁସାରେ ସରକାର ବ୍ୟବହୃତ ୟୁରାନିୟମ୍ ଇନ୍ଧନର ପ୍ରକ୍ରିୟାକରଣ ଓ ପ୍ଲୁଟୋନିୟମ୍ ଆବର୍ଜନା ପରିଚାଳନାକୁ ନିଜ ନିୟନ୍ତ୍ରଣରେ ରଖିବେ। କିନ୍ତୁ ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି ଲାଗି ଆଣବିକ ଇନ୍ଧନ ଚାହିଦା ବଢ଼ିଲେ ଏଥିରେ ସହାୟକ ହେବା ଭଳି ଏକ ନିୟାମକ ଢାଞ୍ଚା ପ୍ରସ୍ତୁତ କରାଯିବ, ଯାହାକି ଘରୋଇ ଭାରତୀୟ କମ୍ପାନୀଗୁଡ଼ିକୁ ୟୁରାନିୟମ୍ ଖନନ, ଆମଦାନୀ ଓ ପ୍ରକ୍ରିୟାକରଣର ସୁଯୋଗ ପ୍ରଦାନ କରିବ ବୋଲି ଦୁଇଟି ସରକାରୀ ସୂତ୍ରରୁ ରଏଟର୍ସ ପ୍ରକାଶ କରିଛି। ସରକାରଙ୍କ ଏହି ଯୋଜନା ସାର୍ବଜନୀନ ହୋଇ ନ ଥିବାରୁ ସୂତ୍ର ନିଜ ନାମ ପ୍ରଘଟ ନ କରିବାକୁ କହିଛନ୍ତି। ପ୍ରସ୍ତାବିତ ନୀତି ଚଳିତ ଆର୍ଥିକବର୍ଷରେ ସାର୍ବଜନୀନ ହୋଇପାରେ। ତଦନୁସାରେ ଘରୋଇ ପକ୍ଷଗୁଡ଼ିକ ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ଯୋଗାଇଦେବେ। ଅର୍ଥ ମନ୍ତ୍ରଣାଳୟ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଆଟମିକ୍ ଏନର୍ଜି ବିଭାଗ ଏନେଇ ରଏଟର୍ସ ପକ୍ଷରୁ କରାଯାଇଥିବା ପ୍ରଶ୍ନର କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି। ଭାରତ ବାହାରେ କାନାଡା, ଦକ୍ଷିଣ ଆଫ୍ରିକା ଓ ଆମେରିକାର ଘରୋଇ କମ୍ପାନୀଗୁଡ଼ିକୁ ୟୁରାନିୟମ୍ ଖନନ ଓ ପ୍ରକ୍ରିୟାକରଣରେ ସୁଯୋଗ ମିଳିପାରେ। ଏଥିସକାଶେ ଖଣି, ବିଦ୍ୟୁତ୍ ଓ ବିଦେଶୀ ପୁଞ୍ଜିନିବେଶ ସମେତ ୫ଟି କ୍ଷେତ୍ରର ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ୨୦୨୭ ପୂର୍ବରୁ ...

ଏବଂ ୨୦୨୯ ପୂର୍ବରୁ ବ୍ଲକ୍ ପୁନର୍ଗଠନ କରାଯିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ୍ ଗଠନ ହେବ। ଏନେଇ ଏକ କମିଟି ଗଠନ କରାଯାଇ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏଥିପାଇଁ ଗ୍ରାମପଞ୍ଚାୟତ ସଂଖ୍ୟା ବୃଦ୍ଧି କରାଯାଉ। ଏନେଇ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

## ହାଡ଼ଭଙ୍ଗା ଚିକିତ୍ସା...

ପ୍ରୋଟିନ୍-୨(ବିଏମ୍‌ପି-୨) ଆଚରଣକୁ କିପରି ପରିବର୍ତ୍ତନ କରାଯାଇପାରେ ତାହା ଉପସ୍ଥାପନ କରିଛନ୍ତି। ପ୍ରତିଷ୍ଠିତ ଜର୍ନାଲ ବାୟୋକେମେଷ୍ଟ୍ରିରେ ପ୍ରକାଶିତ ଏହି ଗବେଷଣାର ନିଷ୍କର୍ଷକୁ ହାଡ଼ ଏବଂ କାର୍ଟିଲେଜ୍ ପୁନରୁଦ୍ଧାର, ଉନ୍ନତମାନର ଅନ୍ତଃରୋପଣ ଓ ଅଧିକ ପ୍ରଭାବଶାଳୀ ପ୍ରୋଟିନ୍ ଆଧାରିତ ଔଷଧରେ ଉନ୍ନତ ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ। ବିଏମ୍‌ପି-୨ ପ୍ରୋଟିନ୍, ହାଡ଼ ଓ କାର୍ଟିଲେଜ୍ ଗଠନ, ଆଘାତକୁ ସୁସ୍ଥ କରିବା, ଷ୍ଟେମ୍ କୋଷଗୁଡ଼ିକୁ ହାଡ଼ ଗଠନକାରୀ କୋଷରେ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାନବ ଶରୀରରେ ଟିସୁ ପ୍ରୋଟିନ ବିଭିନ୍ନ ଗ୍ଲାଇକୋସୋମିନୋଗ୍ଲାଇକନ ସଂଯୋଜକ ଟିସୁ ଏବଂ ଜଏଣ୍ଟ ଫ୍ଲୁଇଡ୍ ପଦାର୍ଥରେ ମିଳୁଥିବା ବିଶେଷ ଶର୍କରା ପରି ଅଣୁକ୍ରିୟା କରିଥାଏ।

ଏନ୍‌ଆଇଟିର ରସାୟନ ବିଜ୍ଞାନ ପ୍ରଫେସର ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ଗବେଷକ ଦଳରେ ରିସର୍ଚ୍ଚ ସ୍କଲାର ଦେବୀ ପ୍ରସନ୍ନ ବେହେରା, ଶୁଚିସ୍ମିତା ସୁବାଦିନୀ ୟୁରିଆ ପ୍ରେରିତ ରାସାୟନିକ ବିକୃତୀକରଣ ଚାପ ସଂସ୍ପର୍ଶରେ ଆସିଲେ ଭିନ୍ନ ଶର୍କରା ଅଣୁଗୁଡ଼ିକ ବିଏମ୍‌ପି-୨କୁ କିପରି ପ୍ରଭାବିତ କରେ ତାହା ଅନୁସନ୍ଧାନ କରିଥିଲେ। ବିଏମ୍‌ପି-୨ ନିୟମିତ ହାଏଲୁରୋନିକ ଏସିଡ୍‌ର ଉପସ୍ଥିତିରେ ଦ୍ରୁତଗତିରେ ଅନ୍ୱେଷଣ କରେ। ଏ ସମ୍ପର୍କରେ ପ୍ରଫେସର ସାହୁ କହିଛନ୍ତି, ବିଏମ୍‌ପି-୨ ମଣିଷ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଅଟେ। ଏହା ଅସ୍ଥି ଟିସୁର ଗ୍ଲାଇକୋସାମିନୋଗ୍ଲାଇକନ୍ ସମୃଦ୍ଧ ବାହ୍ୟ କୋଷୀୟ ମାଟ୍ରିକ୍ସ ପରିବେଶ ମଧ୍ୟରେ ରହି ଅଷ୍ଟିଓଜେନେସିସ୍ ଓ ହାଡ଼ ପୁନରୁଦ୍ଧାର ଏକ ମୌଳିକ ଭୂମିକା ଗ୍ରହଣ କରେ। ଶର୍କରା ଅଣୁଗୁଡ଼ିକ କାର୍ଯ୍ୟକ୍ଷମ ଗୋଷ୍ଠୀ ପରିବର୍ତ୍ତନ, ଯେପରିକି ଟାର୍ଗେଟେଡ୍ ସଲ୍‌ଫେସନ ପରିବର୍ତ୍ତନ କରିଥାଏ। ଜୈବିକ କାର୍ଯ୍ୟକଳାପକୁ ସଂରକ୍ଷଣ କରିବା ସହିତ ଭୌତିକ ରାସାୟନିକ ଚାପ ଅଧୀନରେ ଉନ୍ନତ ଗଠନାତ୍ମକ ସ୍ଥିରତା ପ୍ରଦାନ କରେ। ଏକ ଉଚ୍ଚ ସଂକଳ୍ପଯୁକ୍ତ ଆଣବିକ ବୁଝାମଣା ଶର୍କରା ପରିବର୍ତ୍ତନ ଇଞ୍ଜିନିୟର କରିବାର ସମ୍ଭାବନାକୁ ଗୁରୁତ୍ୱ ଦେଇଥାଏ। ଉନ୍ନତି ସ୍ଥିରୀକରଣ ରଣନୀତି ମାଧ୍ୟମରେ ପ୍ରୋଟିନ୍‌ର ନିଜସ୍ୱ ଜୀବନ ବୃଦ୍ଧି କରିଥାଏ ବୋଲି ସାହୁ କହିଥିଲେ।

## ଶ୍ରୀମନ୍ଦିର ଉଡ଼ାଇଦେବାକୁ ...

ଲୋକ ଦେଖିବାକୁ ପାଇଥିଲେ। ଚକ୍ ଖଡ଼ିରେ ଗୋଟିଏ ପାର୍ଶ୍ୱରେ ଲେଖାଯାଇଛି ଯେ, ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ। ଆଉ ଏକ ପାର୍ଶ୍ୱରେ କିଛି ଫୋନ୍ ନମ୍ବର ମଧ୍ୟ ଦିଆଯାଇ ଫୋନ୍ କର, ନ କଲେ ମହାତାଣ୍ଡବ ହେବ ବୋଲି ଧମକପୂର୍ଣ୍ଣ ବାର୍ତ୍ତା ଲେଖାଯାଇଛି। ଏହା ଭିତରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାମ ମଧ୍ୟ ଲେଖାଯାଇଛି, ଯାହାକୁ ପଢ଼ିବା ପରେ ଶ୍ରଦ୍ଧାଳୁ ଛାନିଆ ହୋଇପଡ଼ିଥିଲେ। 'ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ' ବୋଲି ଦୁଇଟି ସ୍ଥାନରେ କଡ଼ା ଚେତାବନୀ ଦିଆଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ପରିକ୍ରମା ମାର୍ଗର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଧମକପୂର୍ଣ୍ଣ ଲେଖା ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ମାର୍ଗ କଡ଼ା ସୁରକ୍ଷା ବଳୟ ଭିତରେ ରହିଛି। ଏହା ଶ୍ରୀମନ୍ଦିର ସିକ୍ୟୁରିଟି ଜୋନ୍ ଭାବେ ସରକାର ପ୍ରଶାସନିକ ରେକର୍ଡ କରିଛନ୍ତି। ହେଲେ ଏହି ସୁରକ୍ଷା ଜୋନ୍ ଭିତରେ ଏପରି କାର୍ଯ୍ୟ କିପରି ହେଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବାରମ୍ବାର ଗୃହ ମନ୍ତ୍ରଣାଳୟ ଓ ଏନ୍ଏସ୍‌ଜି ପକ୍ଷରୁ ପରାମର୍ଶ ଦିଆଯାଇଛି। ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଲାଗିଥିବା ସମସ୍ତ ସିସିଟିଭି କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ଲୋକ ଦେଖାଣିଆ ଭାବେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ଲଗାଯାଇଛି ବୋଲି ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉକ୍ତ ଲେଖାକୁ ଲିଭାଇଥିଲା। ପରେ ଜଣେ ବ୍ୟକ୍ତିଙ୍କୁ ଧରି ସିଂହଦ୍ୱାର ଥାନାରେ ଅଟକ ରଖିଛି ପଚରାଉଚରା କରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର କହିଛନ୍ତି, ବୁଧବାର ସକାଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଢ଼ୀମା' ମନ୍ଦିରରେ ଶ୍ରୀମନ୍ଦିରକୁ ନେଇ କିଛି ଆପତ୍ତିଜନକ ଲେଖା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଲେଖାଯାଇଥିବାରୁ ଏହାକୁ ପୋଲିସ ଗୁରୁତର ସହ ନେଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପରିକ୍ରମା ପ୍ରକଳ୍ପରେ ଲେଖିଥିବା ରଘୁନାଥଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇ ପଚରାଉଚରା ସମୟରେ ସେ ଲେଖିଥିବା ସ୍ୱୀକାର କରିଛନ୍ତି। ତେବେ ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ସ୍ପଷ୍ଟ ଭାବେ କିଛି କହିପାରୁ ନାହାନ୍ତି। ମେଡିକାଲ ନିଆଯାଇ ମାନସିକ ସ୍ଥିତି ପରୀକ୍ଷା କରିବା ପରେ ତାଙ୍କ ବିଷୟରେ ଅଧିକ କିଛି ଜଣାପଡ଼ିବ ବୋଲି ଜଣାପଡ଼ିବ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ପୁରୀ ବାସିନ୍ଦା ଆକାଶ ନାୟକ କହିଛନ୍ତି, 'ନିଶ୍ଚିତ ଭାବରେ, ସୁରକ୍ଷା ବ୍ୟବସ୍ଥାକୁ ଢିଲା କରାଯାଇଛି। ଆତଙ୍କବାଦୀ ଧମକ୍ ଦିଆଯାଇଛି। ପୋଲିସ ଠିକ୍ ଭାବରେ ପାଟ୍ରୋଲିଂ କରୁ ନ ଥିବାରୁ ଏପରି ଘଟଣା ଘଟିଛି। ପୋଲିସ ଏହାର ଠିକ୍ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି କହିଛନ୍ତି।

# ‘ଏମ୍‌ଏଲ୍‌ଏ ଲାଡ୍ ୱେବ୍ ପୋର୍ଟାଲ’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)



- ଏମ୍‌ଏଲ୍‌ଏ ଲାଡ୍’ ଓ ‘ସିଏମ୍-ଏସ୍‌ଏ’ ର ସରଳୀକୃତ ଗାଇଡ୍‌ଲାଇନ ଉନ୍ମୋଚିତ
- ପ୍ରକଳ୍ପର ସୁପାରିସଠାରୁ କାର୍ଯ୍ୟାଦେଶ ମିଳିବା ଯାଏଁ ସମୟ ଅବଧି ୩୦ ଦିନ
- ବିଧାୟକମାନେ ସୁପାରିସ କରିଥିବା ପ୍ରକଳ୍ପର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ‘ଏମ୍‌ଏଲ୍‌ଏ ଲାଡ୍’ ଓ ‘ସିଏମ୍-ଏସ୍‌ଏ’ ର ସରଳୀକୃତ ଗାଇଡ୍‌ଲାଇନ ଉନ୍ମୋଚିତ କରିଛନ୍ତି। ଏହାସହ ଏମ୍‌ଏଲ୍‌ଏ ଲାଡ୍ ୱେବ୍ ପୋର୍ଟାଲର(https://mlalads.odisha.gov.in) ମଧ୍ୟ ଶୁଭାରମ୍ଭ ହୋଇଛି। କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡ଼ିକୁ ଶୀଘ୍ର ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ। ଏହି ନୂଆ ଗାଇଡ୍‌ଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡ଼ିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହାସହ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ(କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ସିଏମ୍-ଏସ୍‌ଏ ଗାଇଡ୍‌ଲାଇନର ମଧ୍ୟ ସରଳୀକରଣ କରାଯାଇଛି। ଏହାଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି। ଏହି ନୂତନ ‘ଏମ୍‌ଏଲ୍‌ଏ ଲାଡ୍ ୱେବ୍‌ପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ। ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ। ଏହାସହ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଇଥିବା ପ୍ରକଳ୍ପଗୁଡ଼ିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ।

ସୂଚନାଯୋଗ୍ୟ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତାନ୍ତ ଆବଶ୍ୟକ ଭିତ୍ତିଭୂମି ଗଠନ କରିବାରେ ଏକ ମଜଭୁତ ମାଧ୍ୟମ ହୋଇପାରିଛି। ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଛି। ଏହି ନୂତନ ଗାଇଡ୍‌ଲାଇନ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି। ପଡ଼ୋଶୀ ରାଜ୍ୟଗୁଡ଼ିକର ‘ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ’ର ଅଧ୍ୟୟନ କରାଯାଇଛି। କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡ଼ିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ୍‌ଲାଇନ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଛନ୍ତି।

# ବିଷ ପିଇ ଚାଷୀ ଆତ୍ମହତ୍ୟା

## ଥାନାରେ ଅଭିଯୋଗ କଲେ ମୃତକଙ୍କ ଭାଇ

ଭବାନୀପାଟଣା/ଟିଟିଲାଗଡ଼, ୧୩।୮ (ଉତ୍ତମ କୁମାର ଦାଶ/ଶରତ ଚନ୍ଦ୍ର ମିଶ୍ର)

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ କଣ୍ଡରା ଗ୍ରାମରୁ ବୁଧବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଧାନଫସଲ କ୍ଷତି ଓ ଗ୍ରୁପ ଋଣ ଶୁଝି ନ ପାରି ଜଣେ ଚାଷୀ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଦୁର୍ଗା ଚରଣ ଭୋଇ(୪୭)। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଧାନଫସଲ କ୍ଷତି ହେବା ସହ ଗ୍ରୁପ ଋଣ ଟଙ୍କା ଶୁଝି ନ ପାରିବାରୁ ଦୁର୍ଗା ମାନସିକ ଚାପରେ ଆସି ବୁଧବାର ପୂର୍ବାହ୍ନରେ ଘାସ ମରା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସିନ୍ଧେକେଲା ଓ ପରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ



ମୃତ ଚାଷୀ ଦୁର୍ଗା ଚରଣ ଭୋଇ।

ଭାସ୍କର ଭୋଇ ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ବଡ଼ଭାଇ ଫସଲ କ୍ଷତି ଓ ଗ୍ରୁପ ଟଙ୍କା ଶୁଝି ନ ପାରିବାରୁ ମାନସିକ ଚାପରେ ବିଷ ପିଇ ଆତ୍ମହତ୍ୟା କରିଥିବା ଦର୍ଶାଇଛନ୍ତି। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମେଡିକାଲ ପକ୍ଷରୁ ଜଣାପଡ଼ିଛି। ମୃତ ଚାଷୀଙ୍କ ୧୧ ବର୍ଷର ପୁତ୍ର ଓ ୬ ବର୍ଷର କନ୍ୟା ସନ୍ତାନ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

# ଗଞ୍ଜେଇ କାରବାର, ୨ ମହିଳା ଗିରଫ

ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାରେ ବ୍ରାଉନସୁଗାର, ଗଞ୍ଜେଇ ଓ ଦେଶୀବିଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ହେଁ ବେପାରୀମାନେ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ମହିଳାମାନେ ବ୍ରାଉନସୁଗାର ଓ ଗଞ୍ଜେଇ ବେପାରରେ ଲିପ୍ତ ରହୁଥିବା ନଜରକୁ ଆସୁଛି। ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୨ ମହିଳା ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ଯଶୋଦା ବେହେରା ଓ ଅଞ୍ଜଳି ବେହେରା। ଏ ସମ୍ପର୍କରେ ଅବକାରୀ ଥାନାରେ ଏକ ମାମଲା (ନଂ. ୧୮୩/୨୫-୨୬) ରୁଜୁ ହୋଇ ମହିଳାଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

ଅଭିଯୁକ୍ତ ମହିଳାଦ୍ୱୟ ଅନୁଗୁଳରୁ ବସ୍ ଯୋଗେ ଗଞ୍ଜେଇ ଆଣି ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ଛକଠାରେ ଓହ୍ଲାଇଥିଲେ। ସେଠାରେ ଅନ୍ୟ ଏକ ବସ୍‌ରେ ରୂପସା ଆସିବା ପାଇଁ ଅପେକ୍ଷା କରିଥିଲେ। ଖବର ପାଇ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ହରିହର ସିଂ, ଏସ୍‌ଆଇ ଭବେଶ ଦାସ, ଏଏସ୍‌ଆଇ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ ସେଠାରେ ଚଢ଼ାଉ କରି ମହିଳାଦ୍ୱୟଙ୍କୁ ଗିରଫ କରିଥିଲେ।

# ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ ‘ଶକ୍ତିଶ୍ରୀ ସେଫ୍ କ୍ୟାମ୍ପେନ’

ଭୁବନେଶ୍ୱର, ୧୩।୮ (ସୁଚିସ୍ମିତା ସାହୁ)

ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନୂଆ ପ୍ରୟାସ ଆରମ୍ଭ କରିଛି। ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ‘ଶକ୍ତିଶ୍ରୀ ସେଫ କ୍ୟାମ୍ପେନ’ କରାଯିବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ କିପରି ଠିକ୍ ରହିବ ଓ କୌଣସି ପରିସ୍ଥିତିରେ ବି କେହି ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି, ସେଥିପାଇଁ ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହିତ ସମସ୍ତଙ୍କୁ ସହଯୋଗ କରିବା ଦରକାର। ଯଦି କେହି କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହେଉଛନ୍ତି, ତାଙ୍କୁ ସବୁ ପରିସ୍ଥିତିରେ ବୁଝାଶୁଝା କରିବାକୁ ପଡିବ। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପିତାମାତା ଓ ଶିକ୍ଷକଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୮୦%ଙ୍କୁ ସିଧାସଳଖ, ୨୦% ଗ୍ରୁପ୍-ଡି’ରୁ ନିଯୁକ୍ତି

## ଅମଲା କର୍ମଚାରୀଙ୍କ ପାଇଁ ବଡ଼ ନିଷ୍ପତ୍ତି

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ଓଡ଼ିଶା ଅମଲା ସେବକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୪ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ମିନିଷ୍ଟେରିଆଲ ସର୍ଭିସେସ୍(କମର୍ସିଆଲ ଟ୍ୟାକ୍ସେସ୍ ଆଣ୍ଡ ଜିଏସ୍‌ଟି ରେଞ୍ଜ୍ ଆଣ୍ଡ ସବ୍‌ଅର୍ଡିନେଟ୍ ଅଫିସେସ୍) ନିୟମ-୨୦୨୫କୁ ଅନୁମୋଦନ ମିଳିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ ଯେ, ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସ୍‌ଟି ସଙ୍ଗଠନରେ ଜିଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିୟର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ମାଧ୍ୟମରେ ଏବଂ ୨୦ପ୍ରତିଶତ ଗ୍ରୁପ୍-ଡି’ କର୍ମଚାରୀଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ।

ମୁଖ୍ୟ ସଚିବ ପୁଣି କହିଥିଲେ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନରେ ଥିବା ବାଣିଜ୍ୟକର ଓ ଜିଏସ୍‌ଟି ସଂଗଠନ ପାଇଁ ଏକ ନୂତନ ନିଯୁକ୍ତି ନିୟମାବଳୀ ଗଠନ କରାଯାଇଛି। ଏହି ନିୟମାବଳୀ ବାଣିଜ୍ୟକର ଓ ଜିଏସ୍‌ଟି କମିଶନରେଟ୍ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ନିଯୁକ୍ତି ଓ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ନୂତନ ନିୟମାବଳୀ ଅନୁସାରେ, ରାଜ୍ୟର ବିଭିନ୍ନ ବିଭାଗ ଅଧୀନରେ ଥିବା ଜିଲା ଅମଲାସ୍ତରୀୟ କ୍ୟାଡର ପାଇଁ ଏକକ ଦରମା ଗଠନ ନୀତି ପ୍ରଣୟନ କରାଯାଇଛି। ଏହି ନୀତି ଅନୁସାରେ, ଏଣିକି କୌଣସି ସାଧାରଣ କ୍ୟାଡର ରହିବ ନାହିଁ। ପ୍ରତ୍ୟେକ ବିଭାଗ ନିଜ ନିଜ ଅଧୀନରେ ଥିବା ଜିଲା ଅମଲାସ୍ତରୀୟ କ୍ୟାଡର ପାଇଁ ପୃଥକ୍ ନିଯୁକ୍ତି ନିୟମାବଳୀ ପ୍ରଣୟନ କରିବେ, ଯାହା ନିଯୁକ୍ତି ପ୍ରଣାଳୀ ଓ ସେବାସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ଏହି ନୂତନ ନିୟମାବଳୀ ଅନୁସାରେ ଗଠିତ କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟ(ସ୍ତର-୪), ସିନିୟର ଆସିଷ୍ଟାଣ୍ଟ(ସ୍ତର-୮), ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ସ୍ତର-୯), ସେକ୍ସନ ଅଫିସର(ସ୍ତର-୧୦), ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର(ସ୍ତର-୧୧) ପଦବୀ ରହିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ସଂଗ୍ରହାଳୟ କ୍ୟାଡର ପ୍ରଚଳନକୁ କ୍ୟାବିନେଟ୍‌ର ଅନୁମୋଦନ

ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ନିମନ୍ତେ କ୍ୟାଡର ନିୟମାବଳୀ ପ୍ରଚଳନକୁ ବୁଧବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟର ସଂଗ୍ରହାଳୟ ଗୁଡିକର ସୁପରିଚାଳନା ଓ ସମନ୍ୱୟ ଲାଗି ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ୨୦୨୩ରେ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଗ୍ରହଣ କରିଛି। ଏହି ଅବସରରେ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ଲାଗି କ୍ୟାଡ୍‌ର ନିୟମାବଳୀ ପ୍ରଚଳନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡିଶା ଲୋକ ସେବା ଆୟୋଗଙ୍କ ସ୍ୱୀକୃତି ପାଇଛି। ଏହାଦ୍ୱାରା ରାଜ୍ୟରେ ଥିବା ରାଜ୍ୟ ସଂଗ୍ରହାଳୟ ଓ ଅନ୍ୟ ସମସ୍ତ ସଂଗ୍ରହାଳୟ ଗୁଡିକର ସୁସମନ୍ୱୟ ଓ ସୁପରିଚାଳନା ହୋଇପାରିବ ସେ କହିଥିଲେ।

# କେନାଲରେ ବୁଡ଼ି ଜଣେ ମୃତ

ପବିତ୍ରନଗର, ୧୩।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ବାମ କେନାଲର କୁଲେଇ ଗ୍ରାମଠାରେ ବୁଧବାର ଗାଧୋଇବା ବେଳେ ପାଣିରେ ବୁଡ଼ି ହରିଆ ଦେହୁରୀ (୬୦)ଙ୍କ ମୃତ୍ୟୁ ହୋଇଛି। ହରିଆ ଅପରାହ୍ନ ସାଢ଼େ ୧ଟାରେ ଗାଧୋଇବା ପାଇଁ ଯାଇଥିଲେ। ହେଲେ ପାଣିର ସ୍ରୋତ ଅଧିକ ଥିବାରୁ ସେ ବୁଡ଼ି ଯାଇଥିଲେ। ପାଖରେ ଥିବା ଲୋକେ ଖୋଜାଖୋଜି କରି ଅପରାହ୍ନ ପ୍ରାୟ ୩ଟାରେ ତାଙ୍କୁ ଉଦ୍ଧାର କରିଥିଲେ। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଛି। ଏ ନେଇ ସମଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ହେଉଛନ୍ତି ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ। ୧୦୦ ବର୍ଷ ଧରି କଟକର ସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏକ ନୈତିକତାର ପ୍ରଦୀପ ପ୍ରଜ୍ୱଳିତକରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ କଟକର ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରମପୂଜ୍ୟ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ କେବଳ ଜଣେ ମହାନ୍ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନ ଥିଲେ, ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ ଏବଂ ‘ଜୀବନକୁ ଭଗବାନ୍‌ଙ୍କ ସେବାରେ ନିୟୋଜିତ କରିବା’-ଏହି ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗଦର୍ଶନ କରିଆସୁଛି। ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗ୍ରତ କରିନାହିଁ ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିଙ୍କୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ସେ କହିଛନ୍ତି।

# ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ଦିଏ ବର୍ଷା

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମେଘ ଉତ୍ସବ ‘ଶ୍ରାବଣୀ’

ଭୁବନେଶ୍ୱର, ୧୩।୮ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ମେଘ ଉତ୍ସବ ‘ଶ୍ରାବଣୀ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସାହିତ୍ୟରେ ବର୍ଷାଋତୁର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ମହାକବି କାଳିଦାସଙ୍କଠାରୁ ଆରମ୍ଭ କରି ସମସାମୟିକ ସାହିତ୍ୟିକମାନଙ୍କୁ ବର୍ଷା ସବୁବେଳେ ମୁଗ୍ଧ କରି ଜୀବନ ଧାରାର ଏକ ପ୍ରବାହ ସଦୃଶ ସାହିତ୍ୟ ସୃଷ୍ଟି କରିବାରେ ପ୍ରେରଣା ଦେଇଆସିଛି ବୋଲି ସେ କହିଥିଲେ।




‘ଶ୍ରାବଣୀ’ରେ ଯୋଗଦେଇଥିବା ଅତିଥି।

ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଗାଳ୍ପିକ ପ୍ରଫେସର ତରୁଣ କୁମାର ସାହୁ ଓଡ଼ିଆ ସାହିତ୍ୟରେ ମେଘ ଓ ବର୍ଷାର ବର୍ଣ୍ଣନା ସମ୍ପର୍କିତ ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ଅମରେଶ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ବର୍ଷାର ବର୍ଣ୍ଣନାକୁ ନେଇ ସମୃଦ୍ଧ ଓ ବୁଦ୍ଧିମନ୍ତ ବୋଲି କହିବା ସହ ଓଡ଼ିଆ କବିତା ଓ ବର୍ଷା କେଉଁଭଳି ଭାବରେ ପରସ୍ପର ପରିପୂରକ ତାହାର ଚମତ୍କାର ଉଦାହରଣ ରଖିଥିଲେ।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରି ମେଘକୁ ସୃଜନଶୀଳତାର ପ୍ରତୀକ ଭାବେ ଅଭିହିତ କରିବା ସହ ଛାତ୍ରୀଛାତ୍ରଙ୍କ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ଅନାମିକା ଅଧିକାରୀ ମେଘ ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ମେଘ ଉପରେ ଆଧାରିତ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ତବଲା ବାଦନ କରିଥିଲେ। କବିତା ପାଠୋତ୍ସବରେ ଛାତ୍ରୀଛାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପୂର୍ଣ୍ଣ ଅଭ୍ୟାସ ପରେଡ୍

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)

**ସୁରକ୍ଷାରେ ୨୧ ପ୍ଲାଟୁନ୍ ଫୋର୍ସ**

- ପରେଡର ନେତୃତ୍ୱ ନେବେ ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ତି
- ସହରରେ କଡ଼ା ସୁରକ୍ଷା, ତଦାରଖ କଲେ ପୋଲିସ ଡିଜି

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଶୁକ୍ରବାର ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସକାଳ ୭ଟାରୁ ୧୧ଟା ୩୦ ଯାଏ ସେଠାରେ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ତଦାରଖ କରିଥିଲେ। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ତିଙ୍କ ନେତୃତ୍ୱରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡରେ ପ୍ରାୟ ୫୦ଟି କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ଏଥିମଧ୍ୟରେ ୧୨୦ ଇନ୍‌ଫ୍ୟାନଟ୍ରି ବାଟାଲିୟନ, ଆଇଟିବିପି, ସିଆର୍‌ପିଏଫ୍, ବିଏସ୍‌ଏଫ, ରେଳ ସୁରକ୍ଷା ବଳ ସହ ଓଡ଼ିଶା ପୋଲିସ ଅଧୀନ ବିଭିନ୍ନ ବିଭାଗ, ଅଗ୍ନିଶମ, ଏନ୍‌ସିସି ଏବଂ ସ୍କାଉଟଗାଇଡ ଆଦି ରହିଛନ୍ତି। ଚଳିତବର୍ଷ ଆନ୍ଧ୍ର ପ୍ରଦେଶର ସଶସ୍ତ୍ର ବଳ ପରେଡରେ ଭାଗ ନେଇଛନ୍ତି। ଏଥିସହ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ର ମଧ୍ୟ ଅଂଶଗ୍ରହଣ କରି କଳାକୌଶଳ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ପୂର୍ଣ୍ଣ ଅଭ୍ୟାସ ପରେଡରେ ବିଭିନ୍ନ କଣ୍ଟିଜେଣ୍ଟ ପ୍ରଦର୍ଶନ କରିବା ସହ କମାଣ୍ଡାଣ୍ଟ ଅନନ୍ୟା ମଧ୍ୟ ଦୃଢ଼ ନେତୃତ୍ୱ ନେଇଥିଲେ।


ଅପରପକ୍ଷରେ ସ୍ୱାଧୀନତା ଦିବସ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଗାନ୍ଧୀମାର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏଥିପାଇଁ ୨୧ ପ୍ଲାଟୁନ୍ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୫ଜଣ ଡିସିପି ପାହ୍ୟା ଅଫିସର, ୫ଜଣ ଅତିରିକ୍ତ ଡିସିପି, ୮ଜଣ ଏସିପି, ୨୧ ଇନ୍ସପେକ୍ଟର ଓ ୧୦୦ ଜଣ ଏସ୍‌ଆଇ/ଏଏସ୍‌ଆଇ ରହିବେ। ଗାନ୍ଧୀମାର୍ଗର ଚତୁଃପାର୍ଶ୍ୱରେ ଥିବା ଛକଗୁଡ଼ିକରେ ମଧ୍ୟ ପୋଲିସ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ସ୍ୱାଧୀନତା ଦିବସ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି। ମଙ୍ଗଳବାରଠାରୁ ରାତ୍ରିକାଳୀନ ବ୍ଲକିଂ ଓ ଚେକିଂ ଜୋରଦାର ହୋଇଛି। ଏହି ଉତ୍ସବ ଆୟୋଜନ ସଫଳ ଭାବେ ହେବ ବୋଲି ମୀନା ଆଶାବ୍ୟକ୍ତ କରିଛନ୍ତି।

# ସୁରକ୍ଷା ଜରୁରୀ

## ଆଜି ଲିଜାର୍ଡ ଡେ’

ପ୍ରତିବର୍ଷ ଅଗଷ୍ଟ ୧୪ରେ ‘ବିଶ୍ୱ ଲିଜାର୍ଡ ଡେ’ ପାଳନ କରାଯାଇଆସୁଛି। ପରିସଂସ୍ଥାର ସନ୍ତୁଳନରେ ଏମାନେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। କୀଟ ନିୟନ୍ତ୍ରକ ଭାବେ ମଧ୍ୟ ଏମାନେ ବିବେଚିତ ହୁଅନ୍ତି। ସମଗ୍ର ବିଶ୍ୱରେ ପ୍ରାୟ ୬ ହଜାର ଲିଜାର୍ଡ ପ୍ରଜାତିର ସରୀସୃପ ଦେଖାଯାଆନ୍ତି। ଗୋଧିଠାରୁ ଆରମ୍ଭକରି ଏଣ୍ଡୁଅ, ଝିଟିପିଟି ପର୍ଯ୍ୟନ୍ତ ସବୁ ଲିଜାର୍ଡ ପ୍ରଜାତିର। କିନ୍ତୁ ବିଭିନ୍ନ କାରଣରୁ ଏବେ ଅଧିକାଂଶ ସଙ୍କଟରେ ଅଛନ୍ତି। ଚୋରା କାରବାର ଯୋଗୁ ଏମାନଙ୍କ ଶିକାର ଦିନକୁ ଦିନ ବଢ଼ିଚାଲିଛି। ପୁଣି ଛୋଟ ବଡ଼ ଜଙ୍ଗଲ କଟା ତଥା ପୋଡ଼ି ଆଦି କେତେକ କାରଣରୁ ଏମାନଙ୍କ ବାସସ୍ଥାନ ହ୍ରାସ ପାଇ ବିପଦସଙ୍କୁଳ ହୋଇଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଏବେ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଅସଲ ଲକ୍ଷ୍ୟ।

ଉକ୍ତ ଲିଜାର୍ଡ ପ୍ରଜାତିର ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଅନ୍ତର୍ଭୁକ୍ତ। ଏମାନଙ୍କୁ ଶିକାର କରିବା କିମ୍ବା ଘରେ ଆଣି ପୋଷିବା ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ସଂପୂର୍ଣ୍ଣ ମନା। ଏହାକୁ ଉଲ୍ଲଂଘନ କଲେ ୭ବର୍ଷ ଜେଲ କିମ୍ବା ୧ ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ଓଡ଼ିଶାରେ ଦେଖାଯାଉଥିବା ଲିଜାର୍ଡ ଗୁଡିକ ହେଉଛି ଚେମେଲେଓନ ବା ବହୁରୂପୀ ଏଣ୍ଡୁଅ, ଲେଓପାର୍ଡ ଗେକୋ ବା କାଳକୂଟ, ଇଣ୍ଡିଆନ ଗୋଲଡେନ ଗେକୋ, ବେଙ୍ଗଲ ମନିଟର, ୟେଲୋ ମନିଟର ଏବଂ ୱାଟର ମନିଟର। ସେହିପରି ଓଡ଼ିଶାରେ ପ୍ରାୟ ୩ଟି ପ୍ରଜାତିର ମନିଟର ଲିଜାର୍ଡ ବା ଗୋଧି ଦେଖାଯାଆନ୍ତି। ବେଙ୍ଗଲ ମନିଟର ଏବଂ ୟେଲୋ ମନିଟର ପ୍ରାୟ ସବୁଆଡେ ଦେଖା ଯାଉଥିବାବେଳେ କେବଳ ଭିତରକନିକାରେ ୱାଟର ମନିଟର ଦେଖା ଯାଆନ୍ତି। ତେବେ ଚମଡା ଏବଂ ମାଂସ ପାଇଁ ଶିକାର ଦ୍ୱାରା ଏହି ଗୋଧିମାନଙ୍କର ଜୀବନ ସଙ୍କଟାପନ୍ନ ହୋଇ ପଡିଥିଲା। ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଫଳରେ ଯଦିଓ ଗୋଧି ଶିକାର କମିଛି, କିନ୍ତୁ ଏବେ ମଧ୍ୟ ରାଜ୍ୟରେ ଅନେକ ଜିଲାରେ ଗୋଧି ଶିକାର ଚାଲିଛି। ଖଞ୍ଜଣି ବାଦ୍ୟ ଯନ୍ତ୍ର ତିଆରିରେ ଏହି ଗୋଧି ଚମଡା ହିଁ ବ୍ୟବହାର ହୋଇଥାଏ। ଖଞ୍ଜଣି ବ୍ୟବହାର ବନ୍ଦ ନହେଲେ ଗୋଧି ଶିକାର ବନ୍ଦ ହେବା କଷ୍ଟକର ବୋଲି ବନ୍ୟପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।



ରିପୋର୍ଟ: ବନ୍ଦନା ସେଠୀ

"ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି- କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ


# ଭାରତରେ ଆର୍ଯ୍ୟ



ଦେବଦତ୍ତ ପଟ୍ଟନାୟକ

ବିଭିନ୍ନ କାହାଣୀକୁ ବ୍ୟବହାର କରି ଇଂରେଜମାନେ ଦୀର୍ଘଦିନ ଧରି ଉପନିବେଶବାଦକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିଥିଲେ। ୧୮୫୭ ବିଦ୍ରୋହ ପୂର୍ବରୁ ସେମାନେ କହିଥିଲେ ଯେ, ଇଂରେଜମାନେ ମୁସଲମାନ ଶାସକଙ୍କ ଦମନରୁ ହିନ୍ଦୁଧର୍ମକୁ ରକ୍ଷା କରୁଛନ୍ତି। ଏହା ସହ ମିଛ ପ୍ରଚାର କରୁଥିଲେ ଯେ, ଆଫଗାନିସ୍ତାନରେ କମ୍ପାନୀର ସ୍ୱାର୍ଥ ପାଇଁ ସେମାନେ ଭାରତୀୟ ସୈନ୍ୟଙ୍କୁ ବ୍ୟବହାର କରୁନାହାନ୍ତି, ବରଂ ହଜାର ବର୍ଷ ପୂର୍ବରୁ ଗଜନୀର ମହମ୍ମଦ ଚୋରି କରି ନେଇଯାଇଥିବା ସୋମନାଥ ମନ୍ଦିରର କବାଟଗୁଡ଼ିକୁ ପାଇବା ଲାଗି ସେମାନଙ୍କୁ କାମରେ ଲଗାଉଛନ୍ତି। ୧୮୫୭ ବିଦ୍ରୋହ ପରେ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟତାବାଦ ଅଧିକ ଦାନା ବାନ୍ଧିଥିଲା। ସେହି ସମୟରେ ଇଂରେଜମାନେ କହିଥିଲେ, ବ୍ରାହ୍ମଣମାନେ ଜାତି, ସତୀ ଏବଂ ବାଲ୍ୟବିବାହ ଭଳି କୁତ୍ସିତ ପରମ୍ପରାଗୁଡ଼ିକୁ ସମାଜ ଉପରେ ଲଦି ଦେଇଥିବାବେଳେ ସେମାନେ ହିଁ ଭାରତକୁ ସଭ୍ୟତା ଆଣିଛନ୍ତି। ଏଭଳି ପ୍ରଚାର ଯୋଗୁ ବେଙ୍ଗଲୀ ବୁଦ୍ଧିଜୀବୀମାନେ ଇଂଲିଶ୍ ଓ ଖ୍ରୀଷ୍ଟିଆନ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ହିନ୍ଦୁପ୍ରଥାକୁ ବିରୋଧ କରିବା ସହ ସମାଲୋଚନା ଆରମ୍ଭ କରିଦେଇଥିଲେ ଏବଂ ସଂସ୍କାର ଅଭିଯାନ ଚଳାଇଥିଲେ। ସଂସ୍କାର ଅଭିଯାନ ରୂଢ଼ିବାଦୀଙ୍କୁ କ୍ରୋଧିତ କରିଥିଲା। ୧୮୯୪ରେ ଚନ୍ଦ୍ରନାଥ ବସୁ 'ହିନ୍ଦୁତ୍ୱ' ଶବ୍ଦ ଉଚ୍ଚାରଣ ସହ ଦୃଢ଼ତାର ସହ କହିଥିଲେ ଯେ, ବେଦର ସିଦ୍ଧାନ୍ତ ଓ ବାଣୀ ଅନୁଯାୟୀ ହିନ୍ଦୁମାନେ ଆର୍ଯ୍ୟ ବା ସଭ୍ୟ ଏବଂ ହିନ୍ଦୁଙ୍କ ପରମ୍ପରାଗୁଡ଼ିକରେ କୌଣସି ସଂସ୍କାରର ଆବଶ୍ୟକତା ନାହିଁ।

୧୮୬୦ ଦଶକରେ, 'ଆର୍ଯ୍ୟ ଜାତି' ଶବ୍ଦ ୟୁରୋପୀୟ ବୁଦ୍ଧିଜୀବୀଙ୍କ ପରିସରରେ ସୃଷ୍ଟି ହୋଇଥିଲା ଏବଂ ଏହା ମ୍ୟାକ୍ସ ମୁଲର ପାଇଁ ସମ୍ଭବ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ଆର୍ଯ୍ୟ ଶବ୍ଦ କେବଳ ଭାରତ–ଇରାନୀୟଙ୍କ ପାଇଁ ବ୍ୟବହାର ହେଉଥିଲା। ପରେ ଯେତେବେଳେ ଭାଷାବିତ୍‌ମାନେ ଲାଟିନ୍ ଓ ସଂସ୍କୃତ ମଧ୍ୟରେ ସମ୍ପର୍କ ଥିବା ଦେଖିଥିଲେ, ସେତେବେଳେ ଆର୍ଯ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମ୍ପର୍କ ଅଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଥିଲେ। ଅର୍ଥାତ୍ ଭାରତକୁ ଶାସନ କରୁଥିବା ଇଂରେଜମାନେ ଭାରତୀୟଙ୍କ ଦୂର ସମ୍ପର୍କୀୟ। ଏହାକୁ ନେଇ ଭାରତୀୟ ପ୍ରତିଷ୍ଠିତ କୁଳୀନ ବର୍ଗ ଭାବିଥିଲେ ଯେ, ସେମାନଙ୍କ ଶାସକଙ୍କ ସହିତ ସେମାନଙ୍କର ସମ୍ପର୍କ ଅଛି, ଯାହା ପାଇଁ ସେମାନେ ଗର୍ବ ଅନୁଭବ କରିଥିଲେ। କିନ୍ତୁ ଧୀରେ ଧୀରେ ଏହି କାହାଣୀର ରଣନୀତିକ ବାସ୍ତବତା ସାମ୍ନାକୁ ଆସିଲା ଏବଂ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅସନ୍ତୁଷ୍ଟ ଥିଲେ। ଏହାକୁ ଲକ୍ଷ୍ୟ କରି ଭାରତରେ ଇଂରେଜମାନେ ତିଷ୍ଠି ରହିବା ପାଇଁ ଆଉ ଏକ ନୂଆ କାହାଣୀ ରଚିବା ଆରମ୍ଭ କରିଦେଲେ। ସେମାନେ କହିଥିଲେ, ଅନେକ ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ପ୍ରଥମେ ବ୍ରାହ୍ମଣ ଭାବେ ଭାରତରେ ପ୍ରବେଶ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଂରେଜ ଭାବେ ଏବେ ପ୍ରବେଶ କରିଛନ୍ତି।



ଲୋକମାନ୍ୟ ତିଳକ ବେଦର ବାକ୍ୟ ବ୍ୟବହାର କରି ଆର୍ଯ୍ୟଙ୍କ ମୂଳ ଜନ୍ମ ସ୍ଥାନ ଉତ୍ତର ଗୋଲାର୍ଦ୍ଧ ବୋଲି ଦର୍ଶାଇଥିଲେ। ଭାରତୀୟଙ୍କୁ ଭାରତ ସମ୍ପର୍କିତ କାହାଣୀସବୁ କହୁଥିବା ବିଦେଶୀଙ୍କୁ ଦୟାନନ୍ଦ ସରସ୍ୱତୀ ଭଲ ପାଉ ନ ଥିଲେ। ସେ କହିଥିଲେ, ପ୍ରକୃତ ମଣିଷ ତ୍ରିଭିସ୍ତପରୁ ଆସିଥିଲେ, ଯାହା ଏବେ ତିବ୍ବତରେ ଅଛି। ଆର୍ଯ୍ୟ କହିଲେ, ସଭ୍ୟ ମଣିଷଙ୍କୁ ବୁଝାଏ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଦୃଢ଼ତାର ସହ କହିଥିଲେ, ବେଦରେ କୌଣସି ବିଦେଶୀ ଦେଶ କଥା ଉଲ୍ଲେଖ ନାହିଁ, ଏହା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଛି। ହରପ୍ପା ମଧ୍ୟ ଆବିଷ୍କୃତ ହୋଇ ନ ଥିଲା। ୧୯୨୦ ଦଶନ୍ଧିରେ ହରପ୍ପା ସଭ୍ୟତା ଆବିଷ୍କୃତ ହୋଇଥିଲା। ଏହାର ପତନର କାରଣ ବୁଝାଇବାକୁ ଯାଇ ମର୍ଟିମେର ହ୍ୱିଲର ଆର୍ଯ୍ୟାନ ଇନଭାସନ ଥିଓରି (ଏଆଇଟି–ଅର୍ଥାତ୍ ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ସିଦ୍ଧାନ୍ତ) ସାମ୍ନାକୁ ଆଣିଥିଲେ। ଏଥିରେ କୁହାଯାଇଥିଲା ଯେ, ଆର୍ଯ୍ୟମାନେ ସ୍ଥାନୀୟ ଲୋକଙ୍କୁ କ୍ରୀତଦାସ କରି ରଖୁଥିଲେ ଏବଂ ସେମାନଙ୍କୁ ଶୂଦ୍ର କରିଥିଲେ। ଅର୍ଥାତ୍ ସେମାନେ ଆକ୍ରମଣକାରୀ ଥିଲେ। ଏହି ସିଦ୍ଧାନ୍ତ ସ୍ୱାଧୀନତା ସଂଗ୍ରାମରେ କମ୍ପନ ସୃଷ୍ଟି କରିଥିଲା। ନୈତିକ ଦୃଷ୍ଟିରୁ କୁଳୀନ ହିନ୍ଦୁମାନେ, ବିଶେଷକରି ମୂଳବାସିନ୍ଦା ବ୍ରାହ୍ମଣଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା। ବିଆର୍ ଆମ୍ବେଡକର ଏହି ଚିନ୍ତାଧାରାକୁ ଗ୍ରହଣ କରିନେଇଥିଲେ, ଯେଭଳି ନୂଆ କରି ସାମ୍ନାକୁ ଆସିଥିବା ମୁସଲମାନ ଲବି କରିଥିଲା।

ଏହି ସମୟରେ ବୁଦ୍ଧଙ୍କ ବିଷୟରେ ୟୁରୋପୀୟମାନେ ଜାଣିସାରିଥିଲେ ଏବଂ ସେମାନେ ତାଙ୍କୁ 'ଏସିଆର ଆଲୋକ' ଭାବେ ଦେଖୁଥିଲେ। ବୌଦ୍ଧଧର୍ମର 'ସମସ୍ତେ ସମାନ' ବିଚାରଧାରା ହିନ୍ଦୁଧର୍ମର ଜାତି ବ୍ୟବସ୍ଥାର ବିପରୀତ ମନେହେଉଥିଲା। ପ୍ରାଚ୍ୟର ବିଦ୍ୱାନ୍‌ମାନେ ଏହି ବିପରୀତ ବିଚାରଧାରାକୁ ତୀବ୍ର କରିଥିଲେ। ୟୁରୋପୀୟମାନେ ଯୁକ୍ତି ବାଢ଼ିଥିଲେ ଯେ, ବ୍ରାହ୍ମଣମାନେ ବୌଦ୍ଧଧର୍ମକୁ ଧୀରେ ଧୀରେ ହଟାଇ ଦେଇଛନ୍ତି। ବୌଦ୍ଧଧର୍ମ ହିନ୍ଦୁଧର୍ମକୁ ଦୁର୍ବଳ କରିଦେଉଛି ଏବଂ ଏହାର ଶାନ୍ତିବାଦ ସହ ଅହିଂସା ନୀତି ପାଇଁ ଆମେ ଆମ ମିଲିଟାରି ଶକ୍ତି ହରାଇଛୁ ବୋଲି ସଭରକର ବିଶ୍ୱାସ କରୁଥିଲେ। ଏହିସବୁ ସିଦ୍ଧାନ୍ତଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ପରିବର୍ତ୍ତନଶୀଳ ଏବଂ ଇତିହାସ ଦୃଷ୍ଟିକୋଣରୁ ଭୁଲ୍। ତଥାପି ସେହିସବୁ ସିଦ୍ଧାନ୍ତଗୁଡ଼ିକ ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜକୁ ଗଢ଼ିଛି। ଏହି ସମୟରେ ଦଳିତ ସାହିତ୍ୟରେ ବ୍ରାହ୍ମଣଙ୍କ ବିରୋଧରେ ଯୁକ୍ତି ଏବଂ ୧୯୯୦ ଦଶନ୍ଧିରେ ୟୁରୋପୀୟଙ୍କ ଦ୍ୱାରା ଉପସ୍ଥାପିତ 'ଆଉଟ ଅଫ୍ ଇଣ୍ଡିଆନ୍ ଥିଓରି'(ଓଆଇଟି), ଅର୍ଥାତ୍ ଭାରତୀୟ ଉପମହାଦେଶର ମୂଳବାସିନ୍ଦା ଆର୍ଯ୍ୟଙ୍କୁ ନେଇ ୟୁରୋପୀୟଙ୍କ ସଂଶୟାତ୍ମକ ତଥ୍ୟର ଉତ୍ଥାନ ଏବଂ ହିନ୍ଦୁତ୍ୱକୁ କୋଏନରାଡ ଏଲିଷ୍ଟ ଓ ଡାଭିଡ ଫ୍ରାୱିଲେଙ୍କ ଭଳି ଆମେରିକୀୟଙ୍କ ସମର୍ଥନ ସାମ୍ନାକୁ ଆସିଥିଲା। ଭାରତ ମାନବ ସଭ୍ୟତାର କେନ୍ଦ୍ର ନୁହେଁ ବୋଲି ଦର୍ଶାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ। ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପ୍ରତିଷ୍ଠାତା ଥିଲେ ଏବଂ ସେମାନେ ଭାରତରୁ ୟୁରୋପକୁ ଯାଇଥିଲେ ବୋଲି ସେମାନେ ସ୍ୱୀକାର କରୁ ନ ଥିଲେ। ଏବେ ଯେଉଁମାନେ ଏହି ସିଦ୍ଧାନ୍ତକୁ ବିରୋଧ କରୁଛନ୍ତି, ସେମାନେ ଉପହସିତ ଏପରିକି ହିଂସାର ଶିକାର ହେଉଛନ୍ତି।

ନାଜି ଜର୍ମାନୀର ଉତ୍ଥାନରେ ଆର୍ଯ୍ୟଙ୍କ ସହ ୟୁରୋପୀୟଙ୍କ ନିବିଡ଼ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ସମ୍ପ୍ରତି ଆର୍ଯ୍ୟଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଗବେଷଣା ଚାଲିଛି। ପ୍ରତ୍ନତତ୍ତ୍ୱବିତ୍, ଭାଷାବିତ୍ ଏବଂ ଆନୁବଂଶିକ ବୈଜ୍ଞାନିକମାନେ ଏବେ ଦୃଢ଼ ନିଶ୍ଚିତ ଯେ, ଆର୍ଯ୍ୟମାନେ ଭାରତକୁ ଇରାନ ବାଟ ଦେଇ ପାଖାପାଖି ଖ୍ରୀଷ୍ଟପୂର୍ବ ୧୫୦୦ରେ ଆସିଥିଲେ। ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁ ହରପ୍ପା ସଭ୍ୟତା ପତନ ପରେ ଏବଂ ଖ୍ରୀଷ୍ଟପୂର୍ବ ୧୮୦୦ରେ ରଥ ଆବିଷ୍କାର ହେବା ପରେ ସେମାନେ ଆସିଥିଲେ। ଯେଉଁ ଅଞ୍ଚଳରୁ ସେମାନେ ଆସିଥିଲେ, ତାହାକୁ ଏବେ କାଜାକସ୍ତାନ କୁହାଯାଉଛି। ଏହା ଏକ ଆକ୍ରମଣ ନ ଥିଲା, ବରଂ ଥିଲା ପ୍ରାୟ ପୁରୁଷମାନଙ୍କର ଏକ ପ୍ରବାସନ ବା ସ୍ଥାନାନ୍ତର, ଯାହା ଅନେକ ଶତାବ୍ଦୀ ଧରି ଜାରି ରହିଥିଲା। ପ୍ରବାସନ ସମୟରେ ଆଫଗାନିସ୍ତାନ ନିକଟରେ ସେମାନେ ଏକ ପ୍ରକାର ଉତ୍ତେଜନାବର୍ଦ୍ଧକ ଔଷଧୀୟ ଗଛ ଇଫେଡ୍ରା (ସୋମ) ଦେଖିଥିଲେ। ଏହା ମଧ୍ୟ ସେମାନଙ୍କ ସଙ୍ଗୀତର ଏକ ଅଂଶ ଥିଲା। କିନ୍ତୁ ସେମାନେ ଗଙ୍ଗା ନିକଟରେ ପହଞ୍ଚିଲା ବେଳକୁ ଏହାର ବିକଳ୍ପ ପାଇଯାଇଥିଲେ। ଘୋଡ଼ା, ରଥ ତିଆରି କୌଶଳ, ଏକ ଦକ୍ଷ ସେନା ଏବଂ ଏକ ଯାଯାବର ଜୀବନଶୈଳୀ ସହ ଆର୍ଯ୍ୟମାନେ ଭାରତକୁ ଏକ ଭାଷା ମଧ୍ୟ ଆଣିଥିଲେ। ଗାଙ୍ଗେୟ ସମତଳ ଅଞ୍ଚଳରେ ଏହି ଭାଷାର କ୍ରମବିକାଶ ଘଟିଥିଲା, ଯାହାକୁ ଏବେ କୁହାଯାଉଛି ବୈଦିକ ସଂସ୍କୃତ। ଧର୍ମ ଶବ୍ଦର ମୂଳ ଅକ୍ଷର 'ଧ'। ଏହା ପୂର୍ବରୁ ଦକ୍ଷିଣ ଏସିଆ ବାହାରେ ଥିବା କୌଣସି ଆର୍ଯ୍ୟ ଭାଷା (ଇଣ୍ଡୋ ୟୁରୋପୀୟ)ରେ ଦେଖିବାକୁ ମିଳେ ନାହିଁ। ଏହି ବୈଦିକ ଭାଷା ଏବଂ ଏହା ସହ ଜଡ଼ିତ ପୁରୋହିତ ସଂସ୍କୃତି ଅନେକ ହଜାର ବର୍ଷ ଧରି ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୫୦୦ ମଧ୍ୟରେ ସମଗ୍ର ଉପମହାଦେଶରେ ପ୍ରସାର ଲାଭ କରିଛି। ଏହି ଭାଷା ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ କୁହାଯାଉଥିବା ସଙ୍ଗମ ସମୟରେ ତାମିଲ କବିଙ୍କର ଅତି ପ୍ରିୟ ଥିଲା।

–devduttofficial@gmail.com

## ଶାଶ୍ୱତ ସମ୍ପର୍କର ଅବକ୍ଷୟ



ଡ. ଚିନ୍ତାମଣି ପଣ୍ଡା

ଗୁରୁ–ଶିଷ୍ୟର ସମ୍ପର୍କ ଅତି ମାନବୀୟ ସ୍ତରର। ଏ ନୈସର୍ଗିକ ବନ୍ଧନଟି କାମନାରହିତ ସିନା କିନ୍ତୁ ଭାବାବେଗ ଭରା ସମ୍ବେଦନଶୀଳ। ତ୍ରେତୟା ଯୁଗର ଗୁରୁ ବଶିଷ୍ଠ, ବିଶ୍ୱାମିତ୍ରଙ୍କର ଅନୁଶାସନ ଯେତିକି କଠୋର, ଦ୍ୱାପରର ଗୁରୁ ସନ୍ଦିପନୀ ତଥା ଦ୍ରୋଣାଚାର୍ଯ୍ୟଙ୍କର ଶିଷ୍ୟ ପରୀକ୍ଷା ସେତିକି ମାର୍ମିକ ତଥା ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗୁରୁକୁଳୀୟ ପରମ୍ପରାରେ ଶିଷ୍ୟମାନେ ଯେ ଖାଲି ବିଦ୍ୱାନ ହେଉଥିଲେ ତା' ନୁହେଁ ବରଂ ଚରିତ୍ରବାନ୍ ଓ ସର୍ବଗୁଣ ବିଶାରଦ ହୋଇପାରୁଥିଲେ। କଳିଯୁଗରେ ଶିକ୍ଷାଦାନ ବ୍ୟବସ୍ଥା ଜଙ୍ଗଲର ଗୁରୁକୁଳୀୟ ପରମ୍ପରାରୁ ଜନବସତି ଆଡ଼କୁ ମୁହାଁଇଲା ପରେ ଗ୍ରାମ୍ୟ ଆଖଡ଼ାଶାଳ ତଥା ଚାହାଳି ଘରମାନଙ୍କରେ ଆତ୍ମପ୍ରକାଶ କଲା। ତଥାପି ତଦାନିନ୍ତନ ଗୁରୁରୂପୀ ଅବଧାନମାନେ ଶିଷ୍ୟ ରୂପରେ ପାଇଥିବା ଛାତ୍ରମାନଙ୍କୁ କଡ଼ା ଅନୁଶାସନ ଭିତରେ ବାନ୍ଧିରଖୁଥିଲେ। କ୍ରମବିବର୍ତ୍ତନ ବାଦରେ ଗ୍ରାମ୍ୟ ଚାହାଳିର ରୂପରେଖ ବଦଳି ଚାଟଶାଳୀରେ ଓ ଇଂରେଜମାନଙ୍କ ଅମଳରେ ପ୍ରାଥମିକ ବିଦ୍ୟାଳୟର କାୟାକଳ୍ପ ଧାରଣ କଲା। ଅବଧାନ, ପଣ୍ଡିତମାନଙ୍କ ଜାଗାରେ ଶିକ୍ଷକମାନେ ଅଧାପନାର କର୍ଣ୍ଣଧାର ସାଜିଲେ। ଲର୍ଡ ଉଇଲିୟମ ବେଣ୍ଟିଙ୍କଙ୍କ ସମୟରେ ବିଦ୍ୟାଳୟର ବିକାଶ ଘଟି ଉଚ୍ଚବିଦ୍ୟାଳୟ ଏବଂ ଲର୍ଡ କର୍ଜନଙ୍କ ସମୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ହେଲା। ଧୀରେ ଧୀରେ ନାରୀ ଶିକ୍ଷାର ପ୍ରସାର ଘଟି ସ୍ୱାଧୀନୋତ୍ତର ଭାରତରେ ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାର ନିଶ୍ଚିତ କରାଗଲା। ଶିକ୍ଷାର ବ୍ୟବସାୟୀକରଣ ପରେ ଅଧୁନା ନିଜ ଉଦ୍ୟୋଗରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାଦାନ କେନ୍ଦ୍ରଗୁଡ଼ିକ ପ୍ରତିଯୋଗିତା ଭିତ୍ତିରେ ଆତ୍ମପ୍ରକାଶ କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁ–ଶିଷ୍ୟ ସମ୍ପର୍କଟି ମଧ୍ୟ ଅବକ୍ଷୟମୁଖୀ ହୋଇ ଛାତ୍ର–ଶିକ୍ଷକ ସମ୍ପର୍କକୁ ରୂପାନ୍ତରିତ ହୋଇଯାଇଛି। କିନ୍ତୁ ଚାହାଳି କିମ୍ବା ଚାଟଶାଳୀର କଡ଼ା ଅନୁଶାସନ ବିଦ୍ୟାଳୟର ଦଣ୍ଡମୁକ୍ତ ଅଞ୍ଚଳରେ ସମାଧି ନେଇଛି। ତତ୍କାଳୀନ ଚାଟଶାଳୀରେ ଅବଧାନଙ୍କ ବୟସ ତୁଳନାରେ ଛାତ୍ରଟିର ବୟସର ତାରତମ୍ୟ ଯଥେଷ୍ଟ ଅଧିକ ଥିବାରୁ କଡ଼ା ଅନୁଶାସନ ହେତୁରୁ ହେଉ କିମ୍ବା ବାତ୍ସଲ୍ୟ ମମତା ଦୃଷ୍ଟିରୁ, ସମ୍ପର୍କ କଳଙ୍କିତ ହେବାର ନିଜର ନାହିଁ। ଏହି ବୟସର ବ୍ୟବଧାନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଯଥେଷ୍ଟ ସଂକୀର୍ଣ୍ଣ। ପରିବର୍ତ୍ତିତ ପରିବେଶ ପରିସ୍ଥିତି ଦୃଷ୍ଟିରୁ ଛାତ୍ରୀ–ଶିକ୍ଷକ ସମ୍ପର୍କ ଘୁଣ ଖାଇ ଏକ ସାମାଜିକ ବ୍ୟାଧିରେ ପରିଣତହେବାକୁ ବସିଲାଣି। ଉପାନ୍ତରୁ ଉପକୂଳ ପ୍ରତିଟି ଟିକିନିଖି ଖବର ଲୋକଲୋଚନକୁ ଆସିବା ହେତୁରୁ ପ୍ରତିଦିନ ଏ ସମ୍ପର୍କର ଦୁରବସ୍ଥା ସମ୍ବନ୍ଧୀୟ ଘଟଣାମାନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ଥରେ ଭାବନ୍ତୁତ, ଏକ ଆବେଗ ଭରା ଐଶ୍ୱରୀକ ସମ୍ପର୍କରେ ପତନ ଘଟାଇ ଆମେ ତାକୁ ରସାତଳଗାମୀ କରିସାରିଲେଣି କିନା ? ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଦୀର୍ଘ ବର୍ଷ ଅଧାପନା କରିବା ଭିତରେ ଅନେକ ଉପଲବ୍ଧି ହାସଲ କରିଛି। ଏକଦା ଛାତ୍ରଟିଏ ବିଳମ୍ବରେ ଶ୍ରେଣୀଗୃହକୁ ଆସିବାରୁ ତାଗିଦା ପରିବର୍ତ୍ତେ କାରଣ ପଚାରନ୍ତେ ସେ ନିଃସଙ୍କୋଚରେ ଡେରିରେ ଉଠିଥିବା କଥା ପ୍ରକାଶ କଲା, ତହୁଁ ଅପତ୍ୟ ସ୍ନେହରେ କୌତୁହଳୀ ହୋଇ ଦନ୍ତ ମାର୍ଜନ କରିଛ କି ନା ପଚାରି ଦେବାରୁ ଭରା ଶ୍ରେଣୀରେ ଅତି ନିର୍ଭୀକ ଭାବରେ ନା କହି ଆସନରେ ବସିଲା। ବୁଝିବା କଥା, ଏହା ହେଉଛି ନିଚ୍ଛକ ଗୁରୁଭକ୍ତି। ଛାତ୍ର–ଶିକ୍ଷକ ସମ୍ପର୍କରେ ଆତ୍ମୀୟତା ବଢ଼ିଗଲେ ଯାଇ ପରସ୍ପର ପରସ୍ପରର ସୁବିଧା ଅସୁବିଧା ବାଣ୍ଟିପାରନ୍ତି। ଛାତ୍ର ବା ଛାତ୍ରୀଟିର ମନରେ ଏହି ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମୟ ଦେଇ ତା'ର ଯଥେଷ୍ଟ ନିକଟତର ହେବାକୁ ପଡ଼େ, ଏହି ସମ୍ପର୍କଟି ମମତାର ଉତ୍କର୍ଷରେ ପହଞ୍ଚିଗଲେ ଛାତ୍ରୀଛାତ୍ରମାନେ ସମ୍ମୋହିତ ହେଲା ପରି ଶିକ୍ଷକ/ଶିକ୍ଷିକାଙ୍କର ବ୍ୟକ୍ତିତ୍ୱ ଆଗରେ ମୁଣ୍ଡ ନୁଆଁଇ ଥାନ୍ତି ଏବଂ ତାଙ୍କ ମନରେ ଭୟ ହେତୁରୁ ନୁହେଁ ଭାବାବେଗ ହେତୁରୁ ଗୁରୁଭକ୍ତିର ଉଦ୍ରେକ ହୁଏ। ଥରେ ଭକ୍ତି ଜାଗ୍ରତ ହେଲେ ସମସ୍ତ ନିର୍ଦ୍ଦେଶ ମାନି ବସ ଉଠ ବି ହୋଇପାରେ, କାରଣ ଛାତ୍ରୀଛାତ୍ରମାନେ ସାବାଳିକା ସାବାଳକ ହେଲେ ବି ଶିକ୍ଷକଙ୍କ ଆଗରେ ଶିଶୁ ସୁଲଭ। ଶାରୀରିକ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶିକ୍ଷାନବିସଙ୍କୁ ଦୁଷ୍କର୍ମ କରିବାକୁ ପଛାଉ ନାହାନ୍ତି। ଏହା ଶାଶ୍ୱତ ସମ୍ପର୍କର ଅବକ୍ଷୟ ନିଶ୍ଚୟ।

ମୋ:୮୧୪୦୬୬୦୧୬

## ଏଇ ଭାରତରେ

ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ରେହା କୋଠାରି ଓ ରିଶିକା ରେଡ୍ଡୀ। ଲକ୍‌ଡାଉନ ସମୟରେ ସମସ୍ତେ ଘରକୁ ସାମଗ୍ରୀ ମଗାଉଥିଲେ ଏବଂ ଏହା ଯୋଗୁ ଘରେ ପ୍ଲାଷ୍ଟିକ୍ କିମ୍ବା ଜରି ପ୍ୟାକେଜିଂ ବର୍ଜ୍ୟ ବଢ଼ିଯାଇଥିଲା। ଏହାକୁ ଲକ୍ଷ୍ୟକରି ଏହାର ପରିବେଶ ଉପଯୋଗୀ ବିକଳ୍ପ ଖୋଜିବା ଲାଗି ସେମାନେ ଏକାଠି ଗବେଷଣା ଆରମ୍ଭ କରିଦେଇଥିଲେ। ରିଶିକାଙ୍କ ପରିବାର ପ୍ରିଣ୍ଟିଂ ବିଜନେସ୍ ସହ ଜଡ଼ିତ ଥିବା ହେତୁ ସେ ସହଜରେ ଗବେଷଣାରେ ସକ୍ଷମ ହୋଇପାରିଲେ। ଏବେ ସେମାନେ କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏହିସବୁ ସାମଗ୍ରୀ ସହଜରେ ଓ କମ୍ ସମୟରେ ମାଟିରେ ମିଶିଯାଉଛି। ଏହି ଦୁଇ ମହିଳା ଉଦ୍ୟୋଗୀ 'ଦି ମେଣ୍ଡ୍ ପ୍ୟାକେଜିଂ' କମ୍ପାନୀ ପ୍ରତିଷ୍ଠାକରି ପ୍ୟାକେଜିଂ ସାମଗ୍ରୀ ତିଆରି କରୁଛନ୍ତି। ଏହି କମ୍ପାନୀକୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ଏବେ କମ୍ପାନୀରେ ୭୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ୨୮୦ ଜଣ ଭେଣ୍ଡରଙ୍କ ସହ କାମ କରି ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟ୍‌ୱର୍କ ପ୍ରତିଷ୍ଠା କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୪ ଅଗଷ୍ଟ ୧୯୭୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟ ସୁଖଲାଲ ହାଥୀ ହରିଆନାର ରାଜ୍ୟପାଳ ରୂପେ ଏବଂ ବିଦେଶ ତୁକାରାମ କୁଲକର୍ଣ୍ଣି ପଣ୍ଡିଚେରୀର ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଛନ୍ତି।
- ପ୍ୟାରିସ୍‌ର ଏକ ୬ ମହଲା ବିଶିଷ୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ୨ ପର୍ଯ୍ୟଟନକାରୀଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।
- ଗୋଷ୍ଠୀନିରପେକ୍ଷ ଶୀର୍ଷ ସମ୍ମିଳନୀରେ ରୁମାନିଆ, ପର୍ତ୍ତୁଗାଲ ଓ ଫିଲିପାଇନ୍ସ ଅତିଥି ଭାବେ ଯୋଗଦେଇପାରିବେ ବୋଲି ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ନିଷ୍ପତ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 7 | 3 |
| | | 3 | | | 6 | | 2 | |
| | | 8 | | | | | | |
| 7 | | | | | | 1 | | 6 |
| | | | 8 | 4 | | 7 | | |
| | | | 3 | | | | | |
| | | | 4 | 1 | | 3 | 5 | |
| 2 | | | 5 | 9 | | 4 | | |
| | 5 | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 7 | 4 | 9 | 6 | 8 | 3 |
| 6 | 4 | 3 | 8 | 2 | 1 | 7 | 9 | 5 |
| 7 | 8 | 9 | 5 | 6 | 3 | 1 | 2 | 4 |
| 4 | 2 | 8 | 6 | 9 | 7 | 3 | 5 | 1 |
| 1 | 9 | 6 | 2 | 3 | 5 | 8 | 4 | 7 |
| 3 | 5 | 7 | 1 | 8 | 4 | 9 | 6 | 2 |
| 8 | 7 | 4 | 9 | 1 | 2 | 5 | 3 | 6 |
| 5 | 6 | 2 | 3 | 7 | 8 | 4 | 1 | 9 |
| 9 | 3 | 1 | 4 | 5 | 6 | 2 | 7 | 8 |

ଗତକାଲିର ଉତ୍ତର

# କପୋତ ଆଜି ଉଡ଼ନ୍ତା ମୂଷା



ଡ. ବିମଳ ଷଡ଼ଙ୍ଗୀ

ଏକନିଷ୍ଠ ପ୍ରେମ ଓ ଭରସାର ପ୍ରତୀକ, ସେବା, ସମର୍ପଣ ଓ ସାଥିରେ ରହିବାର ଚିହ୍ନ ଏବଂ ମାନବର ଦାମ୍ପତ୍ୟ ଜୀବନର ଆଦର୍ଶ ରୂପେ ବ୍ୟବହୃତ ହୁଏ 'କପୋତ କପୋତୀ'। ସତରେ କେତେ ଶାନ୍ତ, କମନୀୟ ସେମାନଙ୍କର ଶବ୍ଦ, ରୂପ ଓ ଗୁଣ। କାହିଁ କେତେକାଳରୁ ମଣିଷର ସାଥୀ ସେମାନେ। ସେଇଥିପାଇଁ ଖ୍ରୀ:ପୂ: ୫୦୦୦ ବର୍ଷ ପୂର୍ବରୁ ଏକ ଗୃହପାଳିତ ପକ୍ଷୀ ରୂପେ ସ୍ୱୀକୃତିପ୍ରାପ୍ତ ଶାନ୍ତି ଓ ମୈତ୍ରୀର ପ୍ରତୀକ କପୋତ ବା ପାରା। ତଥ୍ୟ ଅନୁସାରେ ୧୮୦୦ ମସିହାରୁ ଭାରତ ଓ ୟୁରୋପରେ ଡାକସେବାର ସେମାନେ ଥିଲେ ଏକ ମାଧ୍ୟମ। ତା' ସହିତ ଯୁଦ୍ଧ ଓ ବିପଦ ସମୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସଙ୍କେତ ନେବା ଆଣିବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏକଦା ବ୍ରିଟିଶ୍ ଦ୍ୱାରା ତାଲିମପ୍ରାପ୍ତ ଚେରଆମି ନାମକ ଏକ କପୋତକୁ ଯୁକ୍ତରାଷ୍ଟ୍ର ଆମେରିକାର ସେନା ସଙ୍କେତ ବାହକ ଭାବରେ ବ୍ୟବହାର କରିଥିଲା। ୧୯୧୮ ଅକ୍ଟୋବରରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଫ୍ରାନ୍ସର ଆର୍ଗୋନ ଜଙ୍ଗଲରେ ନିଜ ଛାତିରେ ଗୁଳି, ଗୋଟିଏ ଆଖି ନଷ୍ଟ ଏବଂ ଗୋଟିଏ ଗୋଡ଼ ହରାଇ ଘଞ୍ଚ ଜଙ୍ଗଲରେ ଲୁଚି ଲୁଚି ଯାଇ ପ୍ରାୟ ୧୯୪ ସୈନିକଙ୍କ ଜୀବନ ବଞ୍ଚାଇଥିଲା ସେହି କପୋତ । ଆଜି ସେହି ଶାନ୍ତ ସାହାଯ୍ୟକାରୀ କପୋତର ବଂଶଧରଙ୍କୁ 'ଉଡ଼ନ୍ତା ମୂଷା' ବୋଲି ଅଭିହିତ କରିବା ଖାଲି ଏକ ଅପମାନଜନକ ଶବ୍ଦ ନୁହେଁ, ବରଂ ସବୁଠାରୁ ବହୁଚର୍ଚ୍ଚିତ ଅପମାନ ମଧ୍ୟରୁ ଗୋଟିଏ। ଏପରି ଭାଷା କେବଳ ଅରୁଚିକର ନୁହେଁ ବରଂ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରି ନ ଥିବା କିଛି ବ୍ୟକ୍ତିଙ୍କ ଆଳାପ ଭଳି ମନେହୁଏ।

ସାମ୍ପ୍ରତିକ ସମୟରେ ଜଣାଶୁଣା ନୀଳରଙ୍ଗର କପୋତ ଯାହାକୁ ଠାକୁର ପାରା ମଧ୍ୟ କୁହାଯାଏ, ସେଗୁଡ଼ିକ ଆଜି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସାଧାରଣତଃ ଗ୍ରାମ ଓ ସହରାଞ୍ଚଳରେ ଥିବା କୋଠାଘରର ବାଲ୍‌କୋନି, କାନ୍ଥର ଖୋପ ଓ ଛାତ ଉପରେ ବାସ କରୁଥିବା ଏହି ଶାନ୍ତ ଓ ସୁନ୍ଦର ପକ୍ଷୀକୁ ବର୍ତ୍ତମାନ ଆସ୍ପର୍ଗିଲୋସିସ ନାମକ ଏକ ରୋଗର ବାହକ ଭାବରେ ବର୍ଣ୍ଣନା କରାଯାଇଛି। ଆସ୍ପର୍ଗିଲୋସିସ ହେଉଛି ଆସ୍ପର୍ଗିଲସ ଫ୍ୟୁମିଗାଟସର ଏକ କ୍ଷୁଦ୍ରତମ ବାୟୁଗତ ବୀଜାଣୁ ଉତ୍ପାଦନର କାରକ। ଯେତେବେଳେ ଏହି ବୀଜାଣୁଗୁଡ଼ିକ ବିଶେଷକରି ଦୁର୍ବଳ ପ୍ରତିରୋଧ କ୍ଷମତା ବା ପୂର୍ବରୁ ଫୁସଫୁସ ରୋଗଥିବା କିମ୍ବା ଧୂଳିମୟ ଦୂଷିତ ପରିବେଶରେ ଦୀର୍ଘ ସମୟ ଧରି ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରବେଶ କରିଥାଏ ସେତେବେଳେ ସେମାନଙ୍କୁ ସହଜରେ ସଂକ୍ରମିତ କରିଥାଏ ଓ ଶ୍ୱାସକ୍ରିୟାଜନିତ ରୋଗ ସୃଷ୍ଟି କରିଥାଏ। ତଥାପି, ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆସ୍ପରଗିଲସ ସର୍ବବ୍ୟାପୀ ଯାହା କମ୍ପୋଷ୍ଟଖତ, ଧୂଳି, ପୁରୁଣା କୋଠା ସାମଗ୍ରୀ, ଏୟାର–କଣ୍ଡିସନିଂ ସିଷ୍ଟମ,ପାଣିଳିକରୁ ସୃଷ୍ଟ କାନ୍ଥର ନଷ୍ଟ ହୋଇଥିବା ପ୍ଲାଷ୍ଟରିଂ, ବିଭିନ୍ନ ପକ୍ଷୀଙ୍କ ମଳ, ଗାଧୁଆ ଘରର ଓଦା ସନ୍ତସନ୍ତିଆ କୋଣ, ଅପରିଷ୍କାର ନଳୀ କିମ୍ବା ଅଣଦେଖା ହୋଇଥିବା ପୁରୁଣା ଉଦ୍ଭିଦର ଅବଶେଷ, ଅପରିଷ୍କାର ମାଟି ଏବଂ ଏପରିକି ମସଲା ଗୁଣ୍ଡରେ ମଧ୍ୟ ଏହା ରହିଥାଏ। ଏହା ଓଦା ଏବଂ ଉତ୍ତମ ବାୟୁ ଚଳାଚଳ ନ ଥିବା ଅଞ୍ଚଳରେ ସହଜରେ ବ୍ୟାପିଥାଏ। ବୀଜାଣୁଟି ଦୈନନ୍ଦିନ ଜୀବନର ନିଃଶ୍ୱାସ ନେବା ସମୟରେ ଏକ ଅଂଶ ଭାବରେ ପ୍ରବେଶ କରିଥିଲେ ମଧ୍ୟ ସାଧାରଣତଃ



ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ କ୍ଷତିକାରକ ନୁହେଁ। ସେଥିପାଇଁ ପ୍ରାକୃତିକ ଭାବରେ ଘଟୁଥିବା ରୋଗଟିର ବିସ୍ତାର ପାଇଁ କେବଳ ପାରାଗୁଡ଼ିକୁ ଦାୟୀ କରିବା ବୈଜ୍ଞାନିକ ଭାବରେ ଭିତ୍ତିହୀନ। ପ୍ରକୃତ ସମସ୍ୟା ହେଉଛି ପରିବେଶଗତ ପରିଚ୍ଛନ୍ନତା। ପାରାମାନଙ୍କ ବା ଗୃହପାଳିତ ଅନ୍ୟ ପକ୍ଷୀମାନଙ୍କ ପକ୍ଷ ଝାଡ଼ିଦେଲେ ଯେଉଁ ଧୂଳିକଣା ବାହାରେ ସେଥିରେ ବି ଏହି ବୀଜାଣୁ ରହିପାରନ୍ତି। ତେବେ ପାରାମାନଙ୍କର ସଂଖ୍ୟା ସହରାଞ୍ଚଳଗୁଡ଼ିକରେ ଅତିମାତ୍ରାରେ ବୃଦ୍ଧିପାଇବା କେବଳ ମନୁଷ୍ୟକୃତ। ଆମର ମନେରଖିବା ଉଚିତ ଯେ ୧୯୭୦ ପୂର୍ବରୁ ଭାରତରେ କୋଠାଘର କହିଲେ କେବଳ ମଠ, ମନ୍ଦିର, ଧର୍ମଶାଳା, ସରକାରୀ ଅଫିସ, କିଛି ଧନିକ ଶ୍ରେଣୀ ଇତ୍ୟାଦି ମଧ୍ୟରେ ସୀମିତ ଥିଲା। ପାରାଗୁଡ଼ିକ ପ୍ରାୟତଃ ମନ୍ଦିରଗୁଡ଼ିକରେ ଅଧିକ ଦେଖାଯାଉଥିଲେ ଓ ସେଠାରେ ସହଜରେ ଖାଦ୍ୟ ମିଳୁଥିଲା। ମାତ୍ର କାଳକ୍ରମେ ସହର ଓ ଗ୍ରାମାଞ୍ଚଳରେ କୋଠାଘରଗୁଡ଼ିକର ବୃଦ୍ଧି ସହିତ ଆମର ଅଧିକ ଧର୍ମ ବିଶ୍ୱାସ ଏବଂ ପାରାମାନଙ୍କ ପ୍ରତିସମ୍ମାନ ଓ ଶ୍ରଦ୍ଧାଯୋଗୁ ପାରା ବା କପୋତମାନଙ୍କୁ ମନ୍ଦିର ପାଖରୁ ଆମ ନିକଟକୁ ଟାଣି ଆଣିଲା। ସେମାନଙ୍କୁ ନିୟମିତ ଖାଦ୍ୟ ଓ ଦାନା ମିଳିବାଦ୍ୱାରା ମଣିଷମାନଙ୍କ ପ୍ରତି ବିଶ୍ୱାସ ବୃଦ୍ଧି ପାଇଲା ଓ କ୍ରମଶଃ ସେମାନେ ମନ୍ଦିର ଛାଡ଼ି କୋଠାଘରଗୁଡ଼ିକୁ ସୁରକ୍ଷିତ ବାସସ୍ଥାନ ଭାବି ରହିଲେ ଓ ସେମାନଙ୍କ ବଂଶ ବୃଦ୍ଧିପାଇଲା। ତେଣୁ ସେମାନଙ୍କ ବଂଶବୃଦ୍ଧି ପାଇଁ ଆମେ ଦାୟୀ, ସେମାନେ ନୁହନ୍ତି। ଆମେ ଅଜାଣତରେ ସେମାନଙ୍କୁ ରହିବା, ଖାଦ୍ୟ ଯୋଗାଇବା, ବସା ନିର୍ମାଣ କରିବା ଏବଂ ସଂଖ୍ୟା ବୃଦ୍ଧି କରିବାକୁ ନିମନ୍ତ୍ରଣ କରିଛୁ। ବର୍ତ୍ତମାନ ବୁଲିପଡ଼ି ସେମାନଙ୍କୁ ଗାଳିଦେବା କେବଳ ବିଡ଼ମ୍ବନାପୂର୍ଣ୍ଣ ନୁହେଁ, ଏକ ଘୋର ଅନ୍ୟାୟ କାରଣ ସେମାନେ ତ ପକ୍ଷୀ।

ଘୃଣା ବିନା ଏହି ସମସ୍ୟାର ସମାଧାନ ମଧ୍ୟ ଆମ ହାତରେ ଅଛି। ଯଦି କପୋତ ବା ପାରାଙ୍କ ଅତ୍ୟଧିକ ସଂଖ୍ୟା ପ୍ରକୃତରେ ଏକ ଚିନ୍ତାର ବିଷୟ, ତେବେ ଏହାକୁ ପରିଚାଳନା କରିବାର ମାନବୀୟ ଏବଂ ପ୍ରଭାବଶାଳୀ ଉପାୟ ଅଛି। ପ୍ରଥମ ଏବଂ ସର୍ବୋପରି, ସେମାନଙ୍କୁ ଖାଇବାକୁ ଦେବା ବନ୍ଦ କରିବାକୁ ପଡ଼ିବ। ଯେତେବେଳେ ଖାଦ୍ୟର ଉତ୍ସ ବନ୍ଦହୋଇଯିବ, କପୋତ ବା ପାରାମାନେ ଅନ୍ୟତ୍ର ଖାଦ୍ୟ ଖୋଜିବାକୁ ଚାଲିଯିବେ। ଦ୍ୱିତୀୟତଃ, ଘର ଏବଂ କୋଠାଗୁଡ଼ିକୁ ବିଭିନ୍ନ ପ୍ରକାରର ଜାଲି ଦ୍ୱାରା ପ୍ରତିରୋଧ କରିବା ଏକ ଜରୁରୀ ପଦକ୍ଷେପ। ଜାଲି କିମ୍ବା ଗଡ଼ାଣିଆ ସ୍ଥାନ ସ୍ଥାପନ କରିବା ଯାହା ଫଳରେ ସେମାନେ ନୂଆ ବସା କରିପାରିବେ ନାହିଁ। ବାଲକୋନି, କାନ୍ଥରେ ଥିବା ଗାତ, ଲିଫ୍ଟର ଫାଟ ଏବଂ ଅନ୍ୟାନ୍ୟ ସ୍ଥାନକୁ ସିଲ୍ କରିବା ଦ୍ୱାରା ସମ୍ଭାବ୍ୟ ବାସସ୍ଥାନର ପ୍ରବେଶକୁ ରୋକାଯାଇପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦକ୍ଷେପଗୁଡ଼ିକ ସକ୍ରିୟ ହେବା ଉଚିତ, ପ୍ରତିକ୍ରିୟାଶୀଳ ନୁହେଁ।

ଇଣ୍ଟରନେଟ୍ ଯୁଗରେ ଫେସବୁକ, ହ୍ୱାଟ୍ସଆପ, ଲିଙ୍କଡଇନ,ଟୁଇଟର ଇତ୍ୟାଦି କପୋତ ବା ପାରାଗୁଡ଼ିକର ଡାକ ଓ ତା'ର ସେବା ଓ ସଙ୍କେତ ବାହକ ସେବାକୁ ଇତିହାସର ଗର୍ଭକୁ ଠେଲିଦେଇଛି ଓ ସେମାନଙ୍କୁ ବାର୍ତ୍ତାବାହକ ଏବଂ ଯୁଦ୍ଧ ନାୟକରୁ ସୁବିଧାଜନକ ଭାବରେ ଦୋଷଦେଇ ଅବୈଜ୍ଞାନିକ ଭାବରେ ଉଡନ୍ତା ମୂଷା ନାମରେ ଅପମାନିତ କରିଚାଲିଛି। ଏହା ମଣିଷର ସାର୍ଥପର, ଅବୈଜ୍ଞାନିକ ଓ ଅମାନବିକ ଗୁଣର ଖୋଲା ପରିଚୟକୁ ସ୍ପଷ୍ଟ ଭାବରେ ସୂଚିତ କରୁଛି। ଏଣୁ ଠିକ୍ ତଥ୍ୟ ଉପସ୍ଥାପନ କରିବାର ମାଧ୍ୟମ କେବଳ ବୈଜ୍ଞାନିକ ଦୃଷ୍ଟିକୋଣର ବିଚାର ଦ୍ୱାରା ହିଁ ସମ୍ଭବ। ବିପଦରେ ସହାୟ ହୋଇଥିବା ବନ୍ଧୁକୁ ଅପମାନ କଲେ ତାକୁ କୃତଘ୍ନ ବା ବିଶ୍ୱାସଘାତକ କୁହାଯିବ, ମଣିଷ ନୁହେଁ।

ମୋ:୯୪୩୭୧୨୩୮୯୨

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି–
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ ।

–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଜାଖାନା ସଂଶୋଧନ ପ୍ରହସନ ହେବ କି

ମହାଶୟ,

ବହୁ ବ୍ୟକ୍ତିଙ୍କ ଦୀର୍ଘବର୍ଷର ଦେହାନ୍ତ ପରେ ବି ସେମାନଙ୍କ ନାମ ଜମି ରେକର୍ଡରେ ଗଡ଼ିଚାଲିଛି ଏବଂ ଏଥିପାଇଁ ପିଢ଼ି ପରେ ପିଢ଼ି ଡକ୍ୟୁମେଣ୍ଟ ପାଇଁ ବହୁ ହୀନସ୍ତା ହେଉଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ସରକାର କଲମ୍–୨ (ପ୍ରଜାଖାନା ସଂଶାଧନ) ଜରିଆରେ ରେକର୍ଡ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇ ରାଜସ୍ୱ କର୍ମକର୍ତ୍ତା ଲୋକଙ୍କ ଘରେ ପହଞ୍ଚି ସେବା ଯୋଗାଇଦେବା ବିଷୟ କୁହାଯାଇଛି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ କାମରେ ସମ୍ପୂର୍ଣ୍ଣ ବିପରୀତ। ଯେଉଁମାନଙ୍କ ନାମରେ ଭୂଲିପି ନାହିଁ ସେମାନେ ମୃତ୍ୟୁ ଓ ଉତ୍ତରାଧିକାରୀ ପ୍ରମାଣପତ୍ର ସହ ଆବଶ୍ୟକ ସ୍ଥଳେ ସତ୍ୟପାଠ ଓ ଦଲିଲ ନକଲ ଦାଖଲକରି ତହସିଲକୁ ନ୍ୟାୟ ମାଗିଲେ ରେକର୍ଡ ସଂଶୋଧିତ ହେବ ବୋଲି ପ୍ରଚାର ଚାଲିଛି। ତେବେ ପ୍ରଜାଖାନା ସଂଶୋଧନରେ କେବଳ ଜମାନବନ୍ଦୀ(ଖତିୟାନ ସଂଖ୍ୟା) ନମ୍ବର ଅନୁସାରେ ଅଭିଯୋଗ ଦେବାକୁ କହିଲାବେଳେ ପ୍ରାପ୍ତିସ୍ୱୀକାର ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି।

**– ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବନ୍ଧୁକ ସହ ଗୁଳି ଜବତ, ଯୁବକ ଗିରଫ

**ବଅଁରପାଳ,(ସୁବାସ ସାହୁ):** ଅନୁଗୋଳ ଜିଲା ବଅଁରପାଳ ପୋଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଶାଳଗାଡ଼ିଆ ଗ୍ରାମର ଭ୍ରମରବର ନାଏକ (୪୫)ଙ୍କ ନିକଟରୁ ଦେଶୀ ପିସ୍ତଲ ସହ ୫ଟି ଅଫୁଟା ଗୁଳି ଜବତ କରିଛି। ପୋଲିସ କହିଛି, ପାଟ୍ରୋଲିଂ ବେଳେ ତାଳଚେର ପଟୁ ଆସୁଥିବା ଏକ ମୋଟର ସାଇକେଲ ଚାଳକଙ୍କୁ ସନ୍ଦେହରେ ଅଟକିବାକୁ କୁହାଯାଇଥିଲା। କିନ୍ତୁ ବାଇକ୍ ଚାଳକ ଦ୍ରୁତଗତିରେ ପଳାଉଥିବା ବେଳେ ପୋଲିସ ପିଛାକରି ବଅଁରପାଳ ଛକ ଠାରେ ଅଟକାଇ ଯାଞ୍ଚ କରି ବନ୍ଧୁକ ସହ ଗୁଳି ଜବତ କରିଥିଲା। ଏଥିସହ ତାଙ୍କୁ ଗିରଫ କରାଯାଇଥିଲା।

# ସଂସ୍କୃତ ସପ୍ତାହ ଉପରେ ଆଲୋଚନା

**ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ହାଇସ୍କୁଲରେ ମଙ୍ଗଳବାର ସଂସ୍କୃତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଚିତ୍ରାଙ୍କନ, ଭାଷଣ, ଶ୍ଳୋକ, ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷକ ତ୍ରିଲୋଚନ ଦେହୁରୀ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସାହୁ, ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ଜଗଦୀଶ ନନ୍ଦ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ବିନୋଦିନୀ ସାହୁ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ସେହିପରି ପାଇକସହି ଡିଗ୍ରୀ ମହାବିଦ୍ୟାଳୟରେ ମଧ୍ୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନିରୋଜକାନ୍ତ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଧ୍ୟାପକ ସାରଦା ପ୍ରସାଦ ସାହୁ, ମିଳନ କୁମାର ସାହୁ, ରଞ୍ଜନ କୁମାର ରାଉଳ, ଜସ୍ମିରାଣୀ ନାୟକ, ପ୍ରିୟଦର୍ଶିନୀ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର କର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ସୋମବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଉପସଭାପତି ଚୈତନ୍ୟ ବେହେରା, ମୁଖ୍ୟବକ୍ତା ଭାବେ ସହ ପ୍ରଧାନ ଆଚାର୍ଯ୍ୟ ଜ୍ୟୋସ୍ନାମୟୀ ପ୍ରଧାନ ଯୋଗଦେଇ ମା'ର ଭୂମିକା ସମ୍ପର୍କରେ କହିଥିଲେ। ଅନ୍ନପୂର୍ଣ୍ଣା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁମତି ପ୍ରଧାନ, ରଶ୍ମିତା ମହାନ୍ତି, ନିରୂପମା ବେହେରା, ରତ୍ନ ମଞ୍ଜରି ସାହୁ, ଲିପିକା ସାହୁ , ମମତା ବିଶ୍ୱାଳ, ସୋମାଲିନ ସାହୁ ସହଯୋଗ କରିଥିଲେ।

## ଭୁବନ କଂଗ୍ରେସ ପକ୍ଷରୁ ସାଙ୍ଗଠନିକ ବୈଠକ

**ଭୁବନ, ୧୩।୮ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲ୍ଲା ଭୁବନ କଂଗ୍ରେସ ପକ୍ଷରୁ ବୁଧବାର ସ୍ଥାନୀୟ ବାଜିରାଉତ କଲ୍ୟାଣ ମଣ୍ଡପରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୁବନ ଟାଉନ କଂଗ୍ରେସ ସଭାପତି ମନୋଜ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁ ସଙ୍ଗଠନକୁ ସୁଦୃଢ କରିବାକୁ ଆହ୍ୱାନ କରିଥିଲେ। ଢେଙ୍କାନାଳ ଜିଲା କଂଗ୍ରେସ କମିଟି ସଂଯୋଜକ ଛବିରାଜ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିପରି ସଙ୍ଗଠନ ବଢିବ ସେ ଉପରେ ମାର୍ଗଦର୍ଶନ କରିଥିଲେ। ସେଥିରେ ଢେଙ୍କାନାଳ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ପ୍ରଭୁଦତ୍ତ ଭଞ୍ଜ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ କଂଗ୍ରେସର ପୂର୍ବତନ କୃଷକ ସଂଗଠନ ସଭାପତି ଭାଗବତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଢେଙ୍କାନାଳ ଜିଲା କଂଗ୍ରେସ ସମ୍ପାଦକ ବିନୋଦ କୁମାର ମହାରଣା ପରିଚାଳନା କରିବା ସହିତ ଯୁବକମାନଙ୍କ ଆଗ୍ରହକୁ ତାରିଫ କରି ସଂଗଠନକୁ ଆଗାମୀ ଦିନରେ ଆଗକୁ ନେବାକୁ ହେଲେ ଭୁବନ ବ୍ଲକ ଓ ଏନଏସିର କାର୍ଯ୍ୟକର୍ତ୍ତାଙ୍କୁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ବୈଠକରେ ଭୁବନ ବ୍ଲକର ୧୮ଟି ପଞ୍ଚାୟତ ଓ ଏନଏସିର ୧୫ଟି ଓ୍ୱାର୍ଡର ଯୁବ, ଛାତ୍ର, ମହିଳା କର୍ମୀମାନେ ଉପସ୍ଥିତ ଥିଲେ। ସେଥିରେ ଢେଙ୍କାନାଳ ଜିଲା ଉପସଭାପତି ଶତେକେତୁ ମିଶ୍ର, ମୁସ୍ତାଫିଦ ଆଲାମ, ପଞ୍ଚାନନ ରାଉତ, ବ୍ରହ୍ମାନନ୍ଦ କନର, ବନ୍ଦନା ରାଉତ ଓ ଜୟନ୍ତୀ ସେଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଂସ୍କୃତ ଦିବସ ସମାରୋହ ଉଦ୍‌ଯାପିତ

**ଅନୁଗୋଳ, ୧୩।୮ (ମାନସ ବିଶ୍ୱାଳ)**



ଅନୁଗୋଳ ସହରସ୍ଥିତ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସୋମବାର ଏହାର ଉଦ୍‌ଘାଟନୀ ଉତ୍ସବରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ, ମୁଖ୍ୟବକ୍ତା ଭାବେ ଲୋକଭାଷା ପ୍ରଚାର ସମିତି ଓଡ଼ିଶା ଶାଖା ସଭାପତି ଡ. ଗୋପାଳ କୃଷ୍ଣ ପାଢ଼ୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ପଣ୍ଡା ଓ ପତଞ୍ଜଳି ଯୋଗ ସମିତି ଅନୁଗୋଳ ମୁଖ୍ୟ ଅଭୟ କୁମାର ରାୟ ଯୋଗଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଅନୀତା ମିଶ୍ର ସଭା ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ. ଦେବାଶିଷ ଦାଶ, ଅଧ୍ୟାପକ ନିର୍ମଳ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ତଥା ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ।

## ନିଶା ମୁକ୍ତ ଭାରତ ପାଇଁ ଶପଥ

**ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି କାଶୀ ବିଶ୍ୱନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ନିଶାମୁକ୍ତ ଭାରତ ଅଭିଯାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିରୋଜ କାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶାରଦା ପ୍ରସାଦ ସାହୁ, ମିଳନ କୁମାର ସାହୁ, ରଞ୍ଜନ କୁମାର ରାଉଳ, ଅଧ୍ୟାପିକା ଯସ୍ମିରାଣୀ ନାୟକ, ପ୍ରିୟଦର୍ଶିନୀ ଦେହୁରୀ, ସଞ୍ଜୟ କୁମାର ପ୍ରଧାନ, ରୋହିତ କୁମାର ସାହୁ ପ୍ରମୁଖ ଯୋଗଦେଇ କିପରି ସମସ୍ତ ଛାତ୍ରୀଛାତ୍ର ନିଶାରୁ ଦୂରେଇ ରହିବେ ସେ ସମ୍ପର୍କରେ କହିଥିଲେ। ଏଥିସହ ନିଶା ବ୍ୟବହାର କଲେ ନିଜ ସ୍ୱାସ୍ଥ୍ୟ ଖରାପ ହେବ ବୋଲି କହିବା ସହ ଶପଥ କରାଇଥିଲେ

## ଜିଲା ସୁରକ୍ଷା ମଞ୍ଚ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ଅନୁଗୋଳ, ୧୩।୮ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ସୁରକ୍ଷା ମଞ୍ଚ ପକ୍ଷରୁ ଦେଶରେ ଭୋଟ ଚୋରି ପ୍ରସଙ୍ଗର ଉପଯୁକ୍ତ ତଦନ୍ତ କରିବା ସପକ୍ଷରେ ବୁଧବାର ସନ୍ଧ୍ୟାରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲା ସାଧାରଣ ସମ୍ପାଦକ ଅଭିଷେକ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ବାହାରି ବଜାର ପରିକ୍ରମା କରିଥିଲା। ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ମଞ୍ଚର ବରିଷ୍ଠ ଉପଦେଷ୍ଟା ଅନ୍ତର୍ଯାମୀ ବିଶ୍ୱାଳ, ଦିଗାମ୍ବର ଗଡନାୟକ, ପଙ୍କଜିନୀ ସାହୁ, ସରୋଜିନୀ ପ୍ରଧାନ, ଶତ୍ରୁଘନ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ ଯୁବ, ଛାତ୍ର, ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର ଉଦ୍ୟମ

**ଢେଙ୍କାନାଳ, ୧୩।୮ (ରତନ ନାୟାର)**

### ୩ ଯୁବକ ଗିରଫ ପରେ କୋର୍ଟଚାଲାଣ

ଢେଙ୍କାନାଳ ଜିଲା ସଦର ଥାନା ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମଙ୍ଗଳବାର ଅପହରଣ କରି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ବୁଧବାର ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗରୁ ଜଣାପଡିଛି ଯେ, ବିଦ୍ୟାଳୟ ଛୁଟି ହେବା ପରେ ଛାତ୍ରୀ ଜଣଙ୍କୁ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ବାଟରେ ଅଟକାଇ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରି କି ଅପହରଣ ସହ ବଳାତ୍କାର କରିବା ପାଇଁ ଘୋସାରି ନେଇଥିଲେ। ଛୁଟି ପୂର୍ବରୁ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ବାଟରେ ଛାତ୍ରୀଙ୍କ ଆସିବାକୁ ନେଇ ନଜର ରଖିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଘର ଜନବସତି ଅଞ୍ଚଳରୁ ଦୂରରେ ଥିବା ଏବଂ ତାଙ୍କ ବାପା ବାହାରେ ଚାକିରି କରୁଥିବାରୁ ୩ ଯୁବକ ଏହାର ସୁଯୋଗ ନେଇ ଛାତ୍ରୀଙ୍କୁ ବଳାତ୍କାର ପାଇଁ ଅପହରଣ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସମ୍ପୃକ୍ତ ୩ ଯୁବକ ଛାତ୍ରୀ ଜଣଙ୍କୁ ଟଣାଓଟରା କରୁଥିବା ବେଳେ ସେ ପାଟି କରିବାରୁ ତାଙ୍କ ମା' ଘର ଆଗକୁ ଦୌଡି ଆସିବାରୁ ଯୁବକମାନେ ଛାତ୍ରୀଙ୍କ ଛାତିକୁ ଗୋଇଠା ମାରି ତଳେ ପକାଇ ଦେଇଥିଲେ। ଏଥିସହ ଛାତ୍ରୀ ଓ ତାଙ୍କ ମା'ଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଛାତ୍ରୀ ଓ ତାଙ୍କ ପରିବାରର ଜୀବନ ପ୍ରତି ବିପଦ ଥିବାରୁ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ରୀ ଜଣକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ୩ ଅଭିଯୁକ୍ତ ସୌଭାଗ୍ୟ ନାୟକ, ସମ୍ବିତ ଓ ସଂଗ୍ରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ପୋକ୍‌ସୋ ଆକ୍ଟରେ ନଂ-୬୪୩/୨୫ରେ ଏକ ମାମଲା ରୁଜୁ କରାଯାଇଛି ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଣ୍ଟିକାରେ ଖୋଲାଯିବ । କ୍ର.ସଂ; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି (୧) ଇ-କେଜିପି-ସାଉଥ୍-୪୫-୨୦୨୫; ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଖଡ଼ଗପୁର-ଲକ୍ଷ୍ମଣନାଥ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ସେତୁ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୫୭ ଗୋଟି ସେତୁ) । ₹୮୩,୭୨,୧୯,୬୮୪.୨୩; ₹୪୩,୩୬,୧୦୦.୦୦; (୨) ଇ-କେଜିପି-ସାଉଥ୍-୪୬-୨୦୨୫; ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଲକ୍ଷ୍ମଣନାଥ ରୋଡ୍-ନୂଆଗାଁ ମୟୂରଭଞ୍ଜ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିକ୍ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୪୯ ଗୋଟି ସେତୁ) । ₹୮୦,୯୬,୫୩,୭୫୬.୧୪; ₹୪୧,୯୮,୩୦୦.୦୦; (୩) ଇ-କେଜିପି-ସାଉଥ୍-୪୭-୨୦୨୫; ଏଡିଇଏନ୍/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ନୂଆଗାଁ ମୟୂରଭଞ୍ଜ ରୋଡ୍-ଭଦ୍ରକ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିକ୍ ସ୍ଲାବ୍‌କୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୭୪ ଗୋଟି ସେତୁ) । ₹୭୮,୩୩,୮୭,୧୩୫.୬୪; ₹୪୦,୬୬,୯୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦ (କ୍ର.ସଂ ୧ରୁ ୩ ପାଇଁ); ଖୋଲାଯିବା ତାରିଖ: ତା୦୩।୦୯।୨୦୨୫ରିଖ (କ୍ର.ସଂ. ୧ରୁ ୩ ପାଇଁ); କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ. ୩୬ ମାସ (କ୍ର.ସଂ. ୧ରୁ ୩ ପାଇଁ); ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ରୁ ୩ ପାଇଁ ତା୨୦।୦୮।୨୦୨୫ରିଖରୁ ତା୦୩।୦୯।୨୦୨୫ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-517)

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-08-2025

କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ MEMU କାର ସେଡ୍, ଖୋର୍ଦ୍ଧା ରୋଡ଼ ଠାରେ ନନ୍-କୋର୍ କାର୍ଯ୍ୟକଳାପ ଗୁଡ଼ିକର ବହିଃସ୍ରୋତ ।

ବିଜ୍ଞାପିତ ମୂଲ୍ୟ (₹) : 7,00,69,678.92, EMD (₹) : 5,00,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2025 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.08.2025 ରିଖ 1600 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-469/Q/25-26

**GOVERNMENT OF ODISHA** No.B-353

**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**

Mail ID : sepwdsbp@rediffmail.com

**e-Procurement**

**BID IDENTIFICATION NO. CCENC (R AND B) / 05 / 2025-26**
No. 2688 Dtd.29.07.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road Work** as detailed in the DTCN from the eligible class of contractors.
2. No. of works : **14 (Fourteen) (Road Works)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special" Class**
5. Date & Time of available in website & receipt of Bids from **18.08.2025** to **17.00 hours of 03.09.2025.**
6. Date of opening of Technical Bid **04.09.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

OIPR-34035/11/0033/2526

Sd./- Chief Construction Engineer
Northern (R&B) Circle, Sambalpur

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**KHARUNG WATER RESOURCES DIVISION BILASPUR, DISTT.-BILASPUR(C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
(FIRST CALL)

**NIT No.: 05,06,07/SAC/2025-26** **Dated:12.08.2025**

Online Tenders are invited for the following works upto 02.09.2025 at 17.30 Hour

01.Name of Work:- RENOVATION/REPAIR OF C.C. LINING STRENGTHENING & RECONSTRUCTION OF STRUCTURE AND CANAL BANKS OF POUNSARA DISTRIBUTARY, BAIMA MINOR AND BAIMA SUB MINOR OF RBC KHARUNG TANK SCHEME.
**Tender System No.173531, Probable Amount of Contract: Rs.283.49 Lakhs**

**02. Name of Work:** REPAIR/RENOVATION OF C.C.LINING IN BETWEEN RD 41130 M. TO 46160 M, RECONSTRUCTION OF FOOT BRIDGE AT RD 42030 M, CROSS DRAINAGE AT RD 67320 M. AND 05 NOS. OF FALL OF LBC MAIN CANAL OF KHARUNG TANK SCHEME.
**Tender System No.173539, Probable Amount of Contract:- Rs.256.64 Lakhs**

**03. Name of Work:** REPAIR & MAINTENANCE OF C.C. LINING OF KHAIRKHUNDI MINOR IN BETWEEN RD 0 M. TO RD 720 M, SARWANDEORI MINOR IN BETWEEN RD 0 M. TO RD 1300 M, LAKHRAM MINOR IN BETWEEN RD 0 M. TO RD 1780 M, LAKHRAM SUB MINOR IN BETWEEN RD 0 M. TO RD 1240 M, SINGHRI SUB MINOR IN BETWEEN RD 0 M. TO RD 440 M, PARSADA DISTRIBUTARY IN BETWEEN RD 0 M. TO RD 5710 M & MINOR CANALS OF RBC OF KHARUNG TANK SCHEME.
**Tender System No.173541, Probable Amount of Contract:- Rs.214.37 Lakhs (Probable Amount of Contract based on SOR 01.05.2025)**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 19.08.2025, at 17.31 Hours. (IST) onwards.**

**NOTE:** 1- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

G- 252602796/10

**Sd./- EXECUTIVE ENGINEER**
**KHARUNG W.R. DIVISION, BILASPUR (C.G.)**

**जमशेदपुर अधिसूचित क्षेत्र समिति का कार्यालय, जमशेदपुर**
New Kalimati Road, Sakchi-831001, E-mail ID-jnacjsr@gmail.com

पत्रांक–2266 **–ःशुद्धि पत्रः–** दिनांक–12.08.2025

जमशेदपुर अधिसूचित क्षेत्र समिति के द्वारा आमंत्रित ई0 निविदा आमंत्रण सूचना सं0–10 / 2025–26 जिसका PR No. 358963 Urban Development (25-26):D में अपरिहार्य तकनीकी कारणों से निम्नवत संशोधित किया जाता है :–

| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) | |
|---|---|---|---|
| क्र0 सं0 | विवरणी | पूर्व में प्रकाशित | संशोधित |
| 2 | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 | Construction cost :- ₹ 3,02,32,094.00 Operation & Maintenance cost :- ₹ 31,17,705.00 Total cost :- ₹ 3,33,49,799.00 |
| 5 (a) | Time of Completion | 1Year | 1 year including one month of trial run. |
| (b) | Defect Liability Period | 1Year | Defect liability period 1 years after satisfactory completion of project. |
| (c) | O&M Period | 1Year | 1 year after satisfactory completion of project. |
| 6 | Date/Time of publication of tender on website | 11.08.2025 at 05:00 Pm | 21.08.2025 at 05:00 Pm |
| 7 | Document downloading Start date | 11.08.2025 at 05:00 Pm | 21.08.2025 at 05:00 Pm |
| 8 | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall | 25.08.2025 at 03:00 Pm, JNAC Conference Hall |
| 9 | Bid Submission Start date | 18.08.2025 at 05:00 Pm | 28.08.2025 at 11:00 Am |
| 10 | Bid Submission end date | 25.08.2025 at 05:00 Pm | 08.09.2025 at 05:00 Pm |
| 11 | Bid Opening date | 26.08.2025 (Online) 03:00PM | 09.09.2025 (Online) 03:00PM |

शेष सभी नियम एवं शर्ते यथावत रहेगी।

उप नगर आयुक्त,
जमशेदपुर अधिसूचित क्षेत्र समिति, जमशेदपुर

PR 359493 Urban Development(25-26)#D

**पीएम श्री जवाहर नवोदय विद्यालय, बोद्ध**
(नवोदय विद्यालय समिति की एक इकाई)
सिक्षा मंत्रालय, स्कूली सिक्षा एंव साक्षरता विभाग, भारत सरकार
गांव : पालझार, पोस्ट ऑफिस : सालकी, जिला : बोद्ध, राज्य : ओडिशा, पिन कोड : ७६२०२६

**PM SHRI JAWAHAR NAVODAYA VIDYALAYA, BOUDH**
(A unit of Navodaya Vidyalaya Samiti)
Ministry of Education, Deptt. of School, Education & Literacy, Govt. of India
Village : Paljhar, PO : Salki, Distt : Boudh, State : Odisha, Pin : 762026
Email : jnvboudh@gmail.com School Code : 19060 CBSE Affl. No. 1540023 UDISE No : 21220107102
Website - https://www.navodaya.gov.in/nvs/nvs-school/Boudh/en/home/
GSTIN NO. - 21BBNJ00254CIDE

F. No. - 5-5/2025/PM SHRI/JNVBDH/1238 Date : 13.08.2025

**NOTIFICATION FOR WALK-IN-INTERVIEW**

A walk-in-interview will be conducted on 22nd August - 2025 at 10.00 AM at PM SHRI School, Jawahar Navodaya Vidyalaya, Paljhar, Dist. - Boudh (Odisha) for the following temporary engagement of Teacher/Experts for 2025-26 under PM SHRI Project for short-term duration.

| Sl. No. | Position | No. of Posts | Essential Qualification | Monthly Remuneration | Duty Modalities |
|---|---|---|---|---|---|
| 01. | Yoga Trainer | 01 | Graduate with 1 year Post Graduate Diploma in Yoga OR Post Graduate with Diploma/Certificate in Yoga OR Bachelor's Degree in Yoga | **Rs.1,042/-** per session (Maximum **Rs.12,500/-** per months for 8 months. | 03 Session in a week for 08 months. |
| 02. | Sports Coach | 01 | B.P. Ed, M.P. Ed, specialization in Judo/Taekwondo/Wrestling/Kabaddi/Basketball/Athletics/Kho-Kho/Volleyball | **Rs.1,250/-** per session (Maximum **Rs.20,000/-** per months for 5 months. | 04 Session in a week for 05 months. |
| 03. | Dance Expert | 01 | Certificate/Diploma in any of the Indian Classical/Folk Dance forms. | **Rs.1,042/-** per session (Maximum **Rs.25,000/-** per months for 8 months. | 06 Session per week X 4 Week = 24 Sessions/ Month |
| 04. | Music Expert | 01 | Skilled in instruments like Keyboard/Congo/Flute/Harmonium/Tablas/Dholak. | **Rs.1,042/-** per session (Maximum **Rs.25,000/-** per months for 8 months. | 06 Session per week X 4 Week = 24 Sessions/ Month |
| 05. | Self Defence Trainer (Female) | 01 | A female graduate with an experience of coaching self-defense, Priority will be given on the basis of experience. | **Rs.1,042/-** per session (Maximum **Rs.12,500/-** per months for 8 months. | Training program should be conducted 03 Session in a week for 08 months. |

1. The maximum age limit is 50 Years.
2. The engagement is purely on temporary basis. Not TA/DA is payable for attending the walk in-interview. Willing candidates are requested to attend the interview with biodata & original testimonials with one set of self-attested copy & 01 passport size photograph, interested candidates are requested to attend the interview on 22nd August 2025 at 10.00 AM.
3. For further inquiries kindly contact the school office / Principal between 09.00 AM to 01.00 PM (Contact Number-9621270889)

**Sd./- PRINCIPAL**
**PM SHRI JNV, Paljhar, Boudh (O)**

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୬.୦୮.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଫିରିଙ୍ଗିଆ ଶାଖା, ପୋ: ଫିରିଙ୍ଗିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ କର୍ଣ୍ଣ, ମୋ.: ୮୨୮୦୦୮୮୮୧୨** | | |
| ୧. | **ଚନ୍ଦ୍ରମଣୀ ଦିଗାଲ,** ସା: ବପଙ୍ଗା, ବାଲନ୍ଦାପଡା, ଗୋଛାପଡା, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୦୪ | ଟ.୧୨,୦୦୦/- + ସୁଧ ଏବଂ ଦେୟ | ୬.୪୦ |
| ୨. | **ଆଲୋକ ସାହାଣୀ,** ସା: ତେଲପାଲି, ସରୁକୁଇ, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୩୫ | ଟ.୨୭,୦୦୦/- + ସୁଧ ଏବଂ ଦେୟ | ୮.୮୦ |
| ୩. | **ଜ୍ଞାନ ରଞ୍ଜନ ବିଶୋଇ,** ସା: ଡିଣ୍ଡିରା ଗାଁ, ଫିରିଙ୍ଗିଆ - ୭୬୨୦୧୧ / ୧୦୩୬୦୬୧୦୦୨୦୦୩୬ | ଟ.୪୪,୦୦୦/- + ସୁଧ ଏବଂ ଦେୟ | ୧୭.୦୯ |
| | **କୋଣାର୍କ ଶାଖା, କୋଣାର୍କ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | **ପ୍ରକାଶ ଚନ୍ଦ୍ର ବିଶ୍ୱାଳ,** ସା: ସାରଡା, କୋଣାର୍କ - ୭୫୨୧୧୧ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୨୧୦୦୬୯୫୮** | | |
| ୧. | **ସମ୍ଭୁନାଥ ଗୋଛାୟତ,** ସା: ତାରିଣୀ ନଗର, ସାଲିଆ ସାହି, ଭୁବନେଶ୍ୱର - ୭୫୧୦୧୩ / ୧୮୩୯୦୬୧୦୦୧୫୯୪୦ | ଟ.୯୩,୦୦୦/- + ସୁଧ ଏବଂ ଦେୟ | ୨୬.୩୫ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

FORM NO. 14
[See Regulation 33(2)]
by Publication.

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
C/71, Sector-7, CDA, Cuttack-753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/97/2021 Dt.29.07.2025

**ODISHA GRAMEEN BANK**
Versus
**PRASANNA KUMAR MAJHI & OTHERS**

To,
**CD1(a) Dutia Majhi,** W/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(b) Sameer Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(c) Madhab Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(d) Nilamani Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(e) Netrananda Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(f) Geeta Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(g) Puja Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(h) Liza Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(i) Padmini Majhi,** D/o- Late Prasanna Kumar Majhi, At/PO: Kusanpuri, Via: Barpali, Dist.: Baragarh, PIN: 768029.
**CD 2 Alekh Majhi,** S/o- Upendra Majhi, At: Ichhapur, PO: Kandapala, Baragarh, Odisha-768045.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/418/2016** an amount of **Rs.12,62,542.00 (Rupees Twelve Lakhs Sixty Two Thousands Five Hundred Forty Two Only)** along with pendentellite and future interest @ 10% Simple Interest Yearly w.e.f. **21.03.2016** till realization and costs of **Rs.15,000/- (Rupees Fifteen Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03.10.2025** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **29.07.2025.**

**Sd/- Saroj Kumar Biswal,**
**Recovery Officer,**
**DEBTS RECOVERY TRIBUNAL, CUTTACK**

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ପୋଲିସ ଚଢ଼ାଉ କରି ବିକା ସେଠୀଙ୍କ ଘରୁ ୧୦ ଲିଟର ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ନମ୍ବର ୩୦୫/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ସମସ୍ତ ଜରୁରୀ ଔଷଧ ଉପଲବ୍ଧ ଉପରେ ଗୁରୁତ୍ୱ



ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୧୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ତାଲିମ କେନ୍ଦ୍ରଠାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ ପ୍ରକ୍ରିୟାର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ ମାଧ୍ୟମରେ ଶତ ପ୍ରତିଶତ କାର୍ଯ୍ୟ ପରିଚାଳନା, ସମସ୍ତ ଜରୁରିକାଳୀନ ଔଷଧ ଉପଲବ୍ଧ ସହ ବ୍ଲକସ୍ତର ପର୍ଯ୍ୟନ୍ତ କିଡ୍‌ନୀ ରୋଗୀଙ୍କ ଔଷଧ ଯୋଗାଣ ବ୍ୟବସ୍ଥା ଉପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଗାମୀ ଦିନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସ୍ତରୀୟ ଆଲୋଚନା ସହ ଦୁର୍ଗମ ଅଞ୍ଚଳରେ ସବୁ ପ୍ରକାର ପ୍ରାଥମିକ ଔଷଧ ଯୋଗାଣ ନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ଅଧୀକ୍ଷକ (ଚିକିତ୍ସା) ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ବି.ବି. ମହାନ୍ତି, ବରିଷ୍ଠ ଫାର୍ମାସି ଅଧିକାରୀ ଦୁର୍ଗା ପ୍ରସାଦ ଦଳେଇ, ଜିଲା ଭଣ୍ଡାର ଭାରପ୍ରାପ୍ତ ମୁଖ୍ୟ ଫାର୍ମାସି ଅଧିକାରୀ ଏମ୍‌.ଡି. ଆସଲାମ, ଯୋଗାଣ ଭାରପ୍ରାପ୍ତ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଯନ୍ତ୍ରପାତି ଯୋଗାଣ ଭାରପ୍ରାପ୍ତ ଅଧିକାରୀ ବିଷ୍ଣୁ ଚରଣ ସାହୁ, ଗୁରୁଦେବ ମିଶ୍ର, ଜିଲ୍ଲା କାର୍ଯ୍ୟାଳୟ ମୁଖ୍ୟ ବିଭାଗୀୟ ଅଧିକାରୀ ନଳିନୀ ରଞ୍ଜନ ପ୍ରଧାନ, ବରିଷ୍ଠ ଅଧିକାରୀ ପ୍ରଶାନ୍ତ କୁମାର ପାଣି, ଉପଖଣ୍ଡ ଚିକିତ୍ସାଳୟ ଓ ବ୍ଲକସ୍ତରୀୟ ଚିକିତ୍ସାଳୟର ଭଣ୍ଡାର ପରିଚାଳନା କାର୍ଯ୍ୟ ନିର୍ବାହୀ ଫାର୍ମାସି ଅଧିକାରୀ ଯୋଗ ଦେଇଥିଲେ।

## ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା

ଅନୁଗୋଳ,୧୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକଙ୍କ ସହ ଏକ ଟିମ୍ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଅନୁଗୋଳ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଅନୁଗୋଳ ଜିଲାରେ ଥିବା ସମ୍ଭାବନାକୁ ଉପଯୋଗ କରି ସ୍ଥାନୀୟ ଜନସାଧାରଣଙ୍କ ହିତରେ କାମ କରିବା, ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ସହ ଆଞ୍ଚଳିକ ଅର୍ଥନୀତିକୁ ମଜଭୁତ କରିବା ଦିଗରେ ଆଲୋଚନା କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହି ଆଲୋଚନାରେ ବରୁଣ କୁମାର ସାହୁ, ବୃନ୍ଦାବନ ବେହେରା, ସୁଶାନ୍ତ କୁମାର ପ୍ରଧାନ, ଅଜୟ ସାହୁ, ଖଇରା ପ୍ରଧାନ, ଶମ୍ଭୁନାଥ ବେହେରା, ଜଗଦୀଶ ମିଶ୍ର, ଜଗଦୀଶ ସିଂହ, ସୁନୀଲ ପଟ୍ଟନାୟକ, ସନ୍ଦୀପ ପାଲ, ବିଶ୍ୱମ୍ଭର ପ୍ରଧାନ, ବିଜୟ ମହାନ୍ତି, ସଞ୍ଜୀବ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ମହାରାଜାଙ୍କ ବୀରତ୍ୱପୂର୍ଣ୍ଣ ସ୍ୱାଧୀନତା ସଂଗ୍ରାମର ଗୁଣଗାନ


ମହାରାଜା ସୋମନାଥ ସିଂହଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ।

ଅନୁଗୋଳ,୧୩।୮ (ମାନସ ବିଶ୍ୱାଳ)

ଅନୁଗୋଳର ମହାରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ଜୟନ୍ତୀ ଅନୁଗୋଳ ସଭାଘରଠାରେ ସୋମବାର ପାଳିତ ହୋଇଯାଇଛି। ମହାରାଜା ସୋମନାଥ ସିଂହ ଜଗଦେବ ସ୍ମୃତି କମିଟି ଓ ଅନୁଗୋଳ ପୌରପାଳିକାର ମିଳିତ ଉଦ୍ୟମରେ ଏହା ପାଳିତ ହୋଇଥିଲା। ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୌରପାଳିକା ସଭାଗୃହଠାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସ୍ମୃତି କମିଟି ପ୍ରତିଷ୍ଠାତା ଗୋବିନ୍ଦ ରାଜଗୁରୁ ଓ ପଣ୍ଡିତ ହଳଧର ରାଜଗୁରୁ ମନ୍ତ୍ରପାଠ କରିଥିଲେ। କମିଟି ଉପସଭାପତି ପୂର୍ବତନ ଜିଲାପାଳ ହେମନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ସମ୍ମାନିତ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଶକ୍ତି ପ୍ରସାଦ ପଟ୍ଟନାୟକ, ବନବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ବୀରତ୍ୱପୂର୍ଣ୍ଣ ସ୍ୱାଧୀନତା ସଂଗ୍ରାମର ଗୁଣଗାନ କରିବା ସହ ଅନୁଗୋଳରେ ମହାରାଜା ସୋମନାଥ ସିଂହ ଜଗଦେବଙ୍କ ନାମରେ ସରକାରୀ ୟୁନିଭର୍ସିଟି କରିବାକୁ ଦାବି କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସାହୁଙ୍କୁ 'ମହାରାଜା ସୋମନାଥ ସିଂହ ଜଗଦେବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସଂଯୋଜକ ଡ. ଧରଣୀଧର ନାଥ ସଭା ପରିଚଳନା କରିଥିଲେ। କଳିଙ୍ଗ କେଶରୀ ପ୍ରଭାସ ସାହୁ, ଡ. ବିଶ୍ୱରଞ୍ଜନ ପ୍ରଧାନ, ପ୍ରକାଶ ସିଂହ, ବିଜୟ କୁମାର ସାହୁ, ଲମ୍ବୋଦର ବେହେରା, ପ୍ରଫେସର ନାରାୟଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ତାଳଚେର ରାଣୀ ଶୁକଦେଇ ବାହିନୀ ସହଯୋଗ କରିଥିଲେ।

# ସରକାରୀ ଯୋଜନା ସମ୍ପର୍କରେ ସଚେତନତା

ବଇଣ୍ଡା,୧୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପର୍ଶୁମାଳଠାରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଡବ୍ଲୁଇଓ ତ୍ରିଦେବସୁନ୍ଦର ବରାଳ, ଯୋଗାଣ ନିରୀକ୍ଷକ କିଶୋରନଗର ରୁସବ ଚନ୍ଦ୍ର ନାୟକ, ସିଆର୍‌ସିସି ଜିତୁ ସାହୁ, ସରପଞ୍ଚ ସୁରୁଚି ସମ୍ପୂର୍ଣ୍ଣ ସାହୁ, ପିଇଓ ତିଳକରାଜ ବେହେରା, ରତ୍ନାକର ନାୟକ, ପ୍ରଧାନ ଶିକ୍ଷକ ସୁଧାକର ପ୍ରଧାନ, ସଭାପତି ବିଶ୍ୱ ଯୁବକେନ୍ଦ୍ର ବସନ୍ତ ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ରଜନୀକାନ୍ତ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ, ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଡବ୍ଲୁଇଓ ଆଲୋଚନା କରିଥିଲେ। ଯୋଗାଣ ନିରୀକ୍ଷକ ରାଶନ କାର୍ଡ ସମ୍ବନ୍ଧୀୟ ସରକାରୀ ବ୍ୟବସ୍ଥା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ସରକାରଙ୍କ ଦ୍ୱାରା ପରିଚାଳିତ ପେନ୍‌ସନ୍ ଯୋଜନା, ଆବାସ ଯୋଜନା କିପରି ମିଳିପାରିବ, ଆବେଦନର ପ୍ରକ୍ରିୟା ଓ ମାଧ୍ୟମ ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ପୂଜା ସ୍ୱାଇଁ, ଅଭିଷେକ ମହାପାତ୍ର, ଡିପି ଦେହୁରୀ, ପପି ଦେହୁରୀ ସହଯୋଗ କରିଥିଲେ।




# କେନ୍ଦ୍ରର ସାମ୍ରାଜ୍ୟବାଦ, କର୍ପୋରେଟ୍ ତୋଷଣ ନୀତିକୁ ନିନ୍ଦା

## ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ ପ୍ରଦର୍ଶନ

ଅନୁଗୋଳ, ୧୩।୮ (ମାନସ ବିଶ୍ୱାଳ)

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଆହ୍ୱାନରେ ବୁଧବାର ଦେଶବ୍ୟାପୀ ପ୍ରତିବାଦ/ବିକ୍ଷୋଭ ପ୍ରଦର୍ଶନ ଅବସରରେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଏଆଇକେକେଏମ୍‌ଏସ୍‌ର ଜିଲା ସଭାପତି ସୁବାସ ପ୍ରଧାନ ଯୋଗଦେଇ କେନ୍ଦ୍ର ଭାଜପା ସରକାରଙ୍କ ସାମ୍ରାଜ୍ୟବାଦ ଓ କର୍ପୋରେଟ ତୋଷଣ ନୀତିର ଦୃଢ଼ ନିନ୍ଦା କରିଥିଲେ। ଏଥିସହ ଆମେରିକାର ମୋଟ ୫୦% ଟାରିଫ ଏବଂ ରୁଷିଆ ସହ ତୈଳ ବ୍ୟବସାୟ ଉପରେ ଜରିମାନା ଲଗାଇବା ଧମକକୁ ତୀବ୍ର ନିନ୍ଦା କରିଥିଲେ। ଭାରତ-ବ୍ରିଟେନ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି (ସିଇଟିଏ) ଭାରତୀୟ କୃଷକ, ଶ୍ରମିକ ଓ ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବ। ଶିଳ୍ପକରଣ ହ୍ରାସ ପାଇବ ଓ ବହୁସଂଖ୍ୟକ ବେକାରି ସୃଷ୍ଟି ହେବ ବୋଲି କହିଥିଲେ। ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ଓ ଋଣ ଛାଡ଼ ସହ ଆମେରିକାର ଧମକକୁ ପ୍ରତ୍ୟାଖ୍ୟାନ କରି ରୁଷିଆ ସମେତ ସମସ୍ତ ଦେଶ ସହ ବାଣିଜ୍ୟ କରିବା, ଭାରତ-ବ୍ରିଟେନ ସିଇଟିଏର ସମୀକ୍ଷା ଓ ସଂଶୋଧନ, ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଆଲୋଚନା ବନ୍ଦ କରିବା ଆଦି ଦାବି କରିଥିଲେ। ଉପସଭାପତି ନବକିଶୋର ପ୍ରଧାନ, ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଆଇଏନ୍‌ଟିୟୁସି ଜିଲା ସଭାପତି ଦିଗାମ୍ବର ଗଡ଼ନାୟକ, ଏଆଇସିସିଟିୟୁ ଜିଲା ନେତା ତପନ ମହାନ୍ତି, ସଞ୍ଜୟ ସାହୁ, ବଳରାମ ନାୟକ, ପ୍ରଦୀପ ପ୍ରଧାନ, କାଳିଚରଣ ପ୍ରଧାନ, ସନାତନ ସାହୁ, କୁମର ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସେଣ୍ଟ୍ରାଲ ଗଣେଶ ପୂଜା କମିଟି ବୈଠକ

ଅନୁଗୋଳ, ୧୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ସହରରେ ଥିବା ସେଣ୍ଟ୍ରାଲ ଗଣେଶ ପୂଜା କମିଟିର ବୈଠକ ମିଶ୍ରପଡ଼ାସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସୌମ୍ୟରଞ୍ଜନ ସାହୁଙ୍କ ନିବେଦନ କ୍ରମେ ଉପଦେଷ୍ଟା ବ୍ରହ୍ମଜ୍ୟୋତି ମିଶ୍ର ବୈଠକ ପରିଚାଳନା କରିଥିଲେ। ସମସ୍ତ ପୂଜା କମିଟିକୁ କ୍ରମାଗତ ଭାବେ ଟୋକନ ଦିଆଯାଇଥିଲା। ମିଳିଥିବା ନମ୍ବର ଅନୁଯାୟୀ ଭସାଣି ବେଳେ ପୂଜା କମିଟି କ୍ରମାନ୍ୱୟରେ ମେଢ଼ ନେଇ ଯିବେ ବୋଲି ସ୍ଥିର କରାଯାଇଥିଲା। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପାଖରେ ସାଉଣ୍ଡ କମାଇ ମେଢ଼ଗୁଡ଼ିକ ଆଗକୁ ବଢ଼ିବେ ବୋଲି ଆଲୋଚନା ହୋଇଥିଲା। ଜିଲା ପ୍ରଶାସନ ଓ ସେଣ୍ଟ୍ରାଲ ପୂଜା କମିଟି ଆଲୋଚନାରେ ଯାହା ନିଷ୍ପତ୍ତି ହେବ, ତାହାକୁ ସମସ୍ତ ପୂଜା କମିଟି ପାଳନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସମ୍ପାଦକ ଦିପୁନ ବେହେରା, ଉପସଭାପତି ଆକାଶ ମହାରଣା, ଶାନ୍ତନୁ ସେଠୀ, ସହସମ୍ପାଦକ ସୁଶୀଲ ମୁଖୀ, କୋଷାଧ୍ୟକ୍ଷ ସୁଶାନ୍ତ ସାମଲ, ଉପଦେଷ୍ଟା ଭାବେ ବ୍ରହ୍ମଜ୍ୟୋତି ମିଶ୍ର, ସୂର୍ଯ୍ୟକାନ୍ତ ନନ୍ଦ, ପ୍ରଦ୍ୟୁମ୍ନ ସାହୁଙ୍କ ସହିତ ମୋଟ ୧୫ଟି ପୂଜା କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତାମାନେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବଇଣ୍ଡା,୧୩।୮ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ମିଶ୍ରଙ୍କ ବୁଧବାର ପରଲୋକ ହୋଇଯାଇଛି। ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଓ ଆଦର୍ଶ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ଅବସରପରେ ସେ ଅନୁଗୋଳ ସୁସୁଡ଼ାସ୍ଥିତ ବାସ ଭବନରେ ରହୁଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ଶିକ୍ଷକ ବିନାୟକ ଦେହୁରୀ, ସଂଗ୍ରାମ କେଶରୀ ପୃଷ୍ଟି, ଭୈରବ କୁମାର ଦେହୁରୀ, ପ୍ରସନ୍ନ ପ୍ରଧାନ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ସୋମାଞ୍ଜଳି ସାହୁ, ପ୍ରମୋଦିନୀ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ, ମଞ୍ଜୁ କଅଁର, ପଙ୍କଜିନୀ ସାହୁ, ଶୁଭଲକ୍ଷ୍ମୀ ସାହୁ, ଛାତ୍ରୀଛାତ୍ର ଯୋଗଦେଇ ନୀରବ ପ୍ରାର୍ଥନା କରିଥିଲେ।

# ନିଶାମୁକ୍ତ ଭାରତ ଅଭିଯାନର ପଞ୍ଚମ ବାର୍ଷିକୀ ପାଳିତ

ଅନୁଗୋଳ,୧୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ପ୍ରଶାସନ ତରଫରୁ ସମଗ୍ର ଜିଲାରେ ନିଶାମୁକ୍ତ ଭାରତ ଅଭିଯାନର ପଞ୍ଚମ ବାର୍ଷିକୀ ପାଳନ ଉପଲକ୍ଷେ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲଙ୍କ ତତ୍ତ୍ୱାବଧାନରେ ଏହା ପାଳନ ହୋଇଥିଲା। ଏଥିରେ ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସମସ୍ତ ସର୍ବସାଧାରଣ ଅନୁଷ୍ଠାନରେ ନିଶା ଦ୍ରବ୍ୟ ବ୍ୟବହାର ବିରୋଧରେ ଶପଥ ପାଠ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ, ଥାନା, ପଞ୍ଚାୟତ ଏବଂ ବିଭିନ୍ନ ଜନବହୁଳ ସ୍ଥାନରେ ସଚେତନତା ପାଇଁ କ୍ୟୁଆର୍ କୋଡ୍ ସହିତ ପୋଷ୍ଟର ଲଗାଯାଇଥିଲା, ଯାହା ସ୍କାନ କରି ଅନ୍‌ଲାଇନରେ ଶପଥ ପାଠ କରି ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇପାରିବେ ବୋଲି କୁହାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳଠାରେ ସେଲ୍ଫି ପଏଣ୍ଟ ବ୍ୟବସ୍ଥା କରାଯାଇଥିଲା। ସରକାରୀ ସ୍ୱୟଂଶାସିତ ମହା ବିଦ୍ୟାଳୟ ଠାରେ ଜିଲା ପ୍ରଶାସନ ତରଫରୁ ନିଶା ଦ୍ରବ୍ୟ ବ୍ୟବହାର ବିରୋଧରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।



ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ।

# ନଗର ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ଅନୁଗୋଳ,୧୩।୮ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଗୋପବନ୍ଧୁ ପାର୍କରେ ବୁଧବାର ନଗର ଭାଜପା ସଦସ୍ୟଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପାର୍କର ବିକାଶ, ମୁକ୍ତାକାଶ ଜିମ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପୌରପାଳିକାକୁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଭାଜପା ନେତା ଦିଲୀପ ପ୍ରଧାନ, ନଗର ସଭାପତି ପବନ ମାଣ୍ଡୋଠିଆ, ଭାଜପା ମିଡିଆ ସେଲ୍ ସଂଯୋଜକ ଅର୍ଜୁନ ମୁଦୁଲି, ବରିଷ୍ଠ ଆଇନଜୀବୀ ଦିଲୀପ ଦାସ ଏବଂ ୫୦ରୁ ଅଧିକ କର୍ମୀ ଏଥିରେ ଭାଗ ନେଇଥିଲେ।

# ବିଡିଓଙ୍କ ଗାଡ଼ିରୁ ହଟୁନି ହଳଦିଆ ବତି

ବଇଣ୍ଡା,୧୩।୮ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବିଡିଓଙ୍କ ସରକାରୀ ଗାଡ଼ିରୁ ହଳଦିଆ ବତି ହଟୁନାହିଁ। ଫଳରେ ସରକାରଙ୍କ ନିର୍ଦ୍ଦେଶର ଉଲ୍ଲଂଘନ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଅନେକ ପ୍ରଶାସନିକ ଅଧିକାରୀ ସେମାନଙ୍କ ସରକାରୀ ଗାଡ଼ିରୁ ହଳଦିଆ ବତି ଖୋଲି ସାରିଥିଲେ ମଧ୍ୟ କିଶୋରନଗର ବିଡିଓଙ୍କ ଗାଡିରୁ ତାହା ହଟୁ ନ ଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କହିଛନ୍ତି, ଗାଡ଼ିରେ ହଳଦିଆ ବତି ପୂର୍ବରୁ ଲାଗିଛି। ଏହାକୁ ବ୍ୟବହାର କରାଯାଉ ନାହିଁ।

# ମା' କାଲୁଣୀଙ୍କ ବାର୍ଷିକ ପୂଜା

ଛେଣ୍ଡିପଦା,୧୩।୮ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ଜରଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାଲୁଣୀଙ୍କ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଗ୍ରାମରେ ଥିବା ସମସ୍ତ ଦେବୀ ପୀଠରେ ବାର୍ଷିକ ଭାଦ୍ରବ ପୂଜା କରାଯାଇଥିଲା। ଏହାପରେ ସନ୍ଧ୍ୟାରେ ମା'ଙ୍କ ମନ୍ଦିର ପରିସରରେ ମୁଖ୍ୟ ପୂଜା କରାଯାଇଥିଲା। ପୂଜକ ଏବଂ ସେବାୟତ ନିଷ୍ଠାର ସହ ପୂଜାନୀତି ତୁଲାଇଥିଲେ। ସହସ୍ରାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ବହୁ ସଂଖ୍ୟକ ଶିଶୁଙ୍କ ମୁଣ୍ଡନ ସଂସ୍କାର କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ଏବଂ ଗ୍ରାମ ପରିଚାଳନା କମିଟି ପକ୍ଷରୁ ସହଯୋଗ କରାଯାଇଥିଲା। ସ୍ଥାନୀୟ ଯୁବକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଥଣ୍ଡା ପାଣି, ସରବତ ବ୍ୟବସ୍ଥା ସହ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିଲା। ଏହି ଯାତ୍ରାରେ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ବଜାର ଖୋଲିଥିଲା। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ମା'ଙ୍କ ଦର୍ଶନ ଲାଭ କରିଥିଲେ।

# ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ତାଲା ପକାଇଲେ ଚାଷୀ


ତାଲା ଖୋଲାଯିବା ସମ୍ପର୍କରେ ଚାଷୀଙ୍କୁ ବୁଝାଶୁଝା କରାଯାଉଛି।

ଛେଣ୍ଡିପଦା,୧୩।୮ (ଅଜିତ ଧଳ)

ଅସୁସ୍ଥ ଗାଈର ଚିକିତ୍ସା କରା ନ ଯିବାରୁ ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ବୁଧବାର ଜଣେ ଚାଷୀ ତାଲା ପକାଇ ଦେଇଥିଲେ। ସୂଚନା ଅନୁଯାୟୀ, ଛେଣ୍ଡିପଦାର ଚାଷୀ ନରୋତ୍ତମ ପ୍ରଧାନଙ୍କ ଏକ ଗାଈ ୩ ଦିନ ହେଲା ଅସୁସ୍ଥ ଥିଲା। ନରୋତ୍ତମ ଗାଈର ଚିକିତ୍ସା ପାଇଁ ଛେଣ୍ଡିପଦା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟକୁ ଆସି ବାରମ୍ବାର ଅଭିଯୋଗ କରିଥିଲେ। ହେଲେ ପଦକ୍ଷେପ ନିଆଯାଇ ନ ଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଚାଷୀ ନରୋତ୍ତମ ଉକ୍ତ ଚିକିତ୍ସାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଦୀର୍ଘ ୨ଘଣ୍ଟା ତାଲା ପଡ଼ିବା ପରେ ଛେଣ୍ଡିପଦା ପୋଲିସ ଓ ପ୍ରାଣୀ ଚିକିତ୍ସକ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ବୁଝାଇବାକୁ ଉଦ୍ୟମ କରିଥିଲେ। ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ମିଶ୍ର କହିଛନ୍ତି, ଗାଈ ଅସୁସ୍ଥ ଥିବା କଥା ସେ ଜାଣି ନାହାନ୍ତି। ସେ ଆଟେଣ୍ଡାଣ୍ଟଙ୍କ ସହ ଯୋଗାଯୋଗ କରି ଅସୁସ୍ଥ ଗାଈର ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦେବା ପରେ ଫାଟକ ଖୋଲାଯାଇଥିଲା।

# ତ୍ରିରଙ୍ଗା ଶୋଭାଯାତ୍ରାରେ କମ୍ପିଲା ସହର, ଗ୍ରାମ

ଅନୁଗୋଳ,୧୩।୮ (ଜ୍ୟୋତିରଞ୍ଜନ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ମାଧପୁର (ମନୋଜ ପ୍ରଧାନ)/ ଛେଣ୍ଡିପଦା (ଅଜିତ ଧଳ)/ ପବିତ୍ରନଗର (ନିରୋଜ ପ୍ରଧାନ)/ ସନ୍ନିଛକ (ସନ୍ତୋଷ ପରିଡ଼ା)/ ବଇଣ୍ଡା (ପରିକ୍ଷିତ ସାହୁ)

ଭାରତ ସରକାର ଓ ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଆଧାରରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କ ତତ୍ତ୍ୱାବଧାନ ତଥା ଅନୁଗୋଳ ଜିଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ପ୍ରାୟ ୭ଶହ ଛାତ୍ରୀଛାତ୍ର, ଶହେ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବିଭିନ୍ନ ସ୍ଥାନ ପରିକ୍ରମା କରି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମହାବିଦ୍ୟାଳୟ ସଂଯୋଜକ ଡ. କ୍ୟାପଟେନ ଅଭିମନ୍ୟୁ ଦାସଙ୍କ ନେତୃତ୍ୱରେ ଶାଶ୍ୱତୀ ଶୁଭଦର୍ଶିନୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ମହାବିଦ୍ୟାଳୟ ପ୍ରଶାସକ ଅଭୟ ମଲ୍ଲିକ, ଡ. ସୁରେଶ ରାଜହଂସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିର ନିକଟରେ ଭାଜପାର କର୍ମକର୍ତ୍ତା ଓ ସାଧାରଣ ନାଗରିକ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ଦୋଳମଣ୍ଡପ ସାହିସ୍ଥିତ ମା' ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ନଗର ସଭାନେତ୍ରୀ ଶୈଳବାଳା ଅମାନ୍ତ, ନଗର ସମ୍ପାଦକ ପିନା ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜା ପରେଶ ଦେଓ, ଅବନୀ କୁମାର ପ୍ରଧାନ, ଆଇନଜୀବୀ ସୁଧାଂଶୁ ବେହେରା, ଶିବାଶିଷ ରାଉତ, ସୁଶୀଲ ମହାକୁଡ଼, ବିଜୟ ସିଂ, ଭୂଜଙ୍ଗ ଭୂଷଣ ଶତପଥୀ, ଦିପୁନ ସିଂ, ଶରତ ମହାପାତ୍ର, କାଉନସିଲର ନୂତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଧପୁର ଭାଜପା ମଣ୍ଡଳ ଅଧୀନ ମାଧପୁର ବଜାରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାଖୁଡଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ଯାତ୍ରାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ଯୋଗ ଦେଇଥିଲେ। ସମ୍ବଲପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ବିଜୟ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସେହିପରି ଛେଣ୍ଡିପଦା ନିର୍ବାଚନମଣ୍ଡଳୀର କୋଶଳା ଓ ଜରପଡ଼ା ମଣ୍ଡଳରେ ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଜରପଡ଼ା ମଣ୍ଡଳର ପରା ଶିବ ମନ୍ଦିର ଠାରୁ ଏହି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ରାମଚଣ୍ଡୀ ପୀଠଠାରୁ ଚନ୍ଦନନଗର ଛକ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ସମ୍ବଲପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦୀପ ଗଡ଼ନାୟକ, ବ୍ଲକ ପ୍ରତିନିଧି ବିଜୟ ମାଝୀ, ନିର୍ବାଚନମଣ୍ଡଳୀ ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, କୋଶଳା ମଣ୍ଡଳ ସଭାପତି ସୁନୀଲ କୁମାର ପ୍ରଧାନ, ଜରପଡା ମଣ୍ଡଳ ସଭାପତି ଜୀବନାନନ୍ଦ ସାହୁ, ନିର୍ବାଚନ ମଣ୍ଡଳୀ ଆଇଟି ସେଲ୍ ସଂଯୋଜକ ଅକ୍ଷୟପାଦ ବେହେରା, ଅଭିଷେକ ସାହୁ, ସୀତାରାଣୀ ନାଥ, ତପସ୍ୱିନୀ ମାଝୀ, ବିକାଶ ସାହୁ, ମାନସ ରଞ୍ଜନ ସାହୁ, ପୀତାମ୍ବର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଣିହାଁ ବ୍ଲକ ଭାଜପା ରେଙ୍ଗାଳି ମଣ୍ଡଳ ପକ୍ଷରୁ ବରପଦା ଠାରୁ କୁଲୁମା ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ଜଗମୋହନ ପ୍ରଧାନ, ଜିଲା ଉପସଭାପତି ନୃସିଂହ ଚରଣ ବରାଳ, ପାଲଲହଡା ସଂଯୋଜକ ପ୍ରହ୍ଲାଦ ସାମଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଧ୍ରୁବ ଚରଣ ଧୀର, ତ୍ରିପୁରାରୀ ପ୍ରଧାନ, ଟିକେନ ପ୍ରଧାନ, ନିଶାକର ପ୍ରଧାନ, ବିନୟ ପ୍ରଧାନ, ଗୌତମ ସାହୁ, ଆଶା, ଏମ୍‌ବିକେ, ସିଆର୍‌ପି ଓ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବଅଁରପାଳ ମଣ୍ଡଳ ଭାଜପା ପକ୍ଷରୁ ବୁଢାପଙ୍କ ପଞ୍ଚାୟତଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାପତି ବସନ୍ତ ମଞ୍ଜରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ମଣ୍ଡଳ ସଭାପତି ସୁବ୍ରତ କୁମାର ସାହୁ, କୀଟୁ ପଣ୍ଡା, ମଣ୍ଡଳ ଉପସଭାପତି ସୁଶୀଲ ମାଝୀ, କୁମର ନାଏକ, ଅର୍ଜୁନ ଗଡ଼ନାୟକ, କହ୍ନେଇ ସାମଲ, ସୌରଭ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବଅଁରପାଳ ଡିଗ୍ରୀ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ବେହେରା, ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଭୂତିଆ, ମନୋଜ ବେହେରା, ପାର୍ଥ ସାରଥୀ ନାୟକ, କ୍ଷୀରୋଦିନୀ ପାଣି, ଛାତ୍ର ସୌରଭ ସାମଲ ସହଯୋଗ କରିଥିଲେ। ସେହିପରି କିଶୋରନଗର ବ୍ଲକ ନାକିଚି ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ମଣ୍ଡଳର ବିଭିନ୍ନ ଗ୍ରାମରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ସାଏ, ଅନୁଗୋଳ ଜିଲା ସଭାପତି ଯଯାତି ପଟ୍ଟନାୟକ, ଉପସଭାପତି ଅର୍ଜୁନ କୁମାର ସାହୁ, ପରେଶ ଦେଓ, ଦିଲେଶ୍ୱର ପ୍ରଧାନ, ଅଜିତ୍ ପ୍ରଧାନ, ବଂଶୀଧର ସେଠୀ, ବିଭୁଦେନ୍ଦ୍ର ସାହୁ, ଅଲେଖ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।


ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରା କରୁଛନ୍ତି।

# ପ୍ରେମିକ ସହ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା

- ■ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ ଗିରଫ
- ■ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ହତ୍ୟାକାଣ୍ଡ

ସୁନ୍ଦରଗଡ଼,୧୩।୮
(ଜୟ ନାରାୟଣ ମେଣ୍ଟୁଲି)

ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଜଣେ ମହିଳା ତାଙ୍କ ପ୍ରେମିକ ଓ ସହଯୋଗୀଙ୍କ ସହିତ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ସୁନ୍ଦରଗଡ଼ ସହର ଶଙ୍କରାସ୍ଥିତ ହରିଓମ୍ କଲୋନିରେ ମଙ୍ଗଳବାର ରାତିରେ ଘଟିଛି। ମୃତକ ହେଲେ ଧ୍ରୁବ କେରକେଟା(୬୨)। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ତ୍ରୀ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉର୍ମିଳା କେରକେଟା(୩୬), ତାଙ୍କ ପ୍ରେମିକ ସଦର ଥାନା ତସଲାଡିହି ଗ୍ରାମର ସୁବ୍ରତ ମାଝୀ(୨୪) ଏବଂ ସହଯୋଗୀ ବିମଳ ଦଣ୍ଡସେନା(୩୪)। ଖବରପାଇ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଟୁଲି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ସୁନ୍ଦରଗଡ଼ ଟାଉନ ଥାନାରେ ବିଏନ୍‌ଏସ୍ ଧାରା ୧୦୩(୧)/୩(୫)ରେ ଏକ


ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ।

ହତ୍ୟା ମାମଲା (ନଂ. ୩୪୯/୨୫) ରୁଜୁ କରିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୁନ୍ଦରଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେରାବେଳେ ଅଭିଯୁକ୍ତମାନେ ଧ୍ରୁବଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୩ରେ ଉର୍ମିଳା ସବ୍‌ଡେଗା ବ୍ଲକ ଜାଇସର ଗ୍ରାମର ଧ୍ରୁବଙ୍କୁ ବିବାହ କରିଥିଲେ। ଧ୍ରୁବ ଗତ ଦେଢବର୍ଷ ହେବ ସବଡେଗା ବ୍ଲକ ଅଫିସରେ ବଡବାବୁ ଭାବେ ଚାକିରିରୁ ଅବସର ନେବା ପରେ ଏକମାତ୍ର ପୁଅଙ୍କୁ ପାଠ ପଠାଇବା ସକାଶେ ସୁନ୍ଦରଗଡ଼ରେ ଭଡାରେ ରହୁଥିଲେ। ସେଠାରେ ଉର୍ମିଳା ଓ ସୁବ୍ରତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ଫୋନରେ ନିୟମିତ କଥାବାର୍ତ୍ତା ହେବା ସହ ରାତିରେ ଧ୍ରୁବ ନିଦ ବଟିକା ଖାଇ ଶୋଇଲା ପରେ ସୁବ୍ରତ ଆସି ଉର୍ମିଳାଙ୍କ ସହ ମିଳାମିଶା କରୁଥିଲେ। ଧ୍ରୁବ ଏହା ଜାଣିବା ପରେ ଉକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ଏହାପରେ ଉର୍ମିଳା ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଫୋନ୍‌କୁ ନେଇ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧ୍ରୁବ ଉର୍ମିଳାଙ୍କୁ ଫୋନ୍ ବ୍ୟବହାର କରିବା ପାଇଁ ମନା କରିବାରୁ ସେ ତାଙ୍କ ପ୍ରେମିକଙ୍କୁ ଏକଥା ଜଣାଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ରାତି ୧୨ଟା ପରେ ସୁବ୍ରତ ଓ ବିମଳ ବାଇକ୍ ଯୋଗେ ଉର୍ମିଳାଙ୍କ ଘରକୁ ଆସିଥିଲେ। ଧ୍ରୁବ ଶୋଇଥିବା ବେଳେ ଉର୍ମିଳା, ସୁବ୍ରତ ଓ ବିମଳ ମିଶି ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ହତ୍ୟା ପରେ ସୁବ୍ରତ ଓ ବିମଳ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଉର୍ମିଳା ଧ୍ରୁବଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ଏବଂ ନିଦ ବଟିକା ଖାଇ ଅସୁସ୍ଥ ଯୋଗୁ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ। ପରିବାର ଲୋକେ ସୁନ୍ଦରଗଡ ଆସି ଧ୍ରୁବଙ୍କ ବେକରେ ଦାଗ ଓ କ୍ଷତ ଚିହ୍ନ ଦେଖିଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ମୃତକଙ୍କ ଭାଇ ସରୋଜ କେରକେଟା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଜେରା କରିବା ବେଳେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀଭାବେ ସବ୍ ଇନ୍ସପେକ୍ଟର ଭାବଗ୍ରାହୀ ଜେନା ରହିଛନ୍ତି।

# ପୁଣି ୪ ଅଭିଯୁକ୍ତ ଜେଲ ଗଲେ


୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ରାଜନଗର,୧୩।୮
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହେବା ପରେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସ ଛାତ୍ରୀଙ୍କ ପିଉସାଙ୍କ ସମେତ ୫ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ହେଲେ ମଙ୍ଗଳବାର କେବଳ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଥିଲା। ଅନ୍ୟ ୪ ଜଣଙ୍କୁ ଛାଡ଼ିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ଆଡୁ ଚାପ ପଡ଼ିଥିଲା। ପୋଲିସ ମଧ୍ୟ ସେମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପରୋକ୍ଷରେ କହିବାକୁ ପଛାଇ ନ ଥିଲା। ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫ ଦର୍ଶାଇ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁହୁଡ଼ିପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ(୨୦), ଦୀପକ କୁମାର ଦାଶ(୨୦), ସୌରଭ ଦାଶ(୨୫) ଓ ଆଲୋକ ସାହୁ(୧୯)। ରାଜନଗର ଥାନାରେ ଏ ନେଇ ଏକ ମାମଲା(ନଂ.୨୬୬/୨୦୨୫)ରୁଜୁ ହୋଇଛି। ସମସ୍ତଙ୍କ ଡାକ୍ତରୀମାଇନା କରାଇବା ପରେ ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶନିବାର ରାଖୀପୂର୍ଣ୍ଣିମା ଦିନ ନିଜ ପିଉସାଙ୍କ ସହ ଏହି ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ଓଉପଦାକୁ ଯାଉଥିଲେ। ହେଲେ ପିଉସା ଓଉପଦା ନେବା ପରିବର୍ତ୍ତେ କୁହୁଡ଼ିପୁର ମଶାଣିକୁ ପଡ଼ିଥିବା ମାଟିରାସ୍ତା ସଂଲଗ୍ନ ନିଛାଟିଆ ସ୍ଥାନକୁ ନେଇ ଝିଅାରୀକୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଝିଅାରୀ ଓ ପିଉସାଙ୍କ ଉଲଗ୍ନ ଫଟୋ ଉଠାଇଥିଲେ। ଏହାପରେ ଝିଅାରୀଙ୍କୁ ମିଳିତ ଭାବେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଯୁବକମାନେ ପୀଡ଼ିତାଙ୍କୁ ଟଣାଓଟରା କରିବା ସହିତ ମାଡ଼ ମାରି ବଳାତ୍କାର କରିଥିଲେ ବୋଲି ପିଉସା ନିଜେ ଏତଲାରେ ଦର୍ଶାଇଛନ୍ତି।

# ୩ ହଜାର ଲାଞ୍ଚ ନେଇ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ

ମୁନିଗୁଡ଼ା,୧୩।୮
(ନନ୍ଦ କିଶୋର ପଟ୍ଟନାୟକ)

ଜନ୍ମ ସାର୍ଟିଫିକେଟ ସଂଶୋଧନ ପାଇଁ ୩୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ। ଜନ୍ମ ପ୍ରମାଣପତ୍ର ସଂଶୋଧନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବାବେଳେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ କୁଞ୍ଜବିହାରୀ ରାଉତଙ୍କୁ ଜୟପୁର ଭିଜିଲାନ୍ସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଛି।

ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ଦୁର୍ଗାପଙ୍ଗାର ଜଣେ ଗରିବ ଚାଷୀ ତାଙ୍କ ପୁଅର ଜନ୍ମ ପ୍ରମାଣପତ୍ରରେ ସଂଶୋଧନ କରିବା ନିମନ୍ତେ ସ୍ୱାସ୍ଥ୍ୟକର୍ମୀ କୁଞ୍ଜବିହାରୀଙ୍କ ନିକଟକୁ ଯାଇଥିଲେ। ଏହି କାମ ପାଇଁ ସେ ୬ ହଜାର ଟଙ୍କା ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ ହଜାର ନେଇ ସାରିଥିବାବେଳେ ବାକି ଟଙ୍କା ଦେଲେ କାମ କରିବେ ବୋଲି କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଚାଷୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସକାଳେ ବାକି ୩ ହଜାର ଟଙ୍କା ଗ୍ରହଣ କରିବା ସମୟରେ ଜୟପୁର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୭/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଭିଜିଲାନ୍ସ ଟିମ୍ କୁଞ୍ଜବିହାରୀଙ୍କ ବିଷମକଟକସ୍ଥିତ ଡୁକୁମରୋଡ୍‌ରେ ଥିବା ଘରେ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡିଛି।

# ଘରୋଇ ମେସ୍‌ରେ ପିଜି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ**

କେନ୍ଦୁଝର,୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ପୁଷ୍ପଲତା ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଏକ ଘରୋଇ ମେସ୍‌ରୁ ଜବତ କରାଯାଇଥିବାବେଳେ ବୁଧବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ କଲେଜରୋଡ୍‌ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରୁ ଆଉ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ହାଟଡିହି ବ୍ଲକ ନନ୍ଦିପଦା ଥାନା ଅଧୀନ ନୂଆରମ୍ପାସ ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କ ଝିଅ ଶିବାନୀ ଜେନା(୨୨)। ଏସ୍‌ପି ନୀତିନ କୁଶଲ କର ଡାଗଡୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଶିବାନୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ(ଆନ୍ଥ୍ରୋପୋଲୋଜି) ବିଭାଗରେ ପିଜି ପ୍ରଥମ ବର୍ଷର ଛାତ୍ରୀଭାବେ ଅଧ୍ୟୟନ କରୁଥିଲେ। ସେ ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରେ ୬ ଜଣ ସହପାଠୀଙ୍କ ସହ ରହୁଥିଲେ। ବୁଧବାର ଅପରାହ୍ଣରେ ଶିବାନୀ ରୁମ୍‌ରେ ଏକା ଥିବାବେଳେ ଭିତର ପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିବା କୁହାଯାଉଛି। ସହପାଠୀ ଆସି ବାରମ୍ବାର ଫୋନ୍ କରିବା ପରେ ମଧ୍ୟ ସେ ଶୁଣି ନ ଥିଲେ। ପରେ ରୁମ୍‌ର ପଛପଟକୁ ଯାଇ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ଘର ମାଲିକଙ୍କୁ ଜଣାଇବା ସହ ୧୧୨କୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଖବରପାଇ ଛାତ୍ରୀଙ୍କ ମା'ବାପା ପହଞ୍ଚିଥିବା ପୋଲିସ କହିଛି। ଏସ୍‌ପି ନୀତିନ କୁଶଲକର କହିଛନ୍ତି, ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୭୪/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେଉଁ କାରଣରୁ ମୃତ୍ୟୁ ହୋଇଛି, ତଦନ୍ତ ପରେ ଜଣାପଡ଼ିବ। ପ୍ରକାଶଯୋଗ୍ୟ, କିଛି ମାସ ପୂର୍ବେ ଏଭଳି ଏକ ଘରୋଇ ମେସ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ସ୍ଥାନ ଅଭାବରୁ ବହୁ ଛାତ୍ରୀ ଘରୋଇ ମେସ୍‌ରେ ରହିବାକୁ ବାଧ ହେଉଛନ୍ତି। ଏଣୁ ସେମାନେ ବିଭିନ୍ନ ପ୍ରକାରର ମାନସିକ ଚାପରେ ରହୁଥିବା କୁହାଯାଉଛି। ଏନେଇ ପଦକ୍ଷେପ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ ଦାବି ହେଉଛି।

# ମାଓବାଦୀ ଲିଙ୍କ୍, ଶିକ୍ଷକ ଗିରଫ

**୨୦୧୧ରୁ ମାମଲା ରୁଜୁ ହୋଇଥିଲା, ୨୦୨୫ରେ ଗିରଫ ହେଲେ**

ମୋହନା,୧୩।୮ (ମନ୍ମଥ ମିଶ୍ର)

ମାଓବାଦୀଙ୍କ ସହ ସମ୍ପୃକ୍ତି ଥିବା ଅଭିଯୋଗରେ ୨୦୧୧ରେ ହୋଇଥିବା ଏକ ମାମଲାରେ ଜଣେ ଶିକ୍ଷକ ଦୁଇଦିନ ତଳେ ଗିରଫ ହୋଇଛନ୍ତି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ନାୟକ। ସେ ୨୦୦୮ରେ ଏହି ପ୍ରାଥମିକ ବିଦ୍ୟାଳୟରେ ଏକ୍ସ-କ୍ୟାଡର ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ।

ଅଡବା ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ପ୍ରତାପ ପୂର୍ବରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେତେବେଳେ ବିଭିନ୍ନ ସ୍ଥାନରେ ହୋଇଥିବା ମାଓବାଦୀ ହିଂସାରେ ସେ ସାମିଲ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ୨୦୧୧ରେ ତାଙ୍କ ନାମରେ ନଂ. ୧୩୫/୧୧ରେ ଅଡବା ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଆଧାରରେ ପ୍ରତାପଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ବୁଧବାର ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା କହିଛନ୍ତି,


ଗିରଫ ଶିକ୍ଷକ ପ୍ରତାପ କୁମାର ନାୟକ

ଅଡବା, ମୋହନା, ଆର.ଉଦୟଗିରି ଥାନା ଅଞ୍ଚଳରେ ଆହୁରି ଅନେକ ଶିକ୍ଷକଙ୍କ ନାମରେ ମାଓବାଦୀଙ୍କ ସହ ସେମାନଙ୍କ ଲିଙ୍କ୍ ଥିବା, ଗଞ୍ଜେଇ ଚୋରା ଚାଲାଣରେ ଜଡିତ ରହିଥିବା ନେଇ ମାମଲା ରହିଛି । ସେମାନଙ୍କୁ ତୁରନ୍ତ ଥାନାରେ ଆତ୍ମସମର୍ପଣ କରିବାକୁ କୁହାଯାଇଛ। ଏଥିସହ ବ୍ଲକ ଶିକ୍ଷାଧିକାରୀଙ୍କୁ ମଧ୍ୟ ପୋଲିସ ପକ୍ଷରୁ ଚିଠି କରାଯାଇଛି। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି ତେବେ ସେମାନେ ଯେଉଁଠି ଥିଲେ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଏନେଇ ମୋହନା ବିଇଓ ନରେନ୍ଦ୍ର ବେହେରା କହିଛନ୍ତି, ମୋ ପାଖକୁ କୌଣସି ଚିଠି ଏ ଯାବତ୍ ଆସିନାହିଁ। ଯଦି କୌଣସି ଶିକ୍ଷକଙ୍କ ନାମରେ ଥାନା ପକ୍ଷରୁ ଚିଠି ଆସେ ତେବେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ସହ କାର୍।

ବଉଣ୍ଡା, ୧୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ଓ ସ୍ୱତନ୍ତ୍ର ଟିମ୍ ବୁଧବାର ଆଠମଲ୍ଲିକସ୍ଥିତ ମହାନଦୀ ବ୍ରିଜ୍ ନିକଟରୁ ଏକ କାର୍ ଓ ଏଥିରେ ଚାଲାଣ ହେଉଥିବା ୫୪ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଚୋରା କାରବାରରେ ସମ୍ପୃକ୍ତି ଅଭିଯୋଗରେ କେନ୍ଦୁଝର ଜିଲା ତେଲକୋଇ ଥାନା ଚୁମୁଣ୍ଡା ଗ୍ରାମର ପ୍ରଦୀପ ରଣାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏକ କାର୍ (ନଂ. ଓଡି୦୨ବିଡି-୫୬୫୬)ରେ ଫୁଲବାଣୀରୁ କେନ୍ଦୁଝର ଅଭିମୁଖେ ଗଞ୍ଜେଇ ଚାଲାଣ କରାଯାଉଥିବା ସମ୍ପର୍କରେ ଅବକାରୀ ଟିମ୍‌କୁ ସୂଚନା ମିଳିଥିଲା। ଏହାପରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ, ଉପନିରୀକ୍ଷକ ନିରଞ୍ଜନ ସାହୁ, ବଳବୀର ଗଡ଼ନାୟକ, ରୋଜାଲିନ ପଟ୍ଟନାୟକ, ଅମର ଦୀପ କୁଜୁର, ଶଙ୍କର୍ଷଣ ରାଉତ, ରଞ୍ଜିତ ସାହୁ ପ୍ରମୁଖ ପ୍ରମୁଖ ଚଢ଼ାଉ କରିଗଞ୍ଜେଇ ସହ କାର୍‌କୁ ଜବତ କରିଥିଲେ।

# ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା, ଯୁବକ ଗିରଫ

ଭୁବନେଶ୍ୱର,୧୩।୮ (ସତ୍ୟଜିତ୍ ରାଉତ)

ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା କରିବା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାରାଦୀପର ସରୋଜ କୁଣ୍ଡୁ (୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଯୁବତୀ ଏବଂ ସରୋଜଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସରୋଜ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯୁବତୀ ଜଣକ ପ୍ରତ୍ୟାଖ୍ୟାନ କରିଦେବା ସହ ଦୂରେଇ ଯାଇଥିଲେ। ସେବେଠାରୁ ସରୋଜ ଉକ୍ତ ଯୁବତୀଙ୍କ ଉପରେ ନଜର ରଖିବା ସହ ସବୁବେଳେ ପିଛା କରି ହଇରାଣ କରୁଥିଲେ। ମଙ୍ଗଳବାର ସକାଳେ ଯୁବତୀ ରହୁଥିବା ତମାଣ୍ଡୋ ଫେଜ-୨ସ୍ଥିତ ଘରେ ସରୋଜ ବଳପୂର୍ବକ ପଶି ଗାଳିଗୁଲଜ ଓ ଟଣାଓଟରା କରିଥିଲେ। ବିବାହ ପାଇଁ ରାଜି ନ ହେଲେ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୫୬୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ରେଞ୍ଜୀ ବାହାଡ଼ାପଲ୍ଲୀରେ ପୁଣି ହତ୍ୟାକାଣ୍ଡ

ଖଲ୍ଲିକୋଟ/ରମ୍ଭା,୧୩।୮ (ପ୍ରଶାନ୍ତ କୁମାର ମିଶ୍ର/ ବନବାସୀ ସେଠୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ରେଞ୍ଜୀ ବାହାଡାପଲ୍ଲୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ବୁଧବାର ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରାଯାଇଛି। ଅଭିମନ୍ୟୁ ବାଇକ୍ ଯୋଗେ ପରିବା ଆଣିବାକୁ ଯାଉଥିବାବେଳେ ରମ୍ଭା ରେଳଲାଇନ ଉତ୍ତର କ୍ୟାବିନଠାରୁ ଅଳ୍ପ ଦୂରରେ କେତେଜଣ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଛନ୍ତି। ଖବରପାଇ ରମ୍ଭା ଥାନାଧିକାରୀ କୁମାର ମୁଦୁଲି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ରେଞ୍ଜୀ ବାହାଡାପଲ୍ଲୀ ଗ୍ରାମର ବି. ମନୁ ପ୍ରଧାନଙ୍କୁ ଗତ ୨ ତାରିଖ ରାତିରେ ରମ୍ଭା ରେଳ ଷ୍ଟେଶନ ନିକଟରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ସେହି ଘଟଣାରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ସେହି ଗ୍ରାମର ୨ ଅଭିଯୁକ୍ତ ଜୟ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ଗିରଫ କରି ଜେଲ ପଠାଇଥିଲା। ମନୁଙ୍କ ଏକାଦଶାହରେ ଅଭିଯୁକ୍ତ ଜୟଙ୍କ ଭାଇ ଅଭିମନ୍ୟୁ ହତ୍ୟାର ଶିକାର ହୋଇଛନ୍ତି। ତେଣୁ ମନୁ ହତ୍ୟାକାଣ୍ଡ ସହ ଅଭିମନ୍ୟୁ ହତ୍ୟା ଘଟଣାର ଲିଙ୍କ ରହିଥିବା ପୋଲିସ ସନ୍ଦେହ କରୁଛି। ମୃତ ଅଭିମନ୍ୟୁଙ୍କ ଭାଇ ଏମ. ସନ୍ନ୍ୟାସୀ ପ୍ରଧାନଙ୍କ ଅଭିଯୋଗକ୍ରମେ ରମ୍ଭା ଥାନାରେ ନଂ.୬୫୧/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମୁଦୁଲି କହିଛନ୍ତି।

# ୫୦୦ ବୋତଲ କଫ୍ ସିରପ୍ ଜବତ: ଜଣେ ଗିରଫ

ବଲାଙ୍ଗୀର,୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ହାଟପଦାପଡା ଠାରେ ବେଆଇନ ଭାବେ କଫ ସିରପ୍ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ହାଟପଦାପଡା ନିବାସୀ ରାଜକୁମାର ଓରଫ ରାଜା ଜେନା (୨୮)। ତାଙ୍କ ନିକଟରୁ ୫ ଶହ ବୋତଲ କଫ୍ ସିରପ୍ ଜବତ ହୋଇଛି । ବୁଧବାର ଅପରାହ୍ଣରେ ସ୍ଥାନୀୟ ଟାଉନ ଥାନାଠାରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଟାଉନ ଥାନା ପୋଲିସ ହାଟପଦାପଡା ଠାରେ ଜଣେ ଯୁବକ ବେଆଇନ ଭାବେ କଫ୍ ସିରପ ବିକ୍ରି କରୁଥିବା ଖବର ପାଇଥିଲା। ପରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ରାଜାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ କଫ୍ ସିରପ ଏବଂ ୪୦୦ ଟଙ୍କା ଜବତ କରିଥିଲେ। ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢ଼ାଉ ସମୟରେ ସେଠାରେ ଥିବା ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିଲେ । ତାଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଏସଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୫୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବଲାଙ୍ଗୀର ଟାଉନ ଥାନା ଏବଂ କଣ୍ଟାବାଞ୍ଜି ଥାନାରେ ଏକାଧିକ ମାମଲା ରହିଛି। ସହରରେ ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ଏସ୍‌ଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅବନୀ ସାହୁ, ସବ୍‌ଇନ୍ସପେକ୍ଟର ଚର୍ଚ୍ଚିଲ କୁମାର ମହାପାତ୍ର, ବି. ଦେହେରି, ଡି.କେ ଡାଙ୍ଗ, ଡି. କେ. ସେନାପତି ଓ ଅନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ।


ଜବତ କଫ୍ ସିରପ ଓ ଗିରଫ ଅଭିଯୁକ୍ତ।

# ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ

- ■ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ
- ■ସୀମାରେ ହାଇ ଆଲର୍ଟ, ସର୍ଚ୍ଚ ଅପରେଶନ ଜାରି

ବଣାଇଁ,୧୩।୮ (ପ୍ରଦୀପ ତ୍ରିପାଠୀ)

ଝାଡ଼ଖଣ୍ଡ ରାଜ୍ୟ ଜରେଇକେଲା ଥାନା ଅଧୀନ ଗୋଏଲକେରା ମଝିରେ ଥିବା ପୁଷେଇତା ଜଙ୍ଗଲରେ ବୁଧବାର ପୂର୍ବାହ୍ଣରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ନିଲେଶ ମାଡକାମି ଓରଫ ବରୁଣ ଓରଫ ଅରୁଣ। ତାଙ୍କ ଘର ଛତିଶଗଡ଼ ରାଜ୍ୟ ସୁକୁମା ଜିଲା କୋଣ୍ଟା ଥାନା ଅଞ୍ଚଳରେ ବୋଲି ଚାଇଁବସା ପୋଲିସ ସ୍ପଷ୍ଟ କରିଛି । ମୃତଦେହ ନିକଟରୁ ଏକ ଏସ୍‌ଏଲ୍‌ଆର୍ (ସେଲ୍ଫ ଲୋଡେଡ ରାଇଫଲ) ସହିତ ଅଫୁଟା ଗୁଳି ଥିବା ମାଗାଜିନ ଓ ଏକ ବ୍ୟାଗରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସୁରକ୍ଷା ବାହିନୀ ଜବତ କରିଛି। ମୃତ ମାଓବାଦୀ ଛତିଶଗଡ଼ କ୍ୟାଡରର ଓ ସେ ପ୍ରାୟ ୫ବର୍ଷ ହେବ ଝାଡ଼ଖଣ୍ଡ ଅଞ୍ଚଳରେ ମାଓବାଦୀ ଛୋଟନାଗପୁର ଡିଭିଜନାଲ କମିଟି



ଅଧୀନରେ ରହି ବିଭିନ୍ନ ମାଓବାଦୀ ହିଂସା ଘଟାଇବାରେ ସମ୍ପୃକ୍ତ ଥିଲେ। ଛତିଶଗଡ଼ ଛାଡିବା ପରେ ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଏରିଆ କମାଣ୍ଡର ଭାବେ ସକ୍ରିୟ ଥିଲେ। ଝାଡ଼ଖଣ୍ଡ ଗୋଏଲକେରା ଥାନା କେସ୍ ନଂ. ୫/୨୦୧୯ ଓ ୬/୨୦୨୦, ସୋଣୁଆଁ ଥାନା କେସ୍ ନଂ. ୨୫/୨୦୨୦, ଟଣ୍ଟୋ ଥାନା ଅଧୀନରେ ୩ଟି କେସ୍ ନଂ. ୧/୨୦୨୩, ୨୬/୨୦୨୩, ୩୦/୨୦୨୩ ତାଙ୍କ ନାଁରେ ରୁଜୁ ହୋଇଥିବା ଚାଇଁବସା ପୋଲିସ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛି ।

ଝାଡ଼ଖଣ୍ଡ ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ପଶ୍ଚିମ ସିଂହ ଭୂମ ଚାଇଁବସାର କୋଲହାନ ଜଙ୍ଗଲରେ ୨୨ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ୟାମ୍ପ କରିଥିଲେ । ଏଥିରେ ମାଓବାଦୀ ସଙ୍ଗଠନର ଏରିଆ କମାଣ୍ଡର ରବି ସରଦାର, ଜୟକାନ୍ତ, ଅରୁଣ, ସନ୍ଦୀପ, ଶିବା, ରିସିଭ, ଅପଟନ, ସନତ, ଅମିତ ମୁଣ୍ଡା, ଭୁବନେଶ୍ୱର ଓରଫ ସାଲୁକା, ସୋମବାରିଙ୍କ ସମେତ ଅନ୍ୟ ମାଓବାଦୀ ସାମିଲ ହୋଇ ହିଂସା ଘଟାଇବା ନେଇ ଯୋଜନା କରୁଥିଲେ। ଚାଇଁବସା ପୋଲିସ ଓ ୨୦୯ ନମ୍ବର କୋବ୍ରା ବାଟାଲିୟନ ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଅପ୍ରତ୍ୟାଶିତ ସୁରକ୍ଷା କର୍ମୀଙ୍କୁ ଦେଖି ପ୍ରଥମେ ମାଓବାଦୀ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଯବାବରେ କୋବ୍ରା ବାହିନୀର ଯବାନ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳିବିନିମୟ ପରେ ଆସନ୍ନ ପ୍ରାୟ ସ୍ୱାଧୀନତା ଦିବସରେ କିଛି ଅଘଟଣ ଆଶଙ୍କା ଓ ଓଡିଶା ଝାଡଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ମାଓବାଦୀମାନେ ପତାକା ଉତ୍ତୋଳନ ନ କରିବା ନେଇ ଦେଇଥିବା ଧମକକୁ ଦୃଷ୍ଟିରେ ରଖି ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ସୁରକ୍ଷା ବାହିନୀ ତରଫରୁ ସର୍ଚ୍ଚ ଅପରେଶନକୁ ଜୋରଦାର୍ କରାଯାଇଛି ଏବଂ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି ।

# କାର୍ଯ୍ୟାଳୟ ଖାଁଖାଁ, ରାଜସ୍ୱ ସେବା ଠପ୍



ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

■ଜିଦ୍‌ରେ ଅଟଳ ରାଜସ୍ୱ ଅମଲା

■ଆନ୍ଦୋଳନ ତୃତୀୟ ଦିନରେ

ଢେଙ୍କାନାଳ,୧୩।୮ (ରତନ ନାୟାର)

ରାଜ୍ୟ ରାଜସ୍ୱ ଅମଲା ସଂଘର ଆହ୍ୱାନରେ ୧୦ଦଫା ଦାବୀକୁ ନେଇ ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଁଚିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆନ୍ଦୋଳନକୁ ନେଇ ରାଜସ୍ୱ ଅମଲା ମାନଙ୍କୁ ତାଗିଦ ପରେ ମଧ ରାଜସ୍ୱ ଅମଲା ସଂଘ ନିଜ ଜିଦିରେ ଅଟଳ ରହିଛନ୍ତି । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲୁ ରଖିବା ପାଇଁ ଦୃଢ ନିଷ୍ପତି ନେଇଛନ୍ତି । ଫଳରେ ଢେଙ୍କାନାଳ ସଦର ମହକୁମା ସମେତ ଜିଲାର କାମାକ୍ଷାନଗର ଓ ହିନ୍ଦୋଳ ଉପଖଣ୍ଡରେ ମଧ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ରାଜସ୍ୱ ସେବା ଠପ୍ ହୋଇଥିବା ବେଳେ କାର୍ଯ୍ୟାଳୟ ଗୁଡିକରେ ରାଜସ୍ୱ ଅମଲା ମାନଙ୍କର ଚୌକି ଟ୍ରେବଲ ଖାଲି ପଡିଥିବା ଦେଖାଯାଇଛି । ଫଳରେ କାର୍ଯ୍ୟାଳୟ ଖାଁଖାଁ ହୋପଡିଛି। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ସରକାରୀ ସେବାରୁ ବଂଚିତ ହେଉଛନ୍ତି । ଢେଙ୍କାନାଳ ଜିଲା ରାଜସ୍ୱ ଅମଲା ସଂଘ ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପାଦକ ପ୍ରକାଶ ସ୍ୱାଇଁ, ରାଜ୍ୟ ସଂଘର ମିଡିଆ ସେଲ ସଦସ୍ୟା ଦେବଦର୍ଶିନୀ ସ୍ୱାଇଁଙ୍କ ସମେତ ସୁରମା ପଟ୍ଟନାୟକ, ବ୍ରଜ କିଶୋର ବେହେରା, ବିଶ୍ୱ ବିକାଶ ଚୌଧୁରୀ, ରାଜେଶ କୁମାର ସାହୁ, ସୋମାରାଣୀ ବାସକ, ଗୋବିନ୍ଦ ଦାସ, ବ୍ରହ୍ମାନନ୍ଦ ସାହୁ, ପ୍ରଦିପ୍ତାରାଣୀ ଶତପଥୀ, ସତ୍ୟାନନ୍ଦ ସାହୁ, ଆଲୋକ ସାହୁ, ନିରଞ୍ଜନ ପୃଷ୍ଟି, ପ୍ରିୟଙ୍କା ମିଶ୍ର ଓ ସୁଜାତା ଦାସଙ୍କ ସମେତ ବହୁ ରାଜସ୍ୱ ଅମଲା ଆନ୍ଦୋଳନରେ ବସିଥିଲେ । ପ୍ରମୁଖ ଦାବୀ ମଧ୍ୟରେ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କର ମୂଳ ଦରମା ଲେବଲ-୯ କରିବା ଦାବୀ ରହିଥିବା ଜଣାପଡିଛି ।

# ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବହୁଳ ଭାବରେ ସ୍ୱଚ୍ଛତା ଆଣିଛି



ଢେଙ୍କାନାଳ ଆଇଆଇଏମ୍‌ସିରେ ଛାତ୍ରୀଛାତ୍ରଙ୍କ ଗହଣରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ । ନିକଟରେ ଅଛନ୍ତି ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ।

**ଆଇଆଇଏମ୍‌ସିରେ ଆଲୋଚନାଚକ୍ର**

ଢେଙ୍କାନାଳ,୧୩।୮ (ରତନ ନାୟାର)

ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ ପରିସରରେ ବୁଧବାର ଅପରାହ୍ନ ୫ଟା ସମୟରେ ବିକଶୀତ ଭାରତ-୪୭ ଓ ବିକଶୀତ ଓଡିଶା-୩୬ ଦୃଷ୍ଟିକୋଣକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଯୋଗଦେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ କହିଲେ ଯେ, ଦ୍ରୁତ ସହରୀକରଣକୁ ଆମେ ରୋକିପାରିବୁନି କିନ୍ତୁ ଅତ୍ୟାଧୁନିକ ବର୍ଯ୍ୟ ପରିଚାଳନା ଜରିଆରେ ଆବର୍ଜନାକୁ ସମ୍ପଦରେ ପରିଣତ କରିହେବ । ଆବର୍ଜନାର ପରିମାଣ ହ୍ରାସ, ପୁନଃ ବ୍ୟବହାର କରିହେବ । ଏହି କ୍ରମରେ ରାଜ୍ୟ ସରକାର ବ୍ୟବହୃତ ପ୍ଲାଷ୍ଟିକକୁ ନେଇ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛି । ଏ ସଂକ୍ରାନ୍ତରେ ଜାତୀୟ ରାଜପଥ ପ୍ରାଧିକରଣ ସହ ମଧ ଆଲୋଚନା ହୋଇଛି । ସରକାର ଭଲ ଯୋଗାଯୋଗର ମାଧ୍ୟମ ହେବା ଦରକାର । ଫଳରେ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ଓ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଁଚିପାରିବ । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବହୁଳ ଭାବରେ ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିଛି । ବର୍ତ୍ତମାନ ପରିପ୍ରେକ୍ଷିରେ କେନ୍ଦ୍ର ସରକାର ବହୁ ଜାତୀୟ ଏକତା ନେଇ ଦୃଢ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷିରେ ଭାରତୀୟ ଜନସଂଚାର ସଂସ୍ଥାନର ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ମୃଣାଳ ଚାଟାର୍ଜ୍ଜଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ପାଓ୍ୱାର ପ୍ରେଜେଂଟେସନ ପରେ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ହୋଇଥିଲା । ଅଧ୍ୟାପିକା ଆଭା ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ମଙ୍ଗଳବାର ଆୟୋଜିତ ଆଲୋଚନା ଚକ୍ରରେ ଏସ୍‌ପି ଅଭିନବ ସୋନକର ଯୋଗଦେଇ ପୋଲିସର କାର୍ଯ୍ୟଭଳି ସଂସ୍କାର ଓ ଭାରତୀୟ ନ୍ୟାୟ ସଂହିତା ଆଲୋକପାତ କରିଥିଲେ।

# ଯୁବତୀଙ୍କୁ ମାନସିକ ନିର୍ଯାତନା, ମରଣାନ୍ତକ ଆକ୍ରମଣ

ଢେଙ୍କାନାଳ,୧୩।୮ (ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ୧୭ନଂ ୱାର୍ଡ ଜୟଗୋପାଳ ସାହି ଅଂଚଳରେ ରହୁଥିବା ଜଣେ ୨୭ବର୍ଷ ବୟସ୍କା ଯୁବତୀଙ୍କୁ ଜଣେ ଯୁବକ ତାଙ୍କର ସହଯୋଗୀ ମାନଙ୍କ ସହ ୯ମାସ ହେବ ମାନସୀକ ନିର୍ଯ୍ୟାତନା ଦେଇ ମରଣାନ୍ତକ ଆକ୍ରମଣ କରିଥିବା ବୁଧବାର ଅଭିଯୋଗ ହୋଇଛି । ଏହି ଘଟଣାରେ ଟାଉନ ଥାନା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅଭିଯୋଗରୁ ଜଣାପଡିଛି ଯେ, ଯୁବତୀ ଜଣକ ତାଙ୍କ ଭାଇଙ୍କ ସହ ଏକୁଟିଆ ରହୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କ ଘର ସମ୍ମୁଖକୁ ଆସି ଖରାପ ଭାଷାରେ ଗାଳିଗୁଲଜ କରିବା ସହତ ଜାତିଆଣ ଆକ୍ଷେପ କରି ଗାଳିଦେଇ ଅପହରଣ କରିବାକୁ ଧମକ ଦେଇଥିଲେ । ଏଭଳି ଭାବରେ ୯ମାସ ହେବ ଅଭିଯୁକ୍ତ, ଉକ୍ତ ଯୁବତୀଙ୍କୁ ମାନସୀକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହୋଇଛି । ୧୦ ତାରିଖ ରାତି ୮ଟା ସମୟରେ ଯୁବତୀଙ୍କ ଘର ଆଗରେ ଜିନିଷ ଗୁଡିକୁ ଭଙ୍ଗାରୁଜା କରିଥିଲେ । ପରେ ଯୁବତୀ ଜଣକ ତାଙ୍କ ବଡଭଉଣୀ ଓ ଭାଇଙ୍କୁ ନେଇ ଥାନାକୁ ଯାଉଥିବା ବେଳେ ବାଟରେ ଅଭିଯୁକ୍ତ ତାଙ୍କ ବଡଭଉଣୀ ଓ ଭାଇଙ୍କୁ ମାଡ ମାରିଥିଲେ । ଏଥିରେ ଯୁବତୀ ଜଣକ ପ୍ରତିବାଦ କରିବାରୁ ଦୁଇ ଭଉଣୀଙ୍କୁ ଏକ ଗାଡି ଆଗକୁ ଠେଲି ଦେଇଥିଲେ । ଏହାପରେ ଯୁବତୀଙ୍କ ଭଉଣୀ ବେକରୁ ଅଭିଯୁକ୍ତମାନେ ସୁନା,ମଙ୍ଗଳସୂତ୍ର ଓ ରୁପା ମୁଦି ଆଦି ଛଡାଇ ନେଇଥିଲେ। ଏପରିକି ଜୀବନରେ ମାରିଦେବାକୁ ଧମକ ମଧ ଦେଇଥିଲେ । ଏ ସଂକ୍ରାନ୍ତରେ ଯୁବତୀ ଜଣକ ଟାଉନ ଥାନାର ଦ୍ୱାରସ୍ଥ ହେବାପରେ କେସ୍ ନଂ-୫୪୪/୨୫ରେ ଏକ ମାମଲା ରୁଜୁ କରଯାଇ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଗଣେଶ ପୂଜା ପାଇଁ ଶାନ୍ତିକମିଟି ବୈଠକ

ଭୁବନ, ୧୩।୮ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନରେ ଗଣେଶ ପୂଜା ଓ ମେଲଣ ପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିକମିଟ ସଭାପତି ତଥା କାମାକ୍ଷାନଗର ଉପଜିଲାପାଳ ଦିନମଣୀ ନାଏକ ସଭାପତିତ୍ୱ କରିଥିବା ବେଳେ ଭୁବନ ତହସିଲଦାର ସୂର୍ଯ୍ୟଶଙ୍କର ଦାସ, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଅଗ୍ନିଶମ ବିଭାଗ ଅଧିକାରୀ ମନୋରଞ୍ଜନ ବିଶାଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୨୦ଟି କ୍ଲବ, ଆୟୋଜକ, ଶାନ୍ତିକମିଟ ସହିତ ୧୨ ବର୍ଷ ପୂର୍ତ୍ତି କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତ ଯାତ୍ରା ସମ୍ପର୍କରେ ଆଲୋଚନା କରି ଚଳିତ ବର୍ଷ ଆଲୋକ, ତୋରଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସ୍ଥିର ହୋଇଥିଲା । ଚଳିତ ମାସ ୨୭ ତାରିଖରୁ ପୂଜା ଆରମ୍ଭ ହୋଇ ସେପ୍ଟେମ୍ବର ୭ ତାରିଖରେ ଭସାଣି ଉତ୍ସବ କରାଯିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ଗଣେଷ ମେଲଣ ସଭାପତି ଜିତେନ୍ଦ୍ର ଦାସ ଓ ଗଣେଷ ପୂଜା କମିଟି ସଭାପତି ସୁବ୍ରତ କୁମାର ସାହୁ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ ।

# ଭୁବନ ଏନ୍‌ଏସି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ଭୁବନ ୧୩।୮ ( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ତତ୍ତ୍ୱାବଧାନରେ ଭୁବନ ଦମକଳ ବାହିନୀ, ବିଦ୍ୟୁତ ବିଭାଗ, କାଉନସିଲର, ସ୍ୱଚ୍ଛସାଥୀ, ପରିମଳ କର୍ମଚାରୀଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ସମସ୍ତେ ତ୍ରିରଙ୍ଗା ପତାକା ଧରି ଶାନ୍ତୀ ମୈତ୍ରୀର ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସମସ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିବା ବେଳେ କାଳୀ ବଜାରଠାରେ ଥିବା ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

# ସାପ୍ତାହିକ ସଂସ୍କୃତ ମହୋତ୍ସବ

ଓଡ଼ାପଡ଼ା, ୧୩।୮ (ରଞ୍ଜିତ ନାୟକ)

ପଞ୍ଚାୟତ ସମିତି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ ସାପ୍ତାହିକ ସଂସ୍କୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବ ୬ ଅଗଷ୍ଟରୁ ଆରମ୍ଭ ହୋଇ ୧୨ ଅଗଷ୍ଟ ପର୍ଯ୍ୟନ୍ତ ବିଭିନ୍ନ ସଂସ୍କୃତ ପ୍ରତିଯୋଗିତା, ବ୍ୟାଖ୍ୟାନ, ସାହିତ୍ୟ ସଭା, ସଂସ୍କୃତ ଶ୍ଳୋକ ପାଠ ଓ ସଂସ୍କୃତ ସଙ୍ଗୀତ ଆୟୋଜନ କରାଯାଇଥିଲା। ସମାପନୀ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଶମ୍ଭୁପ୍ରସାଦ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଡ଼. ଦିନନାଥ ଦାସ ପୁରାତନ ଏବଂ ଆଧୁନିକ ଭାଷା ମଧ୍ୟରେ ସଂସ୍କୃତଭାଷା କିପରି ସୁପର କମ୍ପ୍ୟୁଟର ଓ କୃତ୍ରିମ ବୁଦ୍ଧି (AI) କ୍ଷେତ୍ରରେ ସଂସ୍କୃତର ବ୍ୟବହାର ବିଷୟକୁ ପ୍ରସ୍ତୁତ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ରାଧେଶ୍ୟାମ ଦାସନାୟକ କହିଥିଲେ ସଂସ୍କୃତ, ଜଗତର ସବୁଠାରୁ ପ୍ରାଚୀନ ଓ ସୁବ୍ୟବସ୍ଥିତ ଭାଷାରୂପେ ଗୁରୁତ୍ୱପୂର୍ଣ୍ଣ। ବେଦ, ଉପନିଷଦ, ପୁରାଣ, ମହାଭାରତ, ରାମାୟଣ ପରି ଅମୂଲ୍ୟ ସାହିତ୍ୟ ସଂସ୍କୃତରେ ରଚିତ। ଏହାର ବ୍ୟାକରଣ ସଠିକତା, ଶବ୍ଦଗଠନର ସୁନ୍ଦରତା ଓ ଧ୍ୱନିର ସ୍ପଷ୍ଟତା, ଏହାକୁ ବିଶ୍ୱରେ ସବୁଠାରୁ ବୈଜ୍ଞାନିକ ଭାଷାରୂପେ ପରିଚିତ କରିଛି। ଅଧ୍ୟାପିକା ସରିତା ମଲ୍ଲିକ, 'ସମସ୍ତ ଭାଷାର ଜନନୀ' ଭାବେ ସଂସ୍କୃତର ସ୍ଥାନ ଓ ମହତ୍ତ୍ୱ ଉପସ୍ଥାପନା କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା ଛାତ୍ରୀ ରୋଜାଲିନ ବେହେରା କରିଥିଲେ। ଶେଷରେ ଛାତ୍ରୀ ହରପ୍ରିୟା ସାହୁ ଧନ୍ୟବାଦ ଜଣାଇଥିଲେ ।

# ମୂର୍ତ୍ତି ଚୋରି ଅଭିଯୋଗରେ ୨ ଅଟକ

ସାତମାଇଲ,୧୩।୮ (ସୁଶାନ୍ତ ପତି)



ଢେଙ୍କାନାଳ ଜିଲାର ହିନ୍ଦୋଳ ସଦରମହକୁମାରେ ବିଭିନ୍ନ ମନ୍ଦିରରୁ ଦେବଦେବୀ ମୂର୍ତ୍ତି ସବୁ ଚୋରି ହେଉଥିବା ଘଟଣା ପାଇଁ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇ ଦେଇଥିବାବେଳେ ବୁଧବାର ଦୁଇ ନାବାଳକ ମୂର୍ତ୍ତି ଚୋରି କରି ଧରାପଡିବା ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, କିଛିଦିନ ତଳେ ହିନ୍ଦୋଳ ଜଗନ୍ନାଥ ମନ୍ଦିରରୁ ଦୁଇଟି ଲକ୍ଷ୍ମୀମୂର୍ତ୍ତି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଥିଲା। ତେବେ ବୁଧବାରୁ ହିନ୍ଦୋଳ ଏନଏସି ୱାର୍ଡନଂ୮ରେ ଥିବା ଐତିହାସିକ ବହୁପୁରାତନ ରାଧାକୃଷ୍ଣ ମନ୍ଦିରରେ ପୂଜକ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଦୁଇଜଣ ନାବାଳକ କଲେଜ ଛାତ୍ର ମନ୍ଦିରରେ ପଶି ଦୁଇଟି ମୂର୍ତ୍ତି, ମୁକୁଟ ଇତ୍ୟାଦି ଚୋରିକରି ନେଇ ପଳାଉଥିବାବେଳେ ପୂଜକଙ୍କ ପରିବାରର ସଦସ୍ୟମାନେ ପାଟି କରିବାରୁ ସ୍ଥାନୀୟ ଅଞ୍ଚଳବାସୀ ନାବାଳକ ଦ୍ୱୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଛାତ୍ର ଦ୍ୱୟଙ୍କ ସ୍କୁଲ ବ୍ୟାଗ ତଦାରଖ କରିବାରୁ ଚୋରି ମୂର୍ତ୍ତି ସବୁ ସେଥିରୁ ଉଦ୍ଧାର କରିଥିଲେ। ହିନ୍ଦୋଳ ପୋଲିସ ଏବଂ ପଚରାଉଚରା କରାଯିବାରୁ ପୂର୍ବରୁ ଜଗନ୍ନାଥ ମନ୍ଦିରରୁ ସେମାନେ ଚୋରାଇଥିବା ଲକ୍ଷ୍ମୀମୂର୍ତ୍ତି ଦୁଇଟି ଛାତ୍ର ଦୁଇଜଣଙ୍କ ଘରୁ ଉଦ୍ଧାର କରାଯାଇଛି। ପୂଜକଙ୍କ ଏତଲା କ୍ରମେ ହିନ୍ଦୋଳଥାନାରେ କେଶ ନଂ-୨୩୧(୩), ୩୦୫(ଡ଼ି)/୧୩-୮-୨୦୨୫ରେ ମାମଲା ରୁଜୁ କରାଯାଇ ନାବାଳକ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

# ନିଶାମୁକ୍ତ ଭାରତ ଅଭିଯାନ




ପିଙ୍ଗୁଆ ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ।

ଢେଙ୍କାନାଳ,୧୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜଠାରେ ଅଧ୍ୟାପକ ଦିପ୍ତି ରଞ୍ଜନ ମହାଲିକ, ରାମଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ ଶପଥ ଗ୍ରହଣ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଛାତ୍ରୀ ଛାତ୍ର ମାନଙ୍କୁ ଶପଥ ପାଠ କରାଇଥିଲେ। ନିଶାମୁକ୍ତ ଭାରତ ଗଠନରେ ଯୁବ ଶକ୍ତି ମାନେ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ଇଲନ ପ୍ରଭା ସେନାପତି, ଅନ୍ନପୂର୍ଣା ଧଳ, ସୋନାଲି ଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ ଓ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଭୁବନ, ୧୩।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଢେଙ୍ଗାବାହାଲି ଗ୍ରାମର ବାସୁଦେବ ସାହୁଙ୍କ ଘରୁ ମଙ୍ଗଳବାର ରାତିରେ ଗଡରେଜ ଭାଙ୍ଗି ୫୦ ହଜାର ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ବୁଧବାର ଭୁବନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବାସୁଦେବଙ୍କ ପରିବାରର ସମସ୍ତ ସଦସ୍ୟ ଯାତ୍ରା ଦେଖିବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ଗଡରେଜରେ ଥିବା ନଗଦ ୫୦ ହଜାର ଟଙ୍କା ଓ ସମସ୍ତ ସୁନା ଅଳଙ୍କାର ଲୁଟି ପଳାଇଛନ୍ତି । ଏ ନେଇ ଭୁବନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

# ଓଡ଼ାପଡ଼ାରେ ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ଓଡ଼ାପଡ଼ା, ୧୩।୮ (ରଞ୍ଜିତ ନାୟକ)

ଭାଜପା ପକ୍ଷରୁ ଓଡ଼ାପଡ଼ା ଅଞ୍ଚଳରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ୩ ନଂ ଜୋନରେ ଘଟିପିରି ମଣ୍ଡଳ ସଭାପତି ଜ୍ୟୋତି ରଞ୍ଜନ ଜେନା, ୨ ନଂ ଜୋନ ଓଡ଼ାପଡ଼ା ମଣ୍ଡଳ ସଭାପତି ଶିବରାମ ମହାନ୍ତିଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ୧ନଂ ଜୋନ ସଭାପତି ଦେବାନନ୍ଦ ବେହେରା, ୨ନଂ ଜୋନ ସଭାପତି ଶିବାନନ୍ଦ ମହାନ୍ତି ୩ନଂ ଜୋନ ସଭାପତି ଜ୍ୟୋତି ରଞ୍ଜନ ଜେନା, ପ୍ରଶାନ୍ତ ପ୍ରଧାନ, ସହଦେବ ପୃଷ୍ଟି, ଶ୍ରୀମତୀ ଇତିଶ୍ରୀ ସାହୁ, ସନ୍ତୋଷ ନାଏକ, ସୁଜନ ନାଏକ, ଭକ୍ତବନ୍ଧୁ ବେହେରା, ରମେଶ ମହାନ୍ତିଙ୍କ ସହିତ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ ।

# ହର୍‌ଘର୍ ତ୍ରିରଙ୍ଗା ପଦଯାତ୍ରା




ଢେଙ୍କାନାଳ,୧୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସକାଳ ୮ଟାରେ ହରଘର ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ବାଜିଚୌକଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପହଁଚିଥିଲା । ଏଥିରେ ଶହଶହ ସଂଖ୍ୟାରେ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠିର ମହିଳା, କଳାକାର ଗୋଷ୍ଠି, ବୁଦ୍ଧିଜୀବୀ, ଜନ ପ୍ରତିନିଧି, ସାମାଜିକ ଅନୁଷ୍ଠାନ, ପ୍ରଶାସନିକ ଅଧିକାରୀଗଣ ଓ ଗଣମାଧ୍ୟମର ପ୍ରତିନିଧି ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ତ୍ରିରଙ୍ଗା ଯାତ୍ରାରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଥିଲେ ।

# ସାଆନ୍ଦା ମଣ୍ଡଳରେ ତ୍ରିରଙ୍ଗା ଯାତ୍ରା

ପରଜଙ୍ଗ, ୧୩।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ଦରସିଂହା ପଞ୍ଚାୟତ କାର୍ଯ୍ୟଳୟଠାରୁ ଭାଜପାର ତ୍ରିରଙ୍ଗା ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଜିଲା ସଭାପତି ରାହାସ ବିହାରୀ ବେହେରାଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହ ଜନସାଧାରଣ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ଲୋଧଣୀ, ପାଟରପଦା, ପାଣିଭଣ୍ଡାର ଦେଇ କୁମୁସୀ ପଞ୍ଚାୟତରେ ପହଞ୍ଚିବା ପରେ ସାଆନ୍ଦା ଦେଇ ଚାନ୍ଦପୁର ପଞ୍ଚାୟତରେ ଯାତ୍ରା ଶେଷ କରିଥିଲେ। ତେବେ ସ୍ୱାଧୀନତା ଦିବସ ପାଳନ ଅବସରରେ ଏହି ତ୍ରିରଙ୍ଗା ଯାତ୍ରା ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ମଣ୍ଡଳରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି ଶୋଭାଯାତ୍ରାରେ ସାଆନ୍ଦା ମଣ୍ଡଳ ସଭାପତି ଅମିର ବିଶାଳ, କନ୍ଦରସିଂହା ସରପଞ୍ଚ ବିଜେନ୍ଦ୍ର ସାହୁ, ବ୍ଲକ ଉପାଧକ୍ଷା ଯଶସ୍ୱିନୀ ରାଉତ, ଯୁବ ନେତା ସନ୍ତୋଷ ରାଉତ, ରେଣ୍ଟାପାଟ ସରପଞ୍ଚ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ଗ୍ରନ୍ଥାଗାରିକ ଦିବସ, ସଚେତନତା

ଢେଙ୍କାନାଳ,୧୩।୮ (ରତନ ନାୟାର)




ଜାତୀୟ ଗ୍ରନ୍ଥାଗାରିକ ଦିବସ ଓ ସଚେତନତା କାର୍ଯ୍ୟକ୍ରମ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଲାଇବ୍ରେରୀ ଓ ଆଇକ୍ୟୁଏସି ସେଲ ଆନୁକୂଲ୍ୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ଓ ବ୍ୟାବହାରିକ ସଚେତନତା କାର୍ଯ୍ୟକ୍ରମ ନୂତନ ପାଠାଗାର ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଡ. ଏସ ଆର ରଙ୍ଗନାଥନ୍‌ଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ଡ. ଚିତରଞ୍ଜନ ସାହୁ ଉଦଘାଟନ କରି ଛାତ୍ରଛାତ୍ରୀ, ଅଧ୍ୟାପିକା ଅଧ୍ୟାପିକମାନଙ୍କୁ ଗ୍ରନ୍ଥାଗାରିକ ଦିବସର ତାତ୍ପର୍ଯ୍ୟ ଏବଂ ଲାଇବ୍ରେରୀର ବହୁଳ ବ୍ୟବହାର ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ପୂର୍ଣ୍ଣ ଚନ୍ଦ୍ର ବରାଳ ଗ୍ରନ୍ଥାଗାରର ସଦୁପଯୋଗ ଓ ବ୍ୟବହାର ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଆଇକ୍ୟୁଏସି ସେଲ ଡ. ଦେବାଶିଷ ମହାନ୍ତି କହିଲେ ଯେ, ଗ୍ରନ୍ଥାଗାରର ନୂତନ ସେବା ଓଏନ୍‌ଓଏସ୍ ପୋର୍ଟାଲ ଏବଂ ଅନ୍ୟ ସେବାଗୁଡ଼ିକ କିପରି ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପିକ ମାନଙ୍କୁ ନୂତନ ଜ୍ଞାନ କୌଶଳ ନିମନ୍ତେ ସହାୟକ ହେବ । ଲାଇବ୍ରେରୀର ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପକ ଡ. ଶିବାନନ୍ଦ ସାହୁ, ଗ୍ରନ୍ଥାଗାର ବିଜ୍ଞାନର ପଂଚ ନିୟମ କିପରି ଭାବେ ଲାଇବ୍ରେରୀକୁ ଏକ ଜୀବ ଭାବେ ଗଣନା କରିଛି, ଯାହାକି ସମୟ ସହିତ ନିଜର ପୁସ୍ତକ ସଂଖ୍ୟା ବୃଦ୍ଧି କରି ସମାଜକୁ ଅନେକ ଜ୍ଞାନ ପ୍ରଦାନ କରିଛି ସେ ବିଷୟରେ ଆଲୋକପାତ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଗ୍ରନ୍ଥାଗାରର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଜନୀ କାନ୍ତ ଖୁଂଟିଆ ଛାତ୍ରଛାତ୍ରୀଙ୍କୁ ଗ୍ରନ୍ଥାଗାରର ବିଭିନ୍ନ ସେବାଗୁଡିକୁ ଶିକ୍ଷା କ୍ଷେତ୍ରରେ ସଦୁପଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଗ୍ରନ୍ଥାଗାରିକ ଶୁଭାଶିଷ ପଣ୍ଡା ପୋର୍ଟାଲ, ଇ-ରିସୋର୍ସ ଓ ନୂତନ ଲାଇବ୍ରେରୀ ଅଟୋମେସନ ବିଷୟରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି କର୍ମଶାଳାଟିକୁ ଅଧ୍ୟାପିକା ଡ. ସୁଜାତା ସାହୁ ଏବଂ ଅଧ୍ୟାପିକା ସସ୍ମିତା ରାୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧ୍ୟାପିକା କଳ୍ପନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ ସ୍ନାତକ ଓ ସ୍ନାତକୋତର ଛାତ୍ରୀଛାତ୍ର,ଅଧ୍ୟାପିକା ଅଧ୍ୟାପକ ଅଂଶଗ୍ରହଣ ସକ୍ରିୟ କରିଥିଲେ।

# ଖଣି ଖନନ ପାଇଁ ପରିବେଶ ସୁରକ୍ଷାକୁ ଅଣଦେଖା

## ବାଲାପାଡୁ କ୍ୱାର୍ଜ ଖଣି ଖନନକୁ ଅଞ୍ଚଳବାସୀଙ୍କ ବିରୋଧ

ରାୟଗଡ଼ା,୧୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ସଦର ବ୍ଲକ୍ ଇରୁକୁବାଡ଼ି ପଞ୍ଚାୟତ ଅନ୍ତର୍ଗତ ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ଅଞ୍ଚଳବାସୀ ଏବଂ ସ୍ଥାନୀୟ ଜନପ୍ରତିନିଧି ବିରୋଧ କରିଛନ୍ତି। ଖଣି ଖନନ ହେଲେ ସେଠାରେ ରହିଥିବା ପ୍ରାକୃତିକ ପରିବେଶ ନଷ୍ଟହେବା ସହ ପାହାଡ଼ରୁ ବାହାରିଥିବା ଚିରସ୍ରୋତା ଝରଣା, ବହୁ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ ଲୋପପାଇଯିବା ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ଇରୁକୁବାଡ଼ିଠାରେ ରାୟଗଡା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଆଞ୍ଚଳିକ ଶାଖା ଓ ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ହୋଇଥିଲା । ଜନଶୁଣାଣି ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା କହିଛନ୍ତି।

ସୂଚନାଥାଉକି, ବାଲାପାଡୁ ପାହାଡ଼ର ୫୫.୩୯୪ ହେକ୍ଟର ଅଞ୍ଚଳରେ ରହିଥିବା କ୍ୱାର୍ଜ ଓ କ୍ୱାର୍ଜାଇଟ ଖନନ ପାଇଁ ବାଳକୃଷ୍ଣ ପାଢ଼ୀ ନାମକ ଜଣେ ବ୍ୟକ୍ତି ଲିଜ୍‌ରେ ନେଇଛନ୍ତି। ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ହୋଇଥିବା ଜନଶୁଣାଣିରେ ଗ୍ରୀନ୍ ସର୍କଲ, ଆଇଏନ୍‌ସି ନାମକ ଏକ ମାଇନିଂ କନ୍‌ସଲଟାଣ୍ଟ ଖଣି ଖନନ ଦ୍ୱାରା ପରିବେଶ ଓ ଏହା ଉପରେ ପ୍ରଭାବ ସମେତ ୨୦୨୨–୨୩ ମଧ୍ୟରେ ସର୍ଭେକରି ଏକ ରିପୋର୍ଟ ପ୍ରଦାନ କରିଛି । ଉକ୍ତ ରିପୋର୍ଟରେ ବାର୍ଷିକ ୫୪୫୦୦ସିଏମ୍ ଖଣି ଖନନ ପାଇଁ ଯୋଜନା ରହିଛି। ଏହି ଖଣି ଖନନ ଦ୍ୱାରା ପରିବେଶ ଉପରେ କୌଣସି କୁପ୍ରଭାବ ପଡ଼ିବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।



ଜଙ୍ଗଲରେ ଭରି ରହିଥିବା ବାଲାପାଡୁ ପାହାଡ଼।

ଅନ୍ୟପକ୍ଷେ ଏଠାରେ ଖଣି ଖନନ ହେଲେ ସେଠାରେ ରହିଥିବା ଜଙ୍ଗଲ ନଷ୍ଟହେବା ଯୋଗୁ ଗ୍ରୀଷ୍ମଋତୁରେ ଅହେତୁକ ଗରମ ହେବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିଭଳି ବାଲାପାଡୁ ଅଞ୍ଚଳରେ ବୋହିଯାଉଥିବା ବିଭିନ୍ନ ଚିରସ୍ରୋତା ଝରଣା ଆଗାମୀ ଦିନରେ ଲୋପପାଇଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଉକ୍ତ ଝରଣା ଯୋଗୁ ଅଞ୍ଚଳବାସୀ ଆମ୍ବ, ପଣସ, ସପୁରି, ତେନ୍ତୁଳି ଆଦି ଚାଷକରି ନିଜ ଜୀବିକା ନିର୍ବାହ କରୁଥିବା କହିଛନ୍ତି। ରାୟଗଡ଼ା ଜିଲା ମୁଖ୍ୟ ଅବବାତନ୍ତ୍ର ବା ଜଳ ନିର୍ଭରଶୀଳ ନାଗାବଳୀ ଓ ଝଞ୍ଜାବତୀ ନଦୀ ସମେତ ବିଭିନ୍ନ ଚିରସ୍ରୋତା ଝରଣା ହୋଇଥିବା ବେଳେ ଉକ୍ତ ରିପୋର୍ଟର ପୃଷ୍ଠା ୪ରେ ଋଷିକୁଲ୍ୟା ନଦୀ ବୋଲି ଉଲ୍ଲେଖ ରହିଛି । ଋଷିକୁଲ୍ୟା ନଦୀ ଗଞ୍ଜାମ ଜିଲାରେ ଅବସ୍ଥିତ। ସେହିପରି ଉକ୍ତ ଅଞ୍ଚଳର ତାପମାତ୍ରା ଗ୍ରୀଷ୍ମଋତୁରେ ୪୫ ଡିଗ୍ରୀ ବୋଲି ରିପୋର୍ଟରେ ଲେଖାଯାଇଥିବା ବେଳେ ଘଞ୍ଚ ବୃକ୍ଷଲତା ଓ ପାହାଡ଼ ପାଇଁ ଗ୍ରୀଷ୍ମଋତୁରେ ମଧ୍ୟ ଲୋକେ ଥଣ୍ଡା ଅନୁଭବ କରନ୍ତି ବୋଲି କହିଛନ୍ତି । ଉକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଯଥା ଘରଚଟିଆ, ମାଙ୍କଡ଼, ନେଉଳ, ଠେକୁଆ, ପାରା, କୋଇଲି ସମେତ ଜଳଚର ଜୀବଙ୍କ ମଧ୍ୟରେ ପଲିକିଟି, ହେମିପ୍ଲାରା, କୋଲିଓପପ୍ଲାରା, ପ୍ଲନରିଆ, ହିରୁକିନା ଆଦି ରହିଛନ୍ତି। ଏଠାକାର ପାହାଡ଼ରୁ ଖଣି ଖନନ ହେଲେ ଜଙ୍ଗଲ ନଷ୍ଟହେବା ସହ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଦେଖାଦେଇଛି। ଏଥିସହ ବାଲାପାଡୁ ଖଣି ଅଞ୍ଚଳ ନିକଟରେ ବୋହୁଥିବା ଝରଣା ସମେତ ଭୂତଳ ଜଳ ପ୍ରଭାବିତ ହେବା, ପରିବେଶ ପ୍ରଦୂଷଣ ହେବା ସହ ଚାଷ ନଷ୍ଟହେବା ଆଶଙ୍କା ରହିଥିବା ଇରୁକୁବାଡ଼ିର ପୂର୍ବତନ ସମିତି ସଭ୍ୟ ମିନାରାଓ କରକରିଆ, ନାକିଟି ସମିତି ସଭ୍ୟ ଭୂଷଣ ବିଡ଼ିକା, ଇରୁକୁବାଡ଼ି ସମିତି ସଭ୍ୟ ଦୟାନିଧି କଣ୍ଡାଗରି, ସୁଧାକର କରକରା ଓ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏ ନେଇ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ।

# ବ୍ଲକ୍ ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୁଚିତକଲେ ସରକାର

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

- ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଫାଇଲରେ ଦରକାର ନାହିଁ ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ
- ଭୋଟଠାରୁ ବ୍ଲକ୍ ଚୋରି ଭଳି ପାପ ଏ ସରକାର କରିଛନ୍ତି: ବିଜେଡି
- ପଞ୍ଚାୟତସ୍ତରରେ ସରକାରୀ ଦଳର ସଂଖ୍ୟା କମ୍ ଥିବାରୁ ଏଭଳି ନିଷ୍ପତ୍ତି: କଂଗ୍ରେସ
- ଓଡ଼ିଶାର ବିକାଶ ପାଇଁ ଏଭଳି ନିର୍ଣ୍ଣୟ ନିଆଯାଇଛି: ମନ୍ତ୍ରୀ

ଏଣିକି ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ ଉପରେ ଆଉ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଦରକାର ନାହିଁ। ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଯୋଉ କାମ ହେବ ସେହି ଫାଇଲ୍‌ରେ ବିଡିଓ ଦସ୍ତଖତରେ ହେଇଯିବ। ଏହିଭଳି ଭାବେ ବ୍ଲକ୍ ଅଧ୍ୟକ୍ଷଙ୍କ ପାୱାରକୁ ରାଜ୍ୟ ସରକାର ହ୍ରାସ କରିଛନ୍ତି। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଭଳି ନିଷ୍ପତ୍ତି ପରେ ଅନେକ ସ୍ଥାନରେ ବ୍ଲକ୍ ଅଧ୍ୟକ୍ଷମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକର ଏଭଳି ଅର୍ଥନୈତିକ କ୍ଷମତାରେ ପରିବର୍ତ୍ତନ ଆସିବା ପରେ ରାଜନୀତି ମଧ୍ୟ ଜୋର୍ ଧରିଛି। ସୂଚନାଯୋଗ୍ୟ, ପୂର୍ବରୁ ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତର ଆବଶ୍ୟକତା ରହୁଥିଲା। ୨ ଲକ୍ଷରୁ କମ୍ ଟଙ୍କାର ଫାଇଲ୍ ବିଡିଓମାନଙ୍କ ଦସ୍ତଖତରେ ହେଇଯାଉଥିଲା। ଏଣିକି ୨୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ କେବେଳ ବ୍ଲକ ଅଧ୍ୟକ୍ଷମାନଙ୍କ କାଉଣ୍ଟର ଦସ୍ତଖତ ଦରକାର ହେବ। ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ବିରୋଧୀ କଡା ଭାଷାରେ ସମାଲୋଚନା କରିଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏହାର ଉତ୍ତର ରଖିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟର ପ୍ରାୟ ୯୦ ପ୍ରତିଶତ ବ୍ଲକ୍‌ରେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ଏମାନେ ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ କଲେ ଏହା ହତ୍ୟା ନା ଆତ୍ମହତ୍ୟା। ଏମାନେ ଭୋଟ୍ ଠାରୁ ବ୍ଲକ ଚୋରି ପର୍ଯ୍ୟନ୍ତ ଏମାନେ ଯେଉଁ ପାପ କରିଛନ୍ତି ତାକୁ ଧୋଇବା ଲାଗି ଏମାନଙ୍କ ପାଖରେ ସମୟ ନ ଥିବ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ସି.ଏସ୍. ରାଜନ୍ ଏକ୍କା କହିଛନ୍ତି, ଏବେ ପ୍ରାୟ ଅଧିକାଂଶ ସମିତି, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲ ପରିଷଦରେ ସରକାରୀ ଦଳର କେହି ନାହାନ୍ତି। ସରକାରୀ ଦଳର ସଂଖ୍ୟା ଏସବୁ ଥିରେ ବହୁତ କମ୍ ଥିବାରୁ ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ରାଜନ୍ କହିଛନ୍ତି।

ମନ୍ତ୍ରୀ ରବି ନାଏକ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାର ଅଧିକ ବିକାଶ ହୋଇପାରିବ ସେଥିଲାଗି ଏଭଳି ନିର୍ଣ୍ଣୟ କରାଯାଇଛି। ଏହାଦ୍ୱାରା କାହା ପ୍ରତି କୁଠାରଘାତ ହେବ ନାହିଁ। ଲୋକ ଏବଂ ଅଞ୍ଚଳର ଉନ୍ନତି ଯେତେବେଳେ ନ ହେବ ସେହି ସମୟରେ ସ୍ୱର ଉଠିଥାଏ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.08.2025-191st & 192nd E-auction)**
**IRON ORE CLO & FINES**

**No.CAD-1435:** The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block-A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna- Sekradihi Iron and Manganese Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.08.2025.**
For details, please visit the website of MSTC i.e. www.mstcecommerce.com
OIPR-30005/11/0236/2526 — **Chief General Manager (S&M)**

**GOVERNMENT OF ODISHA** — No.O-851
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
ee_rwbdk2@yahoo.co.in
**"e" Procurement Notice for Road Works**
**Identification Online Tender 07/RWD/BDK-II/2025-26, Dtd.31.07.2025**
1. Name of the Work:- Road Works as per Annexure. 2. Total Number of Works:- 2 No. 3. Approximate Estimated Cost :- Rs.62.89 lakhs - 75.63 lakhs. 4. Class of Contractor:- As per Annexure. 5. Period of Completion:- As per Annexure. 6. Other details:- The details are as follows.

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division-II, Bhadrak | 07 | 14.08.2025 At 4.00 P.M. | 25.08.2025 upto 5.00 P.M. | 25.08.2025 upto 3.00 PM | 26.08.2025 at 11.00 AM | Will be intimated later |

**7. Further details can be seen from the e-Procurement portal "https://www.tendersorissa.gov.in"** 8. Any other changes/ Corrigendum may be seen only in website www.tendersorissa.gov.in.
OIPR-25090/11/0026/2526 — **Sd./- Executive Engineer, R.W.Division-II, Bhadrak**

**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
**No.11777/VIMSAR, Burla Dated the 12th, August, 2025**
**TENDER CALL NOTICE**
**No.E-310** : Sealed Tenders are invited by the undersigned from interested Firms having GST registration for purchase of the condemned materials from this Hospital so as to reach to the office of the Superintendent, VIMSAR, Burla on or before 16.09.2025 up to 5.00 PM which will be opened at 10.30 AM the next working day.
The details of the terms and conditions of the Tender Call Notice can be collected from the office of the Superintendent, VIMSAR, Burla on working days from 10.00 AM to 5.00 PM or can be downloaded from District/ VIMSAR website from the date of the publication of the Tender Call Notice to last date of submission.
Sd./- Superintendent, VIMSAR, Burla
OIPR-10187/11/0042/2526

**boyanika** — No.CAD-1441
**QUOTATION CALL NOTICE**
**No.2188** — **Dt.08.08.2025**
**Name of the work:-** Supply of **Computer Materials & Packing Materials to Odisha State Handloom WCS Ltd, Boyan Bhawan at PJN Marg, Bhubaneswar.** The Quotation call notice issued vide order no.1986 dt.19.07.2025 is hereby cancelled due to unavoidable reasons.
Hence, fresh tender is called for the above purpose. **The last date and time of submission of quotation is 19.08.2025 at 5.00 PM.**
Refer our website- **www.sidacodisha.org.in** for details. All the information in connection with this Quotation Call Notice will be available in this website.
Sd/ G.M–Cum–Secretary, Boyanika
OIPR-31004/11/0117/2526

See Career Appointment on every Wednesday & Saturday

ପୌରପରିଷଦ କାର୍ଯ୍ୟାଳୟ, ଜୟପୁର
**OFFICE OF THE MUNICIPAL COUNCIL: JEYPORE**
Letter No.3473/JM, Date:11 August 2025
**ଭୁଲ୍ ସଂଶୋଧନ ସୂଚନା**
No.C-852:ଜୟପୁର ପୌରସଂସ୍ଥା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ଏହି କାର୍ଯ୍ୟାଳୟ ଚିଠି ସଂଖ୍ୟା ୩୪୦୩ ତାରିଖ ୦୨.୦୮.୨୦୨୫ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ କରିଛି । ଏହି ଚିଠିର ୪ ନମ୍ବର ସର୍ତ୍ତରେ ଭୁଲବଶତଃ ଅଫସେଟ ପ୍ରାଇସରୁ କମ ଦର୍ଶାଇଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଦର୍ଶାଯାଇଥିଲା ।
ଏହି ଭୁଲ ସଂଶୋଧନ କରି ସୂଚିତ କରାଯାଉଛି ଯେ, ତାହାକୁ **ଅଫସେଟ ପ୍ରାଇସରୁ ଅଧିକ** ବୋଲି ପଢ଼ିବେ ।
ଅନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି ।
ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ
OIPR-13079/11/0056/2526

**ODISHA SPACE APPLICATIONS CENTRE (ORSAC)**
(Dept. of Science & Technology, Govt. of Odisha)
Plot No.45/48 (P), Jayadev Vihar, Unit-16, Bhubaneswar-751023
**TENDER NOTICE NO.19/2025**
No.CAD-1432: Sealed tenders are invited from established and accredited Original Equipment Manufacturer (OEM)/ authorized dealers for Supply, Installation & Commissioning of "Signing Solution: Cryptographic Token Based eSign Solution" for Odisha Space Applications Centre, Bhubaneswar
For details, please visit Website https://orsac.odisha.gov.in and in the above office for the tender papers.
OIPR-28007/11/0021/2526 — **Sd./- CHIEF EXECUTIVE**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 5797/P.S.C., Dt. 12.08.2025**
**(IE-03-2025/26) (DR-II)**
Website - http://www.opsc.gov.in
**No.D-172** : It is for information of all concerned that the Written Examination for recruitment to the posts of **Assistant Professor (Board Speciality)**, under Health & Family Welfare Department in pursuant to Advertisement No. 03 of 2025-26 scheduled on **17.08.2025 is hereby postponed** in view of intimation received from Health and Family Welfare Department, Govt. of Odisha.
The revised date of the Examination will be notified very shortly. Candidates are advised to visit the website of the Commission regularly for further updates.
OIPR-12002/11/0290/2526 — **Sd./- Secretary**

**OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION**
(Department of Health & FW, Govt. of Orissa)
**Advt. No. 17/2025** — **Date : 11.08.2025**
**Ref :- RFP No. Nirmal/Housekeeping/Bhadrak/14/2025 dated 28.07.2025**
**Corrigendum**
**No.E-306** : It is for information of all concerned, that the last date for submission of RFP regarding outsourcing of Housekeeping & Cleaning services for Bhadrak District under NIRMAL is hereby extended upto 13.08.2025 (05.00PM).Bidders who have already applied need not apply further. All other terms & conditions will remain unchanged. The Technical Bid will be opened on 14. 08. 2025 at 11. 00 AM at O/o the CDM & PHO,Bhadrak.
OIPR-10123/11/0021/2526 — **Sd./- CDM & PHO, Bhadrak**

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆଞ୍ଚଳିକ ଚକଲା, ବାଣିଜ୍ୟକର ଭବନ, ସୁନ୍ଦରଗଡ଼, (ରାଉରକେଲା)–୭୬୯୦୧୨
(ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ ଅଧୀନସ୍ଥ ଅର୍ଥ ବିଭାଗ, ଓଡ଼ିଶା ସରକାର)
ଇ-ମେଲ୍:jcctsundargarh@odishatax.gov.in
**COMMERCIAL TAX & GST TERRITORIAL RANGE, BANIJYAKAR BHAWAN, SUNDARGARH (ROURKELA)-769012**
**(Under Commissionerate of CT & GST, Finance Department, Govt. of Odisha)**
**Email Id:jcctsundargarh@odishatax.gov.in.**
**TENDER CALL NOTICE**
**Bid Reference No.1641/CT&GST, Dated 12.08.2025**
No.S-10:Bids in sealed cover are invited under two-bid systems from reputed and experienced Manpower Service Providers to provide services of 07 (Seven) nos. of outsource personnel for engagement as i) **Cleaner-cum-Sweeper for Guest House (01 No.), ii) Watchman-cum-Sweeper for Office (01 No.), iii) Office Peons (02 Nos.) and iv) Housekeeping Personnel (03 Nos.)** for a period of 01 (One) Year from the date of actual engagement in terms of Finance Department Circular No-49134/F dated 29.11.2010, No-28090/F dated 22.09.2017 & No-11835/F dated 31.03.2018 in the O/o the CT & GST Territorial Range Head, Sundargarh (At:Rourkela). The details of the bidding schedule are as follows:-

| Sl.No. | Bidding Schedule | Deadline | Schedule Date |
|---|---|---|---|
| 1 | Date of Issue | T | 12.08.2025 |
| 2 | Bid Due Date and Time | T+14 | 25.08.2025 |
| 3 | Opening of Technical Bid | T+15 | 26.08.2025 |
| 4 | Opening of Financial Bid | T+15 | 26.08.2025 |
| 5 | Date for commencement of deployment of required manpower | | 06.09.2025 |

Bidders are required to submit the Technical and Financial Bids separately. The bids in sealed Cover-I containing **"Technical Bid"** and sealed Cover-II containing **"Financial Bid"** should be placed in a third sealed cover super-scribed **"Bid for Outsource Personnel"** must reach the undersigned on or before **25.08.2025 by 5.30 P.M. by Speed Post/ Registered Post/ Courier** only.
The bid documents containing eligibility criteria, scope of the work, terms and conditions of the tender and draft agreement may be obtained from O/o **The CT & GST Territorial Range Head, Sundargarh (At:Rourkela)** on payment of non-refundable amount of Rs.500/- in form of **Demand Draft** in favour of **"The CT & GST Territorial Range Head, Sundargarh (At:Rourkela)"**, drawn in any scheduled commercial bank and payable at **Rourkela** on any working day within **25.08.2025** between 10.00 AM to 5.30 PM.
The Authority reserves the right to reject any or all bids and terminate the tender process without assigning any reason thereof.
**Complete address for Submission of Bid:**
**The CT & GST Territorial Range, Sundargarh (At: Rourkela), Uditnagar, Infront of Canara Bank, 769012, Rourkela, Sundargarh.**
Sd./- Joint Commissioner of CT & GST, Territorial Range, Sundargarh (At-Rourkela)
OIPR-05023/11/0002/2526

**ବିଜ୍ଞାପନ** — No.D-171
(ଦୁର୍ଗପତି କାର୍ଯ୍ୟାଳୟ ନବମ ସ୍ୱତନ୍ତ୍ର ଭାରତ ସଂରକ୍ଷିତ ବାହିନୀ କଳାହାଣ୍ଡି)
ନାମ–ମାୟାଧର ଶବର
କନେଷ୍ଟବଳ ସଂଖ୍ୟା–୧୧
ପିତା–ଶ୍ରୀଯୁକ୍ତ ମଧୁସୂଦନ ଶବର
ଗ୍ରାମ/ପୋ.ଅ.–ବ୍ରାହ୍ମଣ ଛେଣ୍ଡିଆ
ଥାନା–ଧର୍ମଗଡ଼,ଜିଲ୍ଲା–କଳାହାଣ୍ଡି,ପିନ୍–୭୬୬୦୧୫
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା.୨୩.୧୦.୨୦୨୩ ରିଖ ଅପରାହ୍ନ ଠାରୁ ୩୦.୧୦.୨୦୨୩ ଅପରାହ୍ନ ପର୍ଯ୍ୟନ୍ତ ୦୪ ଦିନ ସାମୟିକ ଛୁଟି ଏବଂ ୦୩ ଦିନ ଅନୁମତି ଛୁଟି ସମୁଦାୟ ୦୭ (ସାତ ଦିନ) ଛୁଟି ନେଇଥିଲେ । ଆପଣ ଆପଣଙ୍କ କାର୍ଯ୍ୟରେ ତା.୩୧.୧୦.୨୦୨୩ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବା ବଦଳରେ କୌଣସି ସୂଚନା ନଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ କାର୍ଯ୍ୟରେ ଯୋଗଦେବା ପାଇଁ ବାରମ୍ବାର ଡାକ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଆପଣ ଡାକ ଫେରାଇ ଦେଇଛନ୍ତି । ତେଣୁ ଲଟକାଜାରି ମାଧ୍ୟମରେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି, କିନ୍ତୁ ଆପଣ କୌଣସି କଥାକୁ ଭ୍ରୂକ୍ଷେପ ନକରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଆପଣଙ୍କ ଏତାଦୃଶ କାର୍ଯ୍ୟଶୈଳୀ ଯୋଗୁଁ ବାଟାଲିୟନରେ ବିଶୃଙ୍ଖଳା ସୃଷ୍ଟି ହେଉଛି ।
ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ, ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ସ୍ୱା./–ଜିତେନ୍ଦ୍ର କୁମାର ଦେହୁରୀ, ଦୁର୍ଗପତି, ନବମ ସ୍ୱତନ୍ତ୍ର ଭାରତ ସଂରକ୍ଷିତ ବାହିନୀ, କଳାହାଣ୍ଡି
OIPR-12029/11/0097/2526

**ସୂଚନା**
No.M–21:ଶ୍ରୀମତୀ ଛାୟାମଣି ମୁଣ୍ଡା, କନିଷ୍ଠ ତୃଣ ଉନ୍ନୟନ ଓଭରସିୟର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡା, ଯୋଗାଯୋଗ ଠିକଣା: ବାପା–ସ୍ୱର୍ଗତ ନରସିଂହ ବାପୁଙ୍ଗା, ସା/ପୋ:ଭଣ୍ଡା, ଥାନା:ବରିଆ, ଜିଲ୍ଲା:କେନ୍ଦୁଝର ।
ଏତଦ୍ୱାରା ଆପଣଙ୍କୁ ସୂଚାଇ ଦିଆଯାଉଛି କି ଆପଣଙ୍କ ବିରୋଧରେ କରାଯାଇଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ ପତ୍ରସଂଖ୍ୟା ୧୩୧୪, ତାରିଖ ୩୦.୦୧.୨୦୨୪ ଏବଂ ପତ୍ରସଂଖ୍ୟା ୧୪୫୬୮ ତାରିଖ ୨୭.୦୯.୨୦୨୪ ଅନୁଯାୟୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଝାରସୁଗୁଡାଙ୍କର ତାରିଖ ୩.୧୧.୨୦୨୪ ର ତଦନ୍ତ ରିପୋର୍ଟକୁ ଆପଣ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ଉକ୍ତ ସୂଚନାଟି ପ୍ରକାଶିତ ହେବାର ୭ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଝାରସୁଗୁଡାଙ୍କ ଠାରୁ ଗ୍ରହଣ କରନ୍ତୁ ଏବଂ ଆପଣଙ୍କ ବିରୁଦ୍ଧରେ ପ୍ରସ୍ତାବିତ ଦଣ୍ଡ ସମ୍ବନ୍ଧରେ ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ଆପଣଙ୍କ ଅଭିମତ ପ୍ରଦାନ କରନ୍ତୁ । ଅନ୍ୟଥା ଆଇନ ଅନୁଯାୟୀ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ସ୍ୱା./– ଦୟା ସାଗର ଦୁରିଆ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଝାରସୁଗୁଡା
OIPR-06034/11/0002/2526

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-14/2025-26**
**Letter No.5840/KGM/Date.11.08.2025**
**No.C-861** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.
1. Nature of work : **Civil Work**
2. No. of Work : **1 No.**
3. Value of works : **Rs.11,90,000/-**
4. Date & Time of availability of Bid document in the portal : From **12.08.2025** at 11.00 A.M. up to **21.08.2025** at 5.30 P.M.
5. Date of Opening of bid in portal : **26.08.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality
Further details can be seen from Website : www.tendersorissa.gov.in
Sd./- Executive Officer, Keonjhargarh Municipality
OIPR-13115/11/0047/2526

**OFFICE OF THE GENERAL MANAGER, WATCO DIVISION, BERHAMPUR** — No.C-859
e-mail : gmwatcobam@gmail.com / Ph. No. 06802233978
Government of Odisha "e" Procurement Notice
**NATIONAL COMPETITIVE BIDDING**
**Bid Identification No. WATCOBAM-03/2025-26 DTD. 11.08.2025**
1. Name of work : Supply of spares for WILO Mather and Platt V.T. Pump of Berhampur water supply system.
2. Estimated cost : 42.83 Lakh (Approx.)
3. Period completion : 1 (One) month
4. Date & Time of availability of bid document in the Portal : From 11.00 Hrs. of Dt.11.08.2025 to 17.30 Hrs. of Dt.25.08.2025
5. Last date / Time for Bidding in the Portal : 17.30 Hrs. of Dt.25.08.2025
6. Date of opening of Tender : On Dt.26.08.2025 at 11.00 Hrs.
7. Name and address of the Officer inviting tender : General Manager, WATCO Division, Berhampur
Further details can be seen from the e-procurement Portal : https://tendersodisha.gov.in.
Sd./- General Manager, WATCO Division, Berhampur
OIPR-13210/11/0003/2526

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ
**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**
Tele Fax No. - 06762226717, e-mail ld-dfo.dhenkanal@odisha.gov.in
Bid Identification No. DFO-DKL-03/2025-26/Date:11.08.2025
**NOTICE INVITING TENDER**
**No.MM-157** : The Divisional Forest Officer, Dhenkanal Forest Division on behalf of Governor of Odisha invites Sealed Tender through offline, in **Double Cover System, in "OFF LINE"** mode for procurement of different articles required for various forestry management as enlisted in the Annexure-II from eligible Firms/ Vendors/ Suppliers registered with the State Governments, Central Government/ M.E.S./ Railways or other Licensing Authorities for supply of the articles enlisted on production of definite proof from the appropriate authority. The tender paper with details of terms and conditions can be available in the website https://dhenkanal.odisha.gov.in and office of the Divisional Forest Officer, Dhenkanal Division, Dhenkanal in any working day from **12.08.2025 to 21.08.2025 within official hour (10 AM to 5.30 PM)** after payment of requisite fee of Rs.2,000/- (Two Thousand) only in cash or Account payee Bank Draft in **favour of Divisional Forest Officer, Dhenkanal Division** with all requisite documents. The bid along with relevant documents should reach in the O/o the Divisional Forest Officer, Dhenkanal Forest Division, AT/ PO/PS/ Dist. - Dhenkanal - 759001 on or before 15.10.2024 up to 5.30 PM through Registered / Speed Post / Courier Service or by hand only. The tender will be opened in the office of the undersigned on **22.08.2025 at 11.00 AM hrs.**
Sd./- Divisional Forest Officer, Dhenkanal Division
OIPR-08037/11/0021/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
**e-Procurement Notice - Bid Identification No. - CEM/MDS-03/2025-26**
**No.A-494**
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDS - 03/2025-26
5. Estimated Cost : Rs.39,17,926.00
6. Period of Completion : 03 (Three) calendar months
7. Date & time of availability of bid documents in the Portal : From dt. 16.08.2025 (10.00 A.M.) to dt. 30.08.2025 (5.30 P.M.)
8. Last date / time for receipt of bid in the portal : Dt. 30.08.2025 (up to 5.30 P.M.)
9. Date and Place of opening of Technical Bid : Dt.01.09.2025 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar
Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Chief Engineer, Mechanical, O/o - Engineer-In-Chief, Secha Sadan, Bhubaneswar
OIPR-32520/11/0055/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources, Secha Sadan, Bhubaneswar**
Email Address : cemech.eicwr.od@gmail.com
**e-Procurement Notice - Bid Identification No. - CEM/MDC-15/2025-26**
**No.A-498**
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 15/2025-26
5. Estimated Cost : Rs.35,16,239.00
6. Period of Completion : 03 (Three) calendar months
7. Date & time of availability of bid documents in the Portal : From dt. 16.08.2025 (10.00 A.M.) to dt. 30.08.2025 (5.30 P.M.)
8. Last date / time for receipt of bid in the portal : Dt. 30.08.2025 (up to 5.30 P.M.)
9. Date and Place of opening of Technical Bid : Dt.01.09.2025 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar
Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Chief Engineer, Mechanical, O/o - Engineer-In-Chief, Secha Sadan, Bhubaneswar
OIPR-32520/11/0060/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





କଟକ କ୍ୟାଣ୍ଟନ୍‌ମେଣ୍ଟରୋଡ୍‌ରେ ବୁଧବାର ଜୟଆଲୁକ୍କାସ୍‌ର ଏକ୍ସକ୍ଲୁସିଭ ଶୋ'ରୁମ୍ ଆନୁଷ୍ଠାନିକଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ସୋଫିଆ ଫିର୍‌ଦୋସ୍, ମେୟର ସୁବାସ ଚନ୍ଦ୍ର ସିଂ, କର୍ପୋରେଟର ସତ୍ୟରାମ ସାହୁ, ଅଭିନେତ୍ରୀ ମାଳବିକା ଶର୍ମା, ପୁନମ ମିଶ୍ର, ଅନିଷା ଶର୍ମାଙ୍କ ସମେତ ଜୟଆଲୁକ୍କାସ୍‌ର ଇଡି ଥୋମାସ୍ ମାଥ୍ୟୁ,ସିଓଓ ହେନ୍‌ରୀ ଜର୍ଜ,ଡିଜିଏମ୍ (ରିଟେଲ) ରାଜେଶ କ୍ରିଷ୍ଣନ୍ ଏବଂ ଡିଜିଏମ୍ (ମାର୍କେଟିଂ) ଅନିଶ ଭର୍ଗିସ୍ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ କାରବାର

**ଭୁବନେଶ୍ୱର,୧୩।୮ (ଅଭୟ ଦାଶ)**

କ୍ରମାଗତ ଭାବେ ଭିଡିଓ ସର୍ଭେଲାନ୍ସ ମାର୍କେଟର ଚାହିଦା ବୃଦ୍ଧି ପାଉଛି। ଏପରିକି ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ କାରବାର ରହିବ ବୋଲି ଆଶା କରାଯାଉଛି। ବିଶେଷକରି ଏହା ଜନସାଧାରଣଙ୍କ ସୁରକ୍ଷା ଚିନ୍ତା ଓ ଇଣ୍ଟେଲିଜେଣ୍ଟ ସିଷ୍ଟମଗୁଡିକର ଗ୍ରହଣୀୟତାରେ ବୃଦ୍ଧି ଦ୍ୱାରା ତ୍ୱରାନ୍ୱିତ ହେଉଛି। ଅପରପକ୍ଷରେ ଡବ୍ଲ୍ୟୁଡି ପର୍ପଲ ଷ୍ଟୋରେଜ ସଲ୍ୟୁଶନଗୁଡିକ ଭାରତରେ ଏହି ବ୍ୟାପକତାକୁ ସକ୍ଷମ କରୁଛି, ଯାହା କେବଳ ଉଚ୍ଚ କ୍ଷମତାସମ୍ପନ୍ନ ନୁହେଁ ବରଂ ଟ୍ରାଫିକ୍, ହବ୍, ପବ୍ଲିକ ପାର୍କ କିମ୍ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭଳି ବିବିଧ ପରିବେଶରେ ମଧ୍ୟ ବ୍ୟବହାର କରିବା ପାଇଁ ଉପଯୁକ୍ତ ବୋଲି କୁହାଯାଉଛି। ସେହିଭଳି ୱେଷ୍ଟର୍ନ ଡିଜିଟାଲରୁ ଆସିଥିବା ଡବ୍ଲ୍ୟୁଡି ପର୍ପଲ ଓ ଡବ୍ଲ୍ୟୁଡି ପର୍ପଲ ପ୍ରୋ ଭାରତର ବିକଶିତ ସ୍ମାର୍ଟ ସିଟି ସର୍ଭେଲାନ୍ସ ଇକୋସିଷ୍ଟମର କେନ୍ଦ୍ରରେ ରହିଛି। ଏହା ସହରାଞ୍ଚଳ ଭିତ୍ତିଭୂମିରେ ୨୪/୭ ଭିଡିଓ ରେକର୍ଡିଂ, ବାସ୍ତବ ସମୟର ବିଶ୍ଳେଷଣ, ଦୀର୍ଘକାଳୀନ ଡାଟା ସଂରକ୍ଷଣକୁ ସକ୍ଷମ କରୁଛି। ୨୦୧୫ରେ ସ୍ମାର୍ଟସିଟି ମିଶନର ଶୁଭାରମ୍ଭ ସହିତ ଭାରତରେ ସହରଗୁଡିକର ପରିଚାଳନା ଏବଂ ନାଗରିକଙ୍କୁ ସେବା ପ୍ରଦାନ କରିବାର ଶୈଳୀକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ସୁଦ୍ଧା ୧.୪୭ ଲକ୍ଷ କୋଟି ଟଙ୍କାର ନିବେଶ ସହ ମୋଟ ୮୦୭୫ ପ୍ରକଳ୍ପ ମଧ୍ୟରୁ ୭୩୮୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକଳ୍ପଗୁଡିକରେ ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ, ଏଆଇ-ସକ୍ଷମ ଅପରାଧ ତଦାରଖ ଏବଂ ସମନ୍ୱିତ ପରିବହନ ବ୍ୟବସ୍ଥା ସାମିଲ ରହିଛି। ଏସବୁ କିଛି ଏକ ମୌଳିକସ୍ତରର କାର୍ଯ୍ୟ ଭାବେ ଭିଡିଓ ନିରୀକ୍ଷଣ ଉପରେ ନିର୍ଭର କରୁଛି। ଷ୍ଟାଣ୍ଡାର୍ଡ କଞ୍ଜ୍ୟୁମର କିମ୍ବା ଏଣ୍ଟରପ୍ରାଇଜ ଡ୍ରାଇଭଗୁଡିକ ବିପରୀତରେ ଡବ୍ଲ୍ୟୁଡି ପର୍ପଲର ଡ୍ରାଇଭଗୁଡିକୁ ନିରନ୍ତର ଭିଡିଓ କ୍ୟାପ୍ଚରର ଚାହିଦା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୧୩।୮:** ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୦୪ (୩୦୪.୩୨) ପଏଣ୍ଟ ବୃଦ୍ଧି ଘଟି ୮୦,୫୪୦ (୮୦,୫୩୯.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୩୨ (୧୩୧.୯୫) ପଏଣ୍ଟ ବଢି ୨୪,୬୧୯ (୨୪,୬୧୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


## ୭୯ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ରାମଚନ୍ଦ୍ର ଦାସ**
ଶ୍ରୀରାମନଗର ଓଲ୍ଡଟାଉନ୍, ଭୁବନେଶ୍ୱର
ଆଜି ତୁମର ଜନ୍ମଦିନରେ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ଲିଙ୍ଗରାଜ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଚଲାପଥ କୁସୁମିତ କରନ୍ତୁ।
ଧ-1642


# ମହିଳାଙ୍କୁ ସୁରକ୍ଷା ଦେବ ଅଜନ୍ତା ସ୍ମାର୍ଟ ସୁଜ୍




**ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)**

ମହିଳାଙ୍କ ସୁରକ୍ଷାରେ ଅଜନ୍ତା ସ୍ମାର୍ଟ ସୁଜ୍ ସହାୟକ ହେବ। ଭାରତୀୟ ଫୁଟ୍‌ୱେର ଶିଳ୍ପରେ ଅଗ୍ରଣୀ ପ୍ରତିଷ୍ଠାନ ଅଜନ୍ତା ସୁଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବୁଧବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ଡିଲର ମିଟ୍‌ରେ ଏହାର ଭାଇସ୍ ପ୍ରେସିଡେଣ୍ଟ(ସେଲ୍‌ସ ଆଣ୍ଡ୍ ମାର୍କେଟିଂ) ଧର୍ମବୀର ଜୈନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସ୍ମାର୍ଟ ଜୋତା ବ୍ୟକ୍ତିଙ୍କ ଫୋନ୍ ସହ କନେକ୍ଟେଡ୍ ରହିବ। ଉକ୍ତ ଜୋତା ପିନ୍ଧିଥିବା ବ୍ୟକ୍ତି କଲ୍ କରିପାରିବେ, ମୋବାଇଲର କ୍ୟାମେରାକୁ ନିୟନ୍ତ୍ରଣ କରିପାରିବେ। ଏହା ସହ ଦୈନିକ ଫୁଟ୍ ଷ୍ଟେପ୍ ଗଣନାରେ ମଧ୍ୟ ଏହା ସହାୟକ ହେବ। କୌଣସି ଜରୁରିକାଳୀନ ପରିସ୍ଥିତିରେ ମହିଳାମାନେ ନିଜର ଲୋକେଶନ ପରିବାର କିମ୍ବା ବନ୍ଧୁଙ୍କୁ ଏହି ଜୋତା ମାଧ୍ୟମରେ ଶେୟାର କରିପାରିବେ। ଏପରିକି ଆପଣଙ୍କ ଫୋନ୍ କେଉଁଠି ହଜିଯାଇଥିଲେ ତାହାକୁ ଠାବ ମଧ୍ୟ କରାଯାଇପାରିବ। ଏହି ଜୋତା ପାଦକୁ ମସାଜ ମଧ୍ୟ କରିପାରିବ। ଭାରତରେ ପ୍ରଥମଥର ପାଇଁ ଏପରି ସ୍ମାର୍ଟ ସୁଜ୍ ଉପଲବ୍ଧ ହେବାକୁ ଯାଉଥିବାବେଳେ ଏହାର ଦାମ ୯୯୯୯ଟଙ୍କା ରହିଛି। ତେବେ ଏହି ଜୋତା କେବଳ ମହିଳା ନୁହେଁ ବରଂ ପୁରୁଷଙ୍କ ପାଇଁ ମଧ୍ୟ ଉପଲବ୍ଧ ହେଉଛି। ଜୋତାକୁ ୨ ଘଣ୍ଟା ଚାର୍ଜ କଲେ ପ୍ରାୟ ୪୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରିହେବ। ଆୟୋଜିତ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟ ଡିଲରମାନେ ଏକତ୍ରିତ ହୋଇ କମ୍ପାନୀର ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି ରଣନୀତିକୁ ଆଗେଇନେବା ପାଇଁ ଆଲୋଚନା କରିଛନ୍ତି। ଏହାସହ ୩୫୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ଜୋତା ଓ ଚପଲ ପ୍ରଦର୍ଶିତ

### ଡିଲର୍ସ ମିଟ୍‌ରେ ୩୫୦ ଜୋତା ପ୍ରଦର୍ଶିତ

ହୋଇଛି। କମ୍ପାନୀ ୨୦୨୬ରେ ୭୦ତମ ବାର୍ଷିକୀ ପାଳନ କରିବାକୁ ଯାଉଛି ଏବଂ ଏହା ସହ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ୨୦୨୮ ସୁଦ୍ଧା ୧,୦୦୦ କୋଟି ଟଙ୍କା ଆୟ ହାସଲ କରିବା ଲକ୍ଷ୍ୟ ରଖିଛି। ୩୫% ବାର୍ଷିକ ବୃଦ୍ଧି ହାର (ସିଏଜିଆର୍) ସହ ଜାତୀୟ ସ୍ତରରେ ଶୀର୍ଷ ଫୁଟ୍ ବ୍ରାଣ୍ଡ ଭାବେ ନିଜକୁ ସ୍ଥାପନ କରିବାକୁ ଚାହୁଁଛି। ଓଡ଼ିଶାର ହାୱାଇ ଚପଲ ବଜାରରେ ୪୦% ଅଂଶୀଦାର ହାସଲ କରିଥିବା ଅଜନ୍ତା ସୁଜ୍ ପଶ୍ଚିମବଙ୍ଗ, ଓଡ଼ିଶାରେ ନିଜର ଉପସ୍ଥିତିକୁ ଦୃଢ଼ କରୁଛି ଏବଂ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଦକ୍ଷିଣାଞ୍ଚଳରେ ଉଚ୍ଚ ସମ୍ଭାବନା ଥିବା ବଜାରକୁ ଟାର୍ଗେଟ କରୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର(ସେଲ୍‌ସ) ପାର୍ଥ ଦାସଗୁପ୍ତା, ଜୋନାଲ ସେଲ୍‌ସ ମ୍ୟାନେଜର ନିକୁଞ୍ଜ ମହାରାଜ, ରିଜିଓନାଲ ସେଲ୍‌ସ ମ୍ୟାନେଜର ଅମରେଶ ତ୍ରିପାଠୀ, ସେଲ୍‌ସ ମ୍ୟାନେଜର ସିଦ୍ଧାର୍ଥ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲ ପରିବହନରେ ପୂର୍ବତଟ ରେଳପଥ ପ୍ରଥମ



**ଭୁବନେଶ୍ୱର,୧୩।୮ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ (ଏମ୍‌ଟି) ମାଲ ପରିବହନ ରେକର୍ଡ ହାସଲ କରିଛି। ଗତ ବର୍ଷ ତୁଳନାରେ ଏହା ୧୦.୭% ବୃଦ୍ଧିକୁ ଦର୍ଶାଉଛି। ସମାନ ପରିମାଣର ମାଲ ପରିବହନ ପାଇଁ ଗତବର୍ଷ ପୂର୍ବତଟ ରେଳପଥକୁ ୧୪୮ ଦିନ ଲାଗିଥିଲା। ପୂର୍ବତଟ ରେଳପଥ ଅଗଷ୍ଟ ୧୨ ସୁଦ୍ଧା ଏହି ସଫଳତା ହାସଲ କରିଛି, ଯାହା ଗତ ବର୍ଷର ସଫଳତା ତୁଳନାରେ ୧୪ ଦିନ ଆଗୁଆ ଭାବରେ ହାସଲ କରିଛି। ମାଲ ପରିବହନରେ ପୂର୍ବତଟ ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଏବଂ ସିମେଣ୍ଟ ସାମଗ୍ରୀ ପ୍ରମୁଖ ରହିଛି। ଚଳିତ ବର୍ଷ ୫୭.୭୩୪ ଏମ୍‌ଟି କୋଇଲା ଲୋଡ୍ କରିଥିବାବେଳେ ଗତ ବର୍ଷର ସମାନ ସମୟରେ ୫୫.୧୭ ଏମ୍‌ଟି ତୁଳନାରେ ୪.୬% ଅଧିକ । ସେହିପରି ଏହା ୨୫.୯୮୪ ଏମ୍‌ଟି

### ୧୩୪ ଦିନରେ ୧୦୦ ଏମ୍‌ଟି

ଲୁହାପଥର ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ସମୟରେ ୨୧.୭୫୮ ନିୟୁତ ଟନ ଥିଲା ଏହା ୧୯.୪% ବୃଦ୍ଧିକୁ ପ୍ରତିଫଳିତ କରୁଛି । ଏହାସହ ୦.୪୦୯ ଏମ୍‌ଟି ସିମେଣ୍ଟ ଲୋଡ୍ ହୋଇଛି ଯାହା ଗତ ବର୍ଷ ସମାନ ସମୟରେ ୦.୩୦୮ ନିୟୁତ ଟନ୍ ତୁଳନାରେ ୩୨.୮% ବୃଦ୍ଧି। ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟଶସ୍ୟ ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ ଥିଲା ଯାହା ୧୮.୩% ବୃଦ୍ଧି ଅଟେ ଏବଂ ଗତ ବର୍ଷର ୨.୦୫୩ ନିୟୁତ ଟନ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ ସାର ଲୋଡ୍ କରିଛି ଯାହା ୩୯.୨% ବୃଦ୍ଧିକୁ ଦର୍ଶାଉଛି। ଏହି ସଫଳତା ସହ ପୂର୍ବ ତଟ ରେଳପଥ ଭାରତର ୧୭ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି।


# Classified Everyday
0674-2580101, 9692975378



**REAL ESTATE**
**SALE**

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର AIIMS Medical ପାଖରେ B.D.A Town Planning, Road 30ft., Electricity, Yellowzone ଘରବାଡ଼ି ପାଚେରୀ ସହ ପ୍ଲଟ ମିଳୁଅଛି। (No broker). 9437537549, 7735595306. D-1635

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**EDUCATION**

Home tution available for Class 1-7, GGP Colony, Rasulgarha. Contact- 9861584808. D-1643

**LOST**

I, Saroj Sahu, S/o. Late Sitanath Sahu, R/o. Village- Golaknagar, P.O.- Godbhaga, P.S.- Burla, Dist.- Sambalpur (Odisha), declare that my father was the recorded owner of Chaka Khata No. 1215/17 of mouza-Kalamati and he had been issued with a ROR Patta. That, I have lost the above mentioned original ROR patta somewhere while I was travelling from Godbhaga to Sambalpur on dt. 08.08.2025. I could not find it out inspite of my best effort. D-1641

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1132 date 12.08.25, I Abhimanyu Dhala, R/o. Village- Lundaberuni, P.O.- Balasinga, P.S./ Dist.- Boudh, Odisha, Pin- 762014 declare that I have changed my name from Abhimayu Dhal to Abhimanyu Dhala. Henceforth I shall be known as Abhimanyu Dhala for all purposes.
Abhimanyu Dhala D-1639

By virtue of an affidavit sworn before the Executive Magistrate, Jharsuguda on dtd. 03/03/2025, I Arun Sa, S/o - Giridhari Sa, R/o. Village/P.O.- M. Katapali, P.S.- Rengali, Dist.- Jharsuguda ( Odisha) declared that, My son's name is PRASANTA SA but wrongly mentioned as PEASANTA SA in his Aadhaar card. Both the name relates to one and same person i. e. my son only.
Sd/- Arun Sa D-1638

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of affidavit sworn before the Executive Magistrate, Jharsuguda on dtd. 27/01/2025, I KISHORI BISI, W/o.- Niku Bishi & D/o- Pandaba Bishi, R/o. Village/P.O. - Rajpur, P.S.- Brajrajnagar, Dist.- Jharsuguda (Odisha) declared that, Kishori Bishi, Kishori Dei & Kishori Kandara is the name of one and same person i.e the name of myself only.
Sd/- Kishori Bishi D-1637

By virtue of an affidavit sworn before Notary Public, Nuabhandri, dated - 12.08.2025 I, Suryakanta Majhi, Address- At- Nuabhandri, P.O.- Bandapipili, Block- Kotagarh, P.S.- Kotagarh, Dist.- Kandhamal, State- Odisha, declare that I have changed my name from Surya Majhi to Suryakanta Majhi. Henceforth I shall be known as Suryakanta Majhi for all purposes.
Suryakanta Majhi D-1644

I, Sangram Kishore Rout, S/o- Kulamani Rout, At- Panamurga, P.O.- Ghatipiri, P.S.- Sadar, Dist.- Dhenkanal-759015, Odisha, have changed my minor son name from Saubhagya Jena to Saubhagya Rout dated- 01.08.2025 before Executive Magistrate, Dhenkanal. D-1640

# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**୰ପ୍ରମୋଦ କୁମାର ସାହୁ**
(ଆଡଭୋକେଟ କ୍ଲର୍କ)
କୁଣ୍ଡେଇ ବେଣ୍ଟ ସାହି, ଲବଣିଖିଆ ଛକ, ପୁରୀ
ଆବିର୍ଭାବ: ୦୫।୦୨।୧୯୬୫
ତିରୋଧାନ: ୨୪।୦୮।୨୦୨୪
ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସଙ୍ଗେ ସଙ୍ଗେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପତ୍ନୀ, ବିନୋଦିନୀ ସାହୁ, କନ୍ୟା ପ୍ରିୟଦର୍ଶିନୀ, ଶୁଭଦର୍ଶିନୀ, ଜାମାତା- ଦିଲ୍ଲୀପ, ନାତି- ପ୍ରାଂଶୁ, ପୁତୁରା- ପୁତୁରା ବୋହୂ, ଝିଆରୀ- ଝିଆରୀଜ୍ୱାଇଁ, ନାତି ନାତୁଣୀ, ପରିବାର ଓ ବନ୍ଧୁବର୍ଗ।
ଧ-୧୬୩୬

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଶଶୀକାନ୍ତ ଦାସ**
କନିକାପଡା, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୮।୧୯୬୭
ତିରୋଧାନ: ୧୪।୦୮।୨୦୨୪
ଚାହୁଁ ଚାହୁଁ ବର୍ଷଟେ ବିତିଗଲା...କାହାକୁ କହିବି ଏ ଦର୍ଦ୍ଦଭରା ବୁକୁର ବେଦନା...କେମିତି ଭୁଲିବି ତୁମକୁ ? ତୁମେ ଗଲା ପରେ ନିଃସଙ୍ଗତା ସହ ବନ୍ଧୁତା ଦେଇଛି ଯୋଡି, ଭାଙ୍ଗି ତ ଯାଇଛି ପକ୍ଷ ଦୁଇ ମୋର ଟିକେ ଉଠେ, ଟିକେ ପଡ଼ି, ଜୀବନ ବିତୁଛି ସଂଘର୍ଷରେ ମୋର ହିସାବ କରୁଛି ବସି କେତେ ଯେ ହାରିଛି କେତେ ଯେ ଜିତିଛି, କେତେ ବା ପାଉଛି ଖୁସି ?
ଚିରଦୁଃଖିନୀ ଓ ହତଭାଗିନୀ ପତ୍ନୀ, ସ୍ୱପ୍ନାରାଣୀ ଦାସ(ମିନୁ)
ଧ-୧୬୪୫


# ଏନ୍‌ଆଇସିରେ ହସ୍ତତନ୍ତ ପ୍ରଦର୍ଶନୀ



**ଭୁବନେଶ୍ୱର,୧୩।୮**

ଫେଶନ୍ ସମ୍ବଲପୁରୀରେ ଜାତୀୟ ହସ୍ତତନ୍ତ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫେଶନ୍ ସମ୍ବଲପୁରୀ ପକ୍ଷରୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଅଡ଼ିଟୋରିଅମ୍ ଭୁବନେଶ୍ୱରରେ ହସ୍ତତନ୍ତ ପ୍ରଦର୍ଶନୀ ସହ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅସରରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଫେଶନ୍ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସଡର ତଥା ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଫେଶନ୍ ସମ୍ବଲପୁରୀର ପ୍ରତିଷ୍ଠାତା ପୁରୁଷୋତ୍ତମ ସାହୁଙ୍କ ସମେତ ଏନ୍‌ଆଇସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ଦ୍ୱାରା କଣ ସବୁ ଉପକାରିତା ମିଳିଥାଏ, ସେଇ ସବୁ କଥା ଏହି ଆଲୋଚନାର ବିଷୟବସ୍ତୁ ଥିଲା। ଜଣେ ବୁଣାକାର ସୁତା କାଟି, ପ୍ରାକୃତିକ ରଙ୍ଗ ବ୍ୟବହାର କରି, ଅରଟରେ ଅନେକ ଶ୍ରମ ଦେଇ ଲୁଗା ଟିଏ ବୁଣିଥାଏ, ଯାହା ଫଳରେ ସମ୍ବଲପୁରୀ ବସ୍ତ୍ର ଆଜି ବିଶ୍ୱ ବିଖ୍ୟାତ ହୋଇପାରିଛି। ଜଣେ ସରକାରୀ ଅବା ବେସରକାରୀ କର୍ମଚାରୀ, ଆମ ରାଜ୍ୟରେ ପ୍ରସ୍ତୁତ ହେଉଥିବା ବସ୍ତ୍ରଟିଏ ପରିଧାନ କଲେ ତାହା ପ୍ରଚାର ଓ ପ୍ରସାର ହେବା ସହିତ ଜଣେ ଶିଳ୍ପୀ ବା ବୁଣାକାରଙ୍କ ପ୍ରତି ପ୍ରୋତ୍ସାହନ ଯୋଗାଇପାରିବ। ଫେଶନ୍ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସଡର ସାଜିଥିବା ଅଶ୍ରୁମୋଚନ ମହାନ୍ତି ମଧ୍ୟ ହସ୍ତତନ୍ତ ପ୍ରତି କେତେ ଆକୃଷ୍ଟ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ। ସେ ଗୋଟିଏ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିଥିବାରୁ ଖଦୀ ପ୍ରତି ପିଲାଟି ଦିନରୁ ଆଗ୍ରହ ଥିବା କଥା କହିଥିଲେ ଏବଂ ପ୍ରାୟ ୨ହଜାରରୁ ଅଧିକ ଗାଁ ବୁଲି ବୁଲି ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବା ପାଇଁ ସେ ଚେଷ୍ଟା କରିଛନ୍ତି। ଫେଶନ୍ ସମ୍ବଲପୁରୀ ପ୍ରତ୍ୟେକ ଆବାସିକ କଲୋନୀକୁ ଯାଇ ଲୋକଙ୍କ ଦ୍ୱାର ଦେଶରେ ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବାର ପ୍ରଚେଷ୍ଟା ଜାରି ରଖିଥିବାବେଳେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଡିଟୋରିମ୍‌ରେ ଏକ ହସ୍ତତନ୍ତ ପ୍ରଦର୍ଶନୀ କରିଥିଲେ। ଏହି ପ୍ରଦର୍ଶନୀଦ୍ୱାରା କର୍ମଚାରୀମାନେ ବେଶ ଆନନ୍ଦିତ ହେବା ସହିତ ଉପକୃତ ମଧ୍ୟ ହୋଇଥିଲେ।

# ପ୍ରଥମ ତ୍ରୈମାସରେ ୭୭୭.୪ କୋଟିର ରାଜସ୍ୱ

**ଭୁବନେଶ୍ୱର,୧୩।୮**

ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ(ଏପିବି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ଏବଂ ଆଗାମୀ କାର୍ଯ୍ୟପନ୍ଥାଗୁଡିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଏହି ତ୍ରୈମାସିକରେ ବ୍ୟାଙ୍କର ବାର୍ଷିକ ରାଜସ୍ୱ ୩୦୦୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଏହାକୁ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବ୍ୟାଙ୍କରେ ପରିଣତ କରିଛି। ସେହିଭଳି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ବାର୍ଷିକ ୨୭.୫% ବୃଦ୍ଧି ସହ ୭୭୭.୪ କୋଟି ଟଙ୍କାର ରାଜସ୍ୱ ହାସଲ କରିଥିବାବେଳେ ଏହାର ନେଟ ପ୍ରଫିଟ/ଶୁଦ୍ଧ ଲାଭ ୪୪.୪% ବୃଦ୍ଧି ହୋଇ ୧୦.୪ କୋଟି ଟଙ୍କା ଏବଂ ଏବିଟଡା ୮୧.୮ କୋଟି ଟଙ୍କା ରହିଛି, ଯାହା ଦୃଢ ପରିଚାଳନାଗତ ପ୍ରଦର୍ଶନ ଓ ଦ୍ରୁତ ଗ୍ରାହକ ଗ୍ରହଣୀୟତା ଦ୍ୱାରା ପରିଚାଳିତ ଏକ ବାର୍ଷିକ ୩୦% ବୃଦ୍ଧିକୁ ପ୍ରତିଫଳନ କରୁଛି। ଏହି ଅବଧିରେ ଗ୍ରାହକଙ୍କ ଜମା ପରିମାଣ ବାର୍ଷିକ ଆଧାରରେ ୨୭.୨% ବୃଦ୍ଧି ହୋଇ ୩୭୪୩ କୋଟି ଟଙ୍କା ଏବଂ ବ୍ୟାଙ୍କର ଆନୁଆଲାଇଜ୍‌ଡ ଗ୍ରସ ମର୍ଚ୍ଚାଣ୍ଡାଇଜ୍ ଭାଲ୍ୟୁ (ଜିଏମଭି) ୪୨୬୦ ବିଲିୟନ ଟଙ୍କା ରହିଛି।

# ଟାଇଗରଙ୍କ ଗୁରୁ ଦକ୍ଷିଣା



ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିରହିଛନ୍ତି। କେବେ ସେହି ଶୁଭ ଦିନ ଆସିବ। ଅବଶ୍ୟ ତାହା ଯେତିକି ପାଖେଇ ଆସୁଛି, ତାଙ୍କର ଉତ୍କଣ୍ଠା ସେହି ଅନୁସାରେ ବଢ଼ି ବଢ଼ି ଚାଲିଛି। କଥା କ'ଣ କି ସେ ଖୁବ୍ ଶୀଘ୍ର ଗୁରୁ ଦକ୍ଷିଣା ଦେବାକୁ ଯାଉଛନ୍ତି। ହେଲେ କିଏ ତାଙ୍କର ଗୁରୁ ଆଉ ଦକ୍ଷିଣାଟି କ'ଣ ? ଅସଲ କଥା ହେଲା ସେ ଅଭିନୟ କରିଥିବା 'ବାଗୀ ୪' ଆସନ୍ତା ମାସ ୫ ତାରିଖ ଅର୍ଥାତ୍, ଗୁରୁ ଦିବସରେ ହିଁ ରିଲିଜ ହେବାକୁ ଯାଉଛି। ଆଉ ଏହି ପବିତ୍ର ଦିବସରେ ସେ ନିଜ ଗୁରୁଙ୍କୁ ଏହାକୁ ଦକ୍ଷିଣା ସ୍ୱରୂପ ଦେବେ। ହେଲେ ତାଙ୍କର ଗୁରୁ କିଏ ଜାଣିବେନି ? ସେ ଆଉ କେହି ନୁହନ୍ତି ତାଙ୍କର ପାପା ତଥା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫ। ଏ ବିଷୟରେ ଟାଇଗର କହନ୍ତି, 'ମୋ ପାପା ହିଁ ହେଉଛନ୍ତି ମୋର ପ୍ରକୃତ ଗୁରୁ। ତାଙ୍କ ନିକଟରୁ ମୁଁ ଅଭିନୟ ଶିଖିଛି। ତେଣୁ ଏଥର ଗୁରୁ ଦିବସରେ 'ବାଗୀ ୪' ଫିଲ୍ମଟି ହେଉଛି ତାଙ୍କ ପାଇଁ ଗୁରୁ ଦକ୍ଷିଣା।'' ସାଜିଦ ନାଦିଆଡୱାଲାଙ୍କ ଦ୍ୱାରା ପ୍ରଯୋଜିତ ଏହି ଆକ୍ସନଭିତ୍ତିକ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏ. ହର୍ଷ। ଏଥିରେ ଟାଇଗରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ ଏବଂ ସୋନମ ବାଜୱା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।

ଟାଇଗର

# ଭୁଲି ପାରିବେନି ସାଇ

ଦକ୍ଷିଣ ଭାରତୀୟ ସିନେମାରେ ସାଇ ପଲ୍ଲବୀ ଜଣେ ପରିଚିତା ଅଭିନେତ୍ରୀ। ଡାକ୍ତରୀ ପାଠ ପଢ଼ିଥିଲେ ମଧ୍ୟ ଅଭିନୟ ପ୍ରତି ତାଙ୍କ ରୁଚି ପିଲାଟି ଦିନରୁ ଥିଲା। ଇତିମଧ୍ୟରେ ସେ ଅନେକ ତେଲୁଗୁ, ତାମିଲ ଏବଂ ମାଲୟାଲମ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ହେଲେ ନିଜ ଅଭିନୟ ଜୀବନର ସବୁଠାରୁ ସ୍ମରଣୀୟ ଘଟଣା ବିଷୟରେ ସେ ନିକଟରେ ସୂଚନା ଦେଇଥିଲେ। ତାହା କ'ଣ ଜାଣନ୍ତି ? ନିର୍ମାଣାଧୀନ ପୌରାଣିକ ହିନ୍ଦୀ ସିନେମା 'ରାମାୟଣ'ରେ ଅଭିନୟ କରିବା। ଏହି ବିଗ୍ ବଜେଟ୍ ଫିଲ୍ମରେ ସେ ସୀତା ଭୂମିକାରେ ଦେଖିବାକୁ ମିଳିବେ। ଏ ବିଷୟରେ ସାଇ କହନ୍ତି, ''ରାମାୟଣ ପରି ବିଷୟବସ୍ତୁ ଆଉ ସୀତା ଚରିତ୍ର- ଏଭଳି ସୁଯୋଗ ଭାଗ୍ୟରେ ଥିଲେ ମିଳେ। କେବଳ ସେତିକି ନୁହେଁ, ସେହି ଚରିତ୍ରକୁ କିପରି ମୁଁ ଶତ ପ୍ରତିଶତ ଜଷ୍ଟିସ ଦେଇପାରିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ନେଇଥିଲି। ଏହାର ଶୁଟିଂ ସମୟରେ ଯେତେବେଳେ ମୁଁ ସୀତା ଗେଟଅପ ନେଇ ସାରିଲି ମୋ ଆଖିରେ ଲୁହ ଆସି ଯାଇଥିଲା। ଏହି ଭୂମିକାଟି ମୋର ସାରା ଜୀବନ ସ୍ମରଣୀୟ ହୋଇ ରହିବ।'' ରଣବୀର କପୁର (ରାମ), ୟଶ (ରାବଣ), ସନ୍ନି ଦେଓଲ (ହନୁମାନ) ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି।



ସାଇ

## କେବଳ ଅପେକ୍ଷା...

ନୂଆ ଓଡ଼ିଆ ସିନେମା 'ଦର୍ପଣ' ଏବେ ରିଲିଜ ଅପେକ୍ଷାରେ ରହିଛି। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସପେନ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରଣ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା। ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ଭାରତ।

**ପରଦା ପଛରେ..**

# ଭଲ ସିନେମାକୁ ସବୁବେଳେ ଗୁରୁତ୍ୱ ଦେଉ

### ଦର୍ଶକାଦୃତ ନିର୍ଦ୍ଦେଶକ ଯୋଡି ଦେବୀ ପ୍ରସାଦ ଲେଙ୍କା ଏବଂ ବିଶାଲ ମୌର୍ଯ୍ୟ ଓଡ଼ିଆ ସିନେମା ସମ୍ପର୍କରେ ଯାହା କହନ୍ତି....



ଦେବୀ ପ୍ରସାଦ    ବିଶାଲ

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ 'ଦମନ' (୨୦୨୨)ର ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ଏହି ସିନେମାଟି ସେମାନଙ୍କୁ ଯେତିକି ପରିଚୟ ଦେଇଛି ତାହାକୁ ଆଧାର କରି ସେମାନେ ଏବେ ଆଉ କେତୋଟି ଚିତ୍ର ନିର୍ମାଣ କରୁଛନ୍ତି। ତେବେ ନିକଟରେ ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ଏହି ଯୋଡ଼ିକୁ ପୁରସ୍କୃତ କରାଯାଇଥିଲା। ଏଭଳି ଏକ ସମୟରେ ଦୁହେଁ ଓଡ଼ିଆ ସିନେମାକୁ ନେଇ ନିଜର ଅନୁଭୂତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ''ଯେତେବେଳେ ଆମେ 'ଦମନ' ନିର୍ମାଣ କଲୁ ସେତେବେଳେ ଏହାକୁ କିପରି ଏକ ଭଲ ସିନେମା କରାଯାଇ ପାରିବ ସେ ନେଇ ଦିନ ରାତି ଏକାଠି କରିଦେଇଥିଲୁ। ଆଉ ଏଥିରେ ବାବୁସାନ ଏବଂ ଅନ୍ୟ କଳାକାରଙ୍କ ନିଖୁଣ ଅଭିନୟ ସିନେମାଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଥିଲା। ପୁରସ୍କାର ଆମ ପାଇଁ ପ୍ରେରଣା। ଦର୍ଶକ ଆମକୁ ଯେତିକି ଭଲ ପାଇବା ଦେଇଛନ୍ତି ତାହାକୁ ଆଧାର କରି ଆମେ ଆଗକୁ ଆଗଉଛୁ। ଆମ ନିର୍ଦ୍ଦେଶନାରେ 'ମୁରବୀ' ସିନେମାର ଶୁଟିଂ ଶେଷ ହୋଇଛି। ଖୁବ୍ ଶୀଘ୍ର ଆଉ ଏକ ନୂଆ ସିନେମା 'ଲ୍ୟାଣ୍ଡଫଲ୍' ନିର୍ମାଣ ହେବ। ବର୍ତ୍ତମାନ ଭଲ ଓଡ଼ିଆ ସିନେମାର ନିର୍ମାଣ ଧାରା ଫେରିଛି କହିଲେ ଆଦୌ ଭୁଲ ହେବ ନାହିଁ। ଗତ କିଛି ବର୍ଷ ଭିତରେ ବେଶ୍ କେତୋଟି ସିନେମାକୁ ଦର୍ଶକ ଗ୍ରହଣ କରିଛନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଆମ ସିନେମା ଏବେ ଲଗାତର ପୁରସ୍କାର ହାସଲ କରୁଛି। ଭଲ ସିନେମାଟିଏ ନିର୍ମାଣ କଲେ ଦର୍ଶକ ତାହାକୁ ନିଶ୍ଚୟ ଦେଖିବେ ବୋଲି କହନ୍ତି ବିଶାଲ।''

# କାହାକୁ ଡରନ୍ତି ଆଲିଆ



ଆଲିୟା ଭଟ୍ଟ ଗୋଟିଏ କଥାକୁ ଭାରି ଡରନ୍ତି। ତାହା ହେଲା କୁକୁର। ଏପଟେ ସେ ପଶୁ ସୁରକ୍ଷା ଅଭିଯାନରେ ନିଜକୁ ସାମିଲ କରିଛନ୍ତି। କେବଳ ସେତିକି ନୁହେଁ, ଘରେ ବିଲେଇ ପାଳିଛନ୍ତି। ହେଲେ କୁକୁରଙ୍କୁ ତାଙ୍କର ଭାରି ଭୟ। ଏ ବିଷୟରେ ସେ କହନ୍ତି, ''କୁକୁରକୁ କାହିଁକି ମୁଁ ଭୟ କରେ ତାହା ପଛରେ ଏକ କାରଣ ରହିଛି। ଏକଦା ସ୍କୁଲରେ ପଢ଼ିବା ବେଳେ ମୋତେ ଏକ କୁକୁର ଭୁକି ଭୁକି କିଛି ବାଟ ଗୋଡ଼ାଇଥିଲା। ଆଉ ସେହି ଦିନୁ କୁକୁର ପ୍ରତି ମୋ ମନରେ ଭୟ ରହିଆସିଛି। ଏବେ ମଧ୍ୟ କୁକୁରଟିଏ ଦେଖିଲେ ମୋ ମନରେ ଛନକା ପଶିଯାଏ।'' ଅଭିନୟ ବ୍ୟତୀତ ଆଲିୟାଙ୍କର ଏକ ଖେଳ ପ୍ରତି ରୁଚି ରହିଛି। ତାହା ହେଲା ହ୍ୟାଣ୍ଡବଲ୍। ଏକ ଖାସ୍ କଥା ଜାଣନ୍ତି ? ତାଙ୍କ ପିଲାଦିନର ଅନେକ ସ୍ମୃତିକୁ ସେ ଏପର୍ଯ୍ୟନ୍ତ ସାଇତି ରଖିଛନ୍ତି। ସେ ଯେତେବେଳେ ଅଭିନୟ ଆରମ୍ଭ କଲେ ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ମହେଶ ଭଟ୍ଟଙ୍କ ପ୍ରଯୋଜିତ ଏବଂ ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ 'ସଂଘର୍ଷ'ରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ସେ ଯେଉଁ ବିଲେଇ ପାଳିଛନ୍ତି ତାହାର ନାମ ହେଲା ଏଡୱାର୍ଡ। ଟିକେ ଟିକେ କଥାରେ ସେ ଇମୋଶନାଲ ହୋଇପଡ଼ନ୍ତି। ମିଛ କହିବାକୁ ସେ ଭାରି ଘୃଣା କରନ୍ତି। ବର୍ତ୍ତମାନ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ମାଣାଧୀନ ଫିଲ୍ମ 'ଲଭ୍ ଆଣ୍ଡ ୱାର'ରେ ସେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର।

# ସୂତା ଖିଅର ଡୋର...

ମଣିଷ ଯାହା ଭାବୁଥାଏ ତାହା ବେଳେବେଳେ ସତରେ ପରିଣତ ହୁଏ। ଏଥିଲାଗି କେତେବେଳେ ଅପେକ୍ଷା କରିବାକୁ ପଡ଼େ ତ ପୁଣି କେତେବେଳେ ତାହା ଶୀଘ୍ର ସତ ହୋଇଥାଏ। ଠିକ୍ ସେହିଭଳି ଏକ ମନଲାଖି କାହାଣୀକୁ ଆଧାର କରି ସିନେମାଟିଏ ନିର୍ମାଣ କରିବାକୁ ଯୋଜନା କରୁଥିଲେ ଅର୍ଦ୍ଧେନ୍ଦୁ ସାହୁ। ଆଉ ଏବେ ତାହା ସତରେ ପରିଣତ ହୋଇଛି। ଏହି ଚିତ୍ରଟିର ଟାଇଟଲ ରହିଛି 'ଚ୍ୟାଲେଞ୍ଜ'। ଏଥିରେ ଆକ୍ସନ, ଇମୋଶନ, ଫ୍ୟାମିଲ ଡ୍ରାମା ଏବଂ କମେଡ଼ି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏକ ରାଖୀ ଗୀତର ଦୃଶ୍ୟାୟନ କରାଯାଇଛି। ଏହି ଫିଲ୍ମରେ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ଅଭିନୟ କରିଛନ୍ତି ଲିପି ମହାପାତ୍ର। ଆଉ ସେହି ରାଖୀ ଗୀତଟି ହେଉଛି 'ସୂତା ଖିଅର ଡୋର, ଏ ସମ୍ପର୍କ ଆମର..'। ସ୍ମିତ ପଟ୍ଟନାୟକଙ୍କ ରଚିତ ଏହି ଗୀତଟିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। ଗୀତଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଉଭୟ ଅର୍ଦ୍ଧେନ୍ଦୁ ଏବଂ ଲିପି। ଚିତ୍ରଟିର ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶନାରେ ଏହାର ପ୍ରମୁଖ ଭୂମିକାରେ ବଲିଉଡ୍ ଅଭିନେତା ପୁନୀତ ଇସାର (ମହାଭାରତ ଧାରାବାହିକର ଦୁର୍ଯ୍ୟୋଧନ) ଏବଂ ପୁପିନ୍ଦରଙ୍କୁ ଦେଖିବାକୁ ମିଳିବ। ଆଦିକନ୍ଦ ସାହୁଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରଟି ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ସିନେମାଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।



'ଚ୍ୟାଲେଞ୍ଜ' ଫିଲ୍ମରେ ଅର୍ଦ୍ଧେନ୍ଦୁ-ଲିପି

**ଆଜି ପରଦାରେ**

# ୱାର-୨

ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା 'ୱାର ୨' ଆଜି ରିଲିଜ ହେବାକୁ ଯାଉଛି। କାହାଣୀ ଅନୁସାରେ କବୀର ଧଲିୱାଲ ଜଣେ ପୂର୍ବତନ ଇଣ୍ଟେଲିଜେଣ୍ଟ ଏଜେଣ୍ଟ। ସମୟକ୍ରମେ ସେ ଜଣେ ଡନ୍ ଭାବରେ ଦେଶ ସାମନାର ଉଭା ହେଉଛି। ତାହାର ପ୍ରକୋପ ଅଧିକ ହେବା ପରେ ଭାରତ ସରକାର ଏକ ସ୍ୱତନ୍ତ୍ର ୟୁନିଟ୍ ଗଠନ କରି ତାକୁ ଧରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଉ ତା'ପରେ ଆରମ୍ଭ ହୋଇଛି ଅସଲ ଖେଳ। କବୀରକୁ ଧରିବାରେ ବିକ୍ରମ କ'ଣ ସଫଳ ହେଉଛି ଏବଂ ଫିଲ୍ମର ଶେଷ କିପରି ହେଉଛି ତାହା ଚିତ୍ରଟିକୁ ଦେଖିଲେ ହିଁ ଜାଣିପାରିବେ। ଏଥିରେ କବୀର ଭୂମିକାରେ ହ୍ରିତିକ ରୋଶନ ଏବଂ ବିକ୍ରମ ଚରିତ୍ରରେ ଜୁନିୟର ଏନ୍‌ଟିଆର୍ ଅଭିନୟ କରିଛନ୍ତି। ଫିମେଲ ଲିଡ୍‌ରେ ଅଛନ୍ତି କିଆରା ଆଡଭାନୀ। ୟଶରାଜ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଏହାର ସିନେମାଟୋଗ୍ରାଫର ଅଛନ୍ତି ବେଞ୍ଜାମିନ୍ ଜାସପେର। ନିର୍ଦ୍ଦେଶନା ଦେଇଛନ୍ତି ଆର୍ଯ୍ୟନ ମୁଖାର୍ଜୀ। ୧୭୩ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟିର ବଜେଟ୍ ରହିଛି ୪୦୦କୋଟି। ତେବେ ଏହି ବିଗ୍ ବଜେଟ୍ ଫିଲ୍ମ ଦର୍ଶକଙ୍କୁ କେତେ ମନୋରଞ୍ଜନର ଖୋରାକ ଯୋଗାଉଛି ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିଯିବ।



'ୱାର-୨' ଫିଲ୍ମରେ (ବାମରୁ) ଜୁନିୟର ଏନ୍‌ଟିଆର୍-ହ୍ରିତିକ

# ବାର୍ତ୍ତା ଜଙ୍ଗଲ ସୁରକ୍ଷାର

ନବାଗତ ଶୁଭମ ସାଗର ନିର୍ମାଣାଧୀନ ଓଡ଼ିଆ ସିନେମା 'ଲାଡୋ-ମାଟିର ମଣିଷ' ଫିଲ୍ମର ନାୟକ ସାଜିବା ସହ ସେ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ନିଜର ପ୍ରଥମ ସିନେମା ବିଷୟରେ ଶୁଭମ୍ କହନ୍ତି, ''ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି।'' ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଆର୍ଲିନ ଅଙ୍କିତା, ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି।



'ଲାଡୋ' ଫିଲ୍ମରେ (ବାମରୁ) ଶୁଭମ-ସୁଶାନ୍ତ

# ଓଡ଼ିଶାରୁ ୨୩ ପ୍ରତିନିଧିତ୍ୱ କରିବେ

ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)

ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୬୪ତମ ସଂସ୍କରଣ ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୩ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଏର୍‌ପିସିର ଅନିମେଶ କୁଜୁର ୨୦୦ ମିଟର ଓ ୪x୧୦୦ ମିଟର ରିଲେରେ ଭାଗନେବେ। ସେହିପରି କଳାହାଣ୍ଡିର ଡି. ଜୟରାମ ୧୦୦, ୨୦୦ ମିଟର ଓ ୪x୧୦୦ ମିଟର ରିଲେ, ଲାଲୁ

**ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ**

ପ୍ରସାଦ ଭୋଇ ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଅମିୟ କୁମାର ମଲିକ ୧୦୦ ମିଟର ଓ ୪x୧୦୦ ମିଟର ରିଲେ, କଳାହାଣ୍ଡିର ସରଜୁ ପାୟାସିଂ ୧୦୦ ମିଟର, ଲଙ୍ଗଜମ୍ପ, ୪x୧୦୦ ମିଟର ରିଲେ, ବରଗଡ଼ର ପ୍ରତୀକ ମହାରଣା ୧୦୦ ମିଟର (ୱାଇଲ୍ଡ କାର୍ଡ), ୨୦୦ ମିଟର, ୪x୧୦୦ ମିଟର ରିଲେ, ସୋନପୁରର ଦୟାନିଧି ମୁଣ୍ଡା ୮୦୦, ୧୫୦୦ ମିଟର, ୪x୪୦୦ ମିଟର ରିଲେ,କିଟ୍‌ର ବିକ୍ରାନ୍ତ ମଲିକ ଜାଭେଲିନ୍ ଥ୍ରୋ, କଟକର ଆସ୍ତିକ ପ୍ରଧାନ ୪୦୦ ମିଟର, ୪x୪୦୦ ମିଟର ରିଲେ, ବରଗଡ଼ର ମଳୟ ବାରିକ ୪x୪୦୦ ମିଟର ରିଲେ, ଯାଜପୁରର ଭୀମା ସର୍ଦ୍ଦାର ୪x୪୦୦ ମିଟର ରିଲେ, ଭଦ୍ରକର ହରିଶଙ୍କର ପାଣିଗ୍ରାହୀ ୪x୪୦୦ ମିଟର ରିଲେ, ଅନୁଗୋଳର ସ୍ୱାଧୀନ କୁମାର ମାଝୀ ହାଇଜମ୍ପ, ସୁନ୍ଦରଗଡ଼ର ଅଭିନାଶ ସାହୁ ୧୦୦ ମିଟର (ୱାଇଲ୍ଡ କାର୍ଡ) ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେହିପରି ମହିଳା ଆଥଲେଟ୍‌ଙ୍କ ମଧ୍ୟରେ ଭୁବନେଶ୍ୱରର ଶ୍ରାବଣୀ ନନ୍ଦ ୧୦୦, ୨୦୦ ମିଟର, ୪x୧୦୦ ମିଟର ରିଲେ, ବନିତା ବେହେରା ୧୦୦ ମିଟର, ୪x୧୦୦ ମିଟର ରିଲେ, ବରଗଡ଼ର ମୌସୁମୀ ରାୟ ୧୦୦ ମିଟର, ୪x୧୦୦ ମିଟର ରିଲେ, ଓଡ଼ିଶା ପୋଲିସର ବୋନିତା ଲାକ୍ରା ୪x୧୦୦ ମିଟର ରିଲେ, ଭୁବନେଶ୍ୱରର ଲକ୍ଷ୍ମୀପ୍ରୀୟା କିସାନ ୪୦୦, ୮୦୦ ମିଟର, ସବିତା ଟପ୍ପୋ ୪x୧୦୦ ମିଟର ରିଲେ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ ହାମର ଥ୍ରୋ, କେନ୍ଦୁଝରର ମନୀଷା ମେରେଲ ଲଙ୍ଗଜମ୍ପ ଏବଂ ବାଲେଶ୍ୱରର ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ମିଟର ହର୍ଡଲ୍ସ, ୪x୧୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ।


ଶ୍ରାବଣୀ ନନ୍ଦ


ଅମିୟ ମଲିକ

# ହୋପ୍‌ଙ୍କ ଶତକ: ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ୍

ଟାରୌବା(ତ୍ରିନିଦାଦ),୧୩।୮

ଅଧିନାୟକ ଶାଇ ହୋପ୍‌ଙ୍କ ଅପରାଜିତ ଶତକ ଓ ଜେଡେନ ସିଲେସଙ୍କ ୬ ଉଇକେଟ ସଫଳତା ବଳରେ ୱେଷ୍ଟଇଣ୍ଡିଜ ୨୦୨ ରନ୍‌ର ବଡ଼ ବ୍ୟବଧାନରେ ପାକିସ୍ତାନ ବିପକ୍ଷ

**ସିଲେସଙ୍କୁ ୬ ଉଇକେଟ**

ତୃତୀୟ ଦିନିକିଆ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ଘରୋଇ ୱେଷ୍ଟଇଣ୍ଡିଜ ୨-୧ ବ୍ୟବଧାନରେ ଜିତିନେଇଛି। ଦୀର୍ଘ ୩୪ ବର୍ଷ ପରେ ୱେଷ୍ଟଇଣ୍ଡିଜ୍ ଦଳ ଲାଗି ଏହା ପାକିସ୍ତାନ ବିପକ୍ଷରେ ପ୍ରଥମ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୨୯୪ ରନ୍ କରିଥିଲା। ଅଧିନାୟକ ହୋପ୍ ଅପରାଜିତ ୧୨୦ ରନ୍‌ର କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ୧୮ତମ ଶତକ ଥିଲା। ଜବାବରେ ପାକିସ୍ତାନ ଭୟଙ୍କର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୯.୨ ଓଭରରେ ୯୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ କେବଳ ସଲମାନ ଆଘା (୩୦), ମହମ୍ମଦ ନୱାଜ (୨୩) ଓ ହାସନ ନୱାଜ(୧୩)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଏପରିକି ଦଳର ୫ ବ୍ୟାଟର ଖାତା ଖୋଲିପାରି ନ ଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସିଲେସ ୬ ଉଇକେଟ ସଫଳତା ହାସଲ କରିଥିଲେ।



ଶାଇ ହୋପ

# ଭାରତର ୨୦୩୦ ସିଡବ୍ଲ୍ୟୁଜି ବିଡ୍‌କୁ ଆଇଓଏର ମଞ୍ଜୁରୀ

ନୂଆଦିଲ୍ଲୀ,୧୩।୮(ପି.ଟି.)

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଆୟୋଜନ ଲାଗି ଦେଶର ବିଡ୍‌କୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ବୁଧବାର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍)ରେ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରିଛି। ୨୦୩୦ ସିଡବ୍ଲ୍ୟୁଜି ଲାଗି ଭାରତ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଦାଖଲ କରାଯାଇସାରିଛି ଏବଂ ଏଥିରେ ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ଦର୍ଶାଯାଇଛି। କିନ୍ତୁ ଚଳିତ ମାସ ୩୧ ତାରିଖ ସୁଦ୍ଧା ଭାରତକୁ ଚୂଡ଼ାନ୍ତ ବିଲ୍ ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ। ଆୟୋଜନ ଅଧିକାର ଲାଗି ଚାଲିଥିବା ରେସ୍‌ରୁ କାନାଡ଼ା ଓହରି ଯାଇଥିବାରୁ ଭାରତର ସମ୍ଭାବନା ଖୁବ୍ ବୃଦ୍ଧି ପାଇଛି।

ବୈଠକରେ ସର୍ବସମ୍ମତିକ୍ରମେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଆମେ ଏବେ ସମ୍ପୂର୍ଣ୍ଣ ଗତିରେ ପ୍ରସ୍ତୁତି ଦିଗରେ ଆଗେଇଯିବୁ। ୨୦୩୦ ସିଡବ୍ଲ୍ୟୁଜି ଏକ ସମ୍ପୂର୍ଣ୍ଣ କ୍ରୀଡ଼ା ମହାକୁମ୍ଭ ହେବ। ଶୁଟିଂ, ଆର୍ଚେରୀ, ରେସ୍‌ଲିଂ ଆଦି ଯେଉଁସବୁ ଖେଳରେ ଆମେ ଭଲ ପ୍ରଦର୍ଶନ କରୁ, ସେ ସମସ୍ତ ଇଭେଣ୍ଟକୁ ସାମିଲ କରାଯିବ ଏବଂ ଆମର ସର୍ବାଧିକ ପଦକ ଜିତିବାର ସମ୍ଭାବନା ରହିବ। ବୋଲି ଆଇଓଏ ଯୁଗ୍ମ ସମ୍ପାଦକ କଲ୍ୟାଣ ଚୌବେ କହିଛନ୍ତି। ଆସନ୍ତା ନଭେମ୍ବରର ଅନ୍ତିମ ସପ୍ତାହରେ ଗ୍ଲାସ୍‌ଗୋଠାରେ ବସିବାକୁ ଥିବା କମନ୍‌ୱେଲ୍‌ଥ ସ୍ପୋର୍ଟ୍ସର ସାଧାରଣ ସଭାରେ ଆୟୋଜକ ଦେଶର ନାମ ନିର୍ଦ୍ଧାରଣ ହେବ।

## କ୍ରୀଡ଼ା ବିଲ୍ ୬ ମାସରେ କାର୍ଯ୍ୟକାରୀ ହେବ: ମାଣ୍ଡବ୍ୟ

ନୂଆଦିଲ୍ଲୀ,୧୩।୮(ପି.ଟି.): ୨୪ ଘଣ୍ଟା ମଧ୍ୟରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଆଗାମୀ ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ନିୟମ ପ୍ରସ୍ତୁତ କରିବା ଓ ଭିତ୍ତିଭୂମି ଚିହ୍ନଟ କରିବା ଭଳି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର କହିଛନ୍ତି।

'ଏହି ବିଲ୍ ଯଥା ସମ୍ଭବ ଶୀଘ୍ର କାର୍ଯ୍ୟକାରୀ ହେବ। ଆଗାମୀ ୬ ମାସ ମଧ୍ୟରେ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହେବ। ପଦବୀ ସୃଷ୍ଟି ଓ ଅନ୍ୟାନ୍ୟ ପ୍ରଶାସନିକ ମଞ୍ଜୁରୀ ପରେ କର୍ମଚାରୀ ଓ ତାଲିମ ବିଭାଗ ଏବଂ ବ୍ୟୟ ବିଭାଗର ପ୍ରତିଷ୍ଠିତ ପ୍ରକ୍ରିୟାର ପାଳନ କରାଯିବ। ଏନ୍‌ଏସ୍‌ବି ଓ ଏନ୍‌ଏସ୍‌ଟି ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାକୁ ଯଥା ସମ୍ଭବ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆମର ଲକ୍ଷ୍ୟ' ବୋଲି ମାଣ୍ଡବ୍ୟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏଥିସହିତ ସେ ବିଲ୍ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ବିଲ୍‌ରେ ସରକାରଙ୍କୁ ଅନ୍ତର୍ଜାତୀୟ ଅଂଶୀଦାରିତା ଉପରେ ରୋକ ଲଗାଇବାର ଅଧିକାର ଦିଆଯାଇଛି, ଯାହାକୁ କେବଳ ଅସାଧାରଣ ପରିସ୍ଥିତିରେ ବ୍ୟବହାର କରାଯିବ।

# ସାଇ ଇଣ୍ଟରନ୍ୟାଶନାଲ, କିସ୍ ବିଜୟୀ

ଭୁବନେଶ୍ୱର, ୧୩।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ଓ କିସ୍ ସ୍କୁଲ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ଖଣ୍ଡଗିରିର ବିକାଶ ସ୍କୁଲକୁ ୮-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଗସ୍ତ୍ୟ ପଟ୍ଟନାୟକ ୪ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଅଗସ୍ତ୍ୟଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ଦ୍ୱିତୀୟ ମ୍ୟାଚରେ କିଟ୍ ଇଣ୍ଟରନ୍ୟାଶନାଲକୁ କିସ୍ ୧୨-୦ ଗୋଲରେ ହରାଇ ଦେଇଛି। ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ଅତିଥିଭାବେ ଯୋଗଦେଇ କିସ୍

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ**

ଦଳର ମହେଶ୍ୱର ମୁର୍ମୁଙ୍କୁ ପୁରସ୍କୃତ କରିଛନ୍ତି। ସୁଜିତ କୁମାର ପାତ୍ର, ଆଲୋକ ଦେହୁରି, ଦିଗ୍‌ବିଜୟ ଦାସ, ସୁଶାନ୍ତ କୁମାର ମିଶ୍ର, ଶିବ ପ୍ରସାଦ ସାମନ୍ତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଗୁରୁବାର ସାଇ ରେସିଡେନ୍ସିଆଲ ସହ ଡିଏଭି ଚନ୍ଦ୍ରଶେଖରପୁର ଏବଂ ବିକାଶ ରେସିଡେନ୍ସିଆଲ ସହ ୟୁନିଟ-୧ ଜିଏଚ୍‌ଏସମଧ୍ୟରେମୁକାବିଲାହେବ।



ଅଗସ୍ତ୍ୟ ପଟ୍ଟନାୟକ ଓ ମହେଶ୍ୱର ମୁର୍ମୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ରେସ୍‌ଲର ସୁଶୀଲଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ,୧୩।୮(ପି.ଟି.): ସୁପ୍ରିମ୍‌କୋର୍ଟ ବୁଧବାର ପୂର୍ବତନ ଜାତୀୟ ଜୁନିୟର ରେସ୍‌ଲିଂ ଚାମ୍ପିୟନ ସାଗର ଧାଙ୍କରଙ୍କ ହତ୍ୟା ମାମଲାରେ ଅଲିମ୍ପିକ୍ ପଦକଧାରୀ ରେସ୍‌ଲର ସୁଶୀଲ କୁମାରଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଜଷ୍ଟିସ୍ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୪ ତାରିଖରେ ଦିଲ୍ଲୀ ହାଇକୋର୍ଟ ରେସ୍‌ଲରଙ୍କୁ ଦେଇଥିବା ଜାମିନକୁ ରଦ୍ଦ କରିଦେଇଛନ୍ତି। ଦୁଇଥର ଅଲିମ୍ପିକ୍ ପଦକଧାରୀ ରେସ୍‌ଲରଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧ ମେ'ରେ ସୁଶୀଲଙ୍କ ସମେତ ଅନ୍ୟ କେତେଜଣ ନୂଆଦିଲ୍ଲୀସ୍ଥିତ ଛତ୍ରଶାଲ ଷ୍ଟାଡିୟମରେ ସମ୍ପତ୍ତି ବିବାଦ କାରଣରୁ ସାଗରଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସାଗରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ବନ୍ଧୁ ଆହତ ହୋଇଥିଲେ।

## ଇଡି ସମ୍ମୁଖରେ ହାଜର ହେଲେ ରାଇନା

ନୂଆଦିଲ୍ଲୀ,୧୩।୮: ଭାରତର ପୂର୍ବତନ କ୍ରିକେଟର ସୁରେଶ ରାଇନା ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ତାଙ୍କୁ ବେଆଇନ ବେଟିଂ ଆପ୍ ସହ ଜଡ଼ିତ ଟଙ୍କା ହେର୍‌ଫେର୍ ମାମଲାରେ ପଚରାଉଚରା ପାଇଁ ଇଡି ପକ୍ଷରୁ ସମନ ଜାରି କରାଯାଇଥିଲା। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ନିର୍ଦ୍ଦିଷ୍ଟ ବିଜ୍ଞାପନ ମାଧ୍ୟମରେ ବେଟିଂ ଆପ୍ ୧X ବେଟ୍ ସହିତ ତାଙ୍କର ଆର୍ଥିକ କାରବାର ସମ୍ପର୍କରେ ରାଇନାଙ୍କୁ ଇଡି ଅଧିକାରୀ ପଚରାଉଚରା କରୁଛନ୍ତି।

# ସୁମିତ୍ ସଙ୍ଗୱନ ୟୁପି ଯୋଦ୍ଧାସ୍ ଅଧିନାୟକ

ଲକ୍ଷ୍ନୌ, ୧୩।୮

ପ୍ରୋ-କବାଡ଼ି ଲିଗ୍‌ର ୧୨ଶ ସଂସ୍କରଣ ଚଳିତ ମାସ ୨୯ରୁ ଭାଇଜାଗ୍‌ରେ ଆରମ୍ଭ ହେବ। ଏହି ଲୋକପ୍ରିୟ ଲିଗ୍ ପାଇଁ ୟୁପି ଯୋଦ୍ଧାସ୍ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ସୁମିତ୍ ସଙ୍ଗୱନ। ଅଂଶୁ ସିଂଙ୍କୁ ତାଙ୍କ ଡେପୁଟି ରୂପେ ନିଯୁକ୍ତ କରାଯାଇଛି। ଉଭୟ ସୁମିତ୍ ଓ ଅଂଶୁ ହେଉଛନ୍ତି

**ପ୍ରୋ କବାଡ଼ି ଲିଗ୍**

ପ୍ରକୃତ ଯୋଦ୍ଧା ବୋଲି ପ୍ରକାଶ କରିଛନ୍ତି ଦଳର ମୁଖ୍ୟ କୋଚ୍ ଯଶ୍‌ବୀର ସିଂ। ଜିଏମ୍‌ଆର ମାଲିକାନାରେ ଥିବା ୟୁପି ଯୋଦ୍ଧାସ୍ ଦଳରେ ଯୁବ ଖେଳାଳିଭାବେ ସୁମିତ୍ (୨୬ ) ଓ ଅଂଶୁ (୨୭) ସିଜନ ୭ରେ ଯୋଗଦେଇଥିଲେ। ସେବେଠାରୁ ଉଭୟ ଦଳର ଡିଫେନ୍ସିଭ ସେଟ୍‌ଅପ୍‌ରେ ପ୍ରାଚୀର ସଦୃଶ ରହିଛନ୍ତି। ପ୍ରତିଭାବାନ୍ ପଦାର୍ପଣକାରୀରୁ ଲିଡର୍ସ (ଅଧିନାୟକ/ଉପଅଧିନାୟକ) ହେବା ଜିଏମ୍‌ଆର ସ୍ପୋର୍ଟ୍ସର ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀକୁ ପ୍ରମାଣିତ କରିଛି। ସୁମିତ୍ ନିଜର କ୍ଷୀପ୍ରତା, ଟାଇମିଂ ଓ ରଣନୀତି ପାଇଁ ବେଶ୍ ପରିଚିତ। ଗତ କିଛି ସିଜନ ଧରି ସେ ଲିଗ୍‌ର ଟପ୍ ଡିଫେଣ୍ଡର୍ସଙ୍କ ମଧ୍ୟରେ ସ୍ଥାନ ପାଇ ଆସୁଛନ୍ତି। ସେହିପରି ନିଜ କ୍ୟାରିୟର ପ୍ରାରମ୍ଭରେ ଜଣେ କଭର ଡିଫେଣ୍ଡର ଭାବେ ଖେଳୁଥିବା ଅଂଶୁ କ୍ରମେ ଦକ୍ଷତା ଦେଖାଇ ପ୍ରଭାବିତ କରିଥିଲେ। ସୁମିତ୍‌ଙ୍କ ସହ ତାଙ୍କ ପାର୍ଟନରଶିପ୍ ୟୁପି ଯୋଦ୍ଧାସ୍‌ର ରକ୍ଷଣଭାଗକୁ ଦୃଢ଼ କରିଛି।



ସୁମିତ୍ ସଙ୍ଗୱନ ଓ ଅଂଶୁ ସିଂ।

# ସର୍ବଭାରତୀୟ ବୁଚିବାବୁ କ୍ରିକେଟ ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର, ୧୩।୮(ତପନ ସ୍ୱାଇଁ)

ସର୍ବଭାରତୀୟ ବୁଚିବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୮ରୁ ଚେନ୍ନାଇରେ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ୨୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ଗ୍ରୁପ୍ 'ବି'ରେ ରେଲ୍‌ୱେ, ଜମ୍ମୁ-କଶ୍ମୀର ଓ ବରୋଦା ସହ ସ୍ଥାନ ପାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୮ରୁ ୨୦ ମଧ୍ୟରେ ବରୋଦା ବିପକ୍ଷରେ ଖେଳିବ। ଏହାପରେ ୨୨ରୁ ୨୪ ରେଲ୍‌ୱେ ଓ ୨୬ରୁ ୨୮ ଜମ୍ମୁ-କଶ୍ମୀର ସହ ମୁକାବିଲା କରିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବେ। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସେମିଫାଇନାଲ ଏବଂ ସେପ୍ଟେମ୍ବର ୬ରୁ ୯ ଫାଇନାଲ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ, ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନ୍‌ସିଂ ପ୍ରମୁଖ ସପୋର୍ଟ ଷ୍ଟାଫ୍ ଚେନ୍ନାଇ ଯାତ୍ରା କରିବେ। ଓଡ଼ିଶା ଦଳ: କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ୍ ବରାଳ, ସୁମିତ୍ ଶର୍ମା, ଅନିଲ ପରିଡ଼ା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର, ବାଦଲ ବିଶ୍ୱାଳ, ଓମ୍ ଡି. ମୁଣ୍ଡେ, ତରନି ସ', ଶୁଭ୍ରାଂଶୁ ସେନାପତି, ପ୍ରଶାନ୍ତ ରାଣା, ବିନୟ ପାଇକରାୟ, ଆଶୀର୍ବାଦ ସ୍ୱାଇଁ, ଆଶୁତୋଷ ଛୁରିଆ, ସ୍ୱସ୍ତିକ୍ ସାମଲ, ଗୋବିନ୍ଦ ପୋଦାର, ପୀୟୂଷ ପାଣିଗ୍ରାହୀ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ